# ପ୍ରେରଣା

## ଜୁଲାଇ , ୨୦୨୦ ସଂସ୍କରଣ




ପ୍ରତିଷ୍ଠାତା

ଲଳିତକବି ଧ୍ରୁବ ଚରଣ ସ୍ୱାଇଁ

# ପ୍ରେରଣା

## ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

■ ଜୁଲାଇ, ୨୦୨୦ ସଂସ୍କରଣ

**ପ୍ରତିଷ୍ଠାତା**

ଲଳିତକବି ଧ୍ରୁବ ଚରଣ ସ୍ୱାଇଁ

**ସମ୍ପାଦକ**

ଶ୍ରୀ ଦେବୀ ପ୍ରସାଦ ସ୍ୱାଇଁ

**ଆମସହ ଯୋଗାଯୋଗ**

ସମ୍ପାଦକ, ପ୍ରେରଣା ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା
ଜହ୍ନିତଇଳା, ବାରଦା, ଢେଙ୍କାନାଳ
ଇମେଲ୍-editor@preranaodia.com,ଦୂରଭାଷ - 8908279130

# ଛବିଟିଏ ପାଇଁ ପଦଟିଏ

The image speaks...

ଏକ ଛବିର ସୀମିତ ବିଷୟବସ୍ତୁକୁ ନେଇ ପ୍ରତିଯୋଗିତାତ୍ମକ ଭାବ ଦ୍ୱାରା ନୂତନ ସାହିତ୍ୟର ସୃଷ୍ଟି ତଥା ପ୍ରିୟ ଲେଖକ/ଲେଖିକା ମାନଙ୍କ ମନରେ ଓଡିଆ ସାହିତ୍ୟ ପ୍ରତି ଅଧିକ ଉତ୍ସାହ ସୃଷ୍ଟି କରିବା ପାଇଁ "ଛବିଟିଏ ପାଇଁ ପଦଟିଏ" ଏକ କ୍ଷୁଦ୍ର ପ୍ରଚେଷ୍ଟା ।

"ଛବିଟିଏ ପାଇଁ ପଦଟିଏ" ପ୍ରତିଯୋଗିତାର ଜୁଲାଇ - ୨୦୨୦ ସଂସ୍କରଣ ଇତି ମଧ୍ୟରେ ସମାପ୍ତ ହୋଇଅଛି । ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଲେଖକ/ଲେଖିକା ମାନଙ୍କୁ "ପ୍ରେରଣା ପରିବାର" ତରଫରୁ ଅଶେଷ ଧନ୍ୟବାଦ । ପ୍ରିୟ ଲେଖକ/ଲେଖିକା ମାନଙ୍କର ଲେଖନୀ ଦୀର୍ଘଜୀବୀ ହେଉ, ଏହା ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

"ଛବିଟିଏ ପାଇଁ ପଦଟିଏ", ଜୁଲାଇ - ୨୦୨୦ ସଂସ୍କରଣର ବିଜେତା କବୟିତ୍ରୀ ଇପ୍ସିତା ରାୟଙ୍କୁ ଅଭିନନ୍ଦନ । ତାଙ୍କ କଲମରୁ...

ବିତିଯାଏ ସିନା ଦିନ, ରହିଯାଏ ଖାଲି ଚିହ୍ନ
ବୀର ସହିଦଙ୍କ ଅମର କାହାଣୀ ଝୁରିହୁଏ ଖାଲି ମନ ।
ମନେ ପଡିଯାଏ ସେ କାରଗିଲ୍ ଯୁଦ୍ଧ
ଦେଶ ପାଇଁ ଜୀବନ ଦେଲେ କେତେ ସୈନିକ
ବ୍ୟର୍ଥ ନୁହେଁ କେବେ ତୁମ ବଳିଦାନ
ଭାରତମାତାର ତୁମେ ଅମୂଲ୍ୟ ସନ୍ତାନ ॥



ଇପ୍ସିତା ରାୟ

# ଉପକ୍ରମ

ପ୍ରାରମ୍ଭରୁ ଓଡିଆ ସାହିତ୍ୟ ପ୍ରତି ବିଶେଷ ଦୁର୍ବଳତା ନଥିଲେ ମଧ୍ୟ କିଞ୍ଚିତ୍ ଜିଜ୍ଞାସା ନିଶ୍ଚୟ ଥିଲା । ଯେବେ କେବେବି ବାପାଙ୍କର ଲେଖା କିଛି ପଢେ, ତାଙ୍କ ସୃଜନଶୀଳତା ଓ ସାହିତ୍ୟର ବୈସ୍ତୃତ୍ୟ ଦେଖି ଅତି ବିସ୍ମିତ ଲାଗେ । ତାଙ୍କ ଲେଖା ପରି ସୁନ୍ଦର ସାହିତ୍ୟ ଲୋକଲୋଚନରୁ ଅଦୃଷ୍ଟ ରହିଗଲା କେବଳ ସୁଯୋଗ ଏବଂ ପ୍ରୋତ୍ସାହନ ଅଭାବରୁ । ତାଙ୍କ ପରି ଅନେକ ସାହିତ୍ୟ ସାଧକ ବଣମଲ୍ଲୀ ପରି ବଣରେ ଫୁଟି ନିଜର ସୁଗନ୍ଧ ଚତୁଃପାର୍ଶ୍ୱରେ ପ୍ରସାରିତ କରିବା ପୂର୍ବରୁ ଝଡି ଯାଉଛନ୍ତି ।

"ବଣମଲ୍ଲୀ ସମ ଫୁଟି ମୁଁ ବଣରେ
ପଡିବିନି ଆଉ ଝରି ।
ପ୍ରେରଣା ଆଣୁଛି ସାହିତ୍ୟ ସମ୍ଭାର
ରଖିବ ହୃଦୟେ ଭରି ।।"

ଓଡିଆ ସାହିତ୍ୟର ସେହି ଲୁକ୍କାୟିତ ତଥା ଅପ୍ରଶଂସିତ ସ୍ରଷ୍ଟାମାନଙ୍କୁ ସୁଯୋଗ ଦେବା ଏବଂ ସେମାନଙ୍କର ଅପ୍ରକାଶିତ ରଚନା ଗୁଡିକୁ ଲୋକଲୋଚନକୁ ଆଣିବା ପାଇଁ ଏକ ମାଧ୍ୟମ ପ୍ରଦାନ କରିବାର ଏକ କ୍ଷୁଦ୍ର ପ୍ରଚେଷ୍ଟା "ପ୍ରେରଣା" । ଯେକୌଣସି ପ୍ରତିକୂଳ ପରିସ୍ଥିତିରେ ବି ନିର୍ଭୀକ ଭାବରେ ନିଜର କର୍ମ କରି ଚାଲିବା ପାଇଁ ବାପାଙ୍କ ଠାରୁ ଯେଉଁ ପ୍ରେରଣା ମିଳିଥିଲା, ସେହି ପ୍ରେରଣାକୁ ସାହିତ୍ୟପ୍ରେମୀ ବନ୍ଧୁମାନଙ୍କ ସହ ପ୍ରସାର କରି ଓଡିଆ ଭାଷା ସାହିତ୍ୟ ପ୍ରତି ନିଜର ସାମାନ୍ୟତମ ଅନୁଦାନ ଅର୍ପଣ କରିବା ପାଇଁ ହିଁ "ପ୍ରେରଣା"ର ସୃଷ୍ଟି ।

ପ୍ରିୟ ପାଠକ/ପାଠିକାଗଣ ଏହାକୁ ପାଠ କରି କିଞ୍ଚିତ୍ ଆନନ୍ଦ ଅନୁଭବ କଲେ ମୋର ଶ୍ରମ ସାର୍ଥକ ହେବା ଆଶାକରେ ।

**- ସମ୍ପାଦକ**

# କୃତଜ୍ଞତା ଜ୍ଞାପନ

ମୋର ପ୍ରିୟ ବନ୍ଧୁ ଶ୍ରୀ ବିଭୁଶ୍ରୀ ମିଶ୍ର, ଶ୍ରୀ ସନ୍ତୋଷ ସାଗର ମିଶ୍ର, ଶ୍ରୀ ସନାତନ ସାହୁ ଓ ଶ୍ରୀ ହୃଦୟାନନ୍ଦ ପଧାନ ପ୍ରମୁଖ ଯେଉଁ ମହୋଦୟ ମାନଙ୍କ ପ୍ରେରଣା ଓ ସାହାଯ୍ୟ ଆଜି ମୋତେ ମୋ ଗନ୍ତବ୍ୟ ପଥରେ ଆଗେଇ ନେଉଛି, ସେମାନଙ୍କ ନିକଟରେ ମୁଁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଅଛି ।

**। ଇତି ।**

**ସମ୍ପାଦକ**

# ପ୍ରେରଣା ଇ-ପତ୍ରିକା ପ୍ରକାଶନର ନିୟମାବଳୀ :

- ପ୍ରେରଣା ଇ-ପତ୍ରିକା ଏକ ମାସିକ ସଂସ୍କରଣ ହୋଇଥିବାରୁ ପ୍ରିୟ ଲେଖକ/ଲେଖିକା ମାନେ ପ୍ରତି ମାସରେ ପ୍ରକାଶଯୋଗ୍ୟ ନିଜସ୍ୱ ଲେଖା ପଠାଇ ପାରିବେ ।
- ପ୍ରକାଶନ ପାଇଁ ପ୍ରେରିତ ଲେଖା ଗୁଡିକର ନକଲକୁ ଲେଖକ/ଲେଖିକା ମାନେ ନିଜ ପାଖରେ ସରଂକ୍ଷିତ କରି ରଖିବା ପାଇଁ ଅନୁରୋଧ । କାରଣ ଅମନୋନିତ ଲେଖା ଗୁଡିକ ଫେରସ୍ତ ହେବାର ବ୍ୟବସ୍ଥା ନାହିଁ ।
- ବର୍ତ୍ତମାନ ପ୍ରେରଣା ଇ-ପତ୍ରିକା ମୁଖ୍ୟତଃ ପଦ୍ୟ ଏବଂ ଗଦ୍ୟ ଏହି ଦୁଇଟି ବିଭାଗକୁ ନେଇ ଗଠିତ ହୋଇଥିବାରୁ ପ୍ରତି ସଂସ୍କରଣ ପାଇଁ ପ୍ରିୟ ଲେଖକ/ଲେଖିକା ମାନେ ଅତିବେଶିରେ କେବଳ ଦୁଇଟି (ଗୋଟିଏ ପଦ୍ୟ ଏବଂ ଗୋଟିଏ ଗଦ୍ୟ ) ଲେଖା ପଠାଇ ପାରିବେ ।

- ପ୍ରିୟ ଲେଖକ/ଲେଖିକା ମାନେ ନିଜସ୍ୱ ଲେଖା ପଠାଇବା ପାଇଁ www.preranaodia.com ରେ ଉପଯୁକ୍ତ ତଥ୍ୟ ପ୍ରଦାନ କରିବା ସହ ନିଜସ୍ୱ ଲେଖାକୁ ଓଡିଆରେ ଟାଇପ୍ କରିବା ଆବଶ୍ୟକ ।

- ପ୍ରତି ସଂସ୍କରଣ ପାଇଁ କେବଳ ଏହି ପଞ୍ଜୀକରଣ ଦ୍ୱାରା ଲେଖା ଗ୍ରହଣଯୋଗ୍ୟ ଅଟେ । ସୁତରାଂ ପ୍ରତି ସଂସ୍କରଣ ପାଇଁ ଲେଖକ/ଲେଖିକା ମାନେ ଲେଖାକୁ www.preranaodia.com ମାଧ୍ୟମରେ ପଠାଇବାକୁ ପଡିବ ।

- ପ୍ରିୟ ଲେଖକ/ଲେଖିକା ମାନେ ପଞ୍ଜୀକରଣ ଫର୍ମରେ ପ୍ରଦତ୍ତ ସ୍ଥାନରେ ନିଜସ୍ୱ ଲେଖାକୁ ଓଡିଆରେ ଲେଖି ପାରିବେ । ପଞ୍ଜୀକରଣ ସମୟରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ଆମ ସହ ଯୋଗାଯୋଗ କରିବାକୁ ଅନୁରୋଧ ।

- ଇ-ମେଲ କିମ୍ବା ହ୍ୱାଟସ୍ଆପ୍ ଦ୍ୱାରା ପ୍ରେରିତ ଲେଖା ଗ୍ରହଣୀୟ ନୁହେଁ । ତେଣୁ ସହୃଦୟ ଲେଖକ/ଲେଖିକା ମାନେ ଲେଖା ପଠାଇବା ପାଇଁ ଏହାର ବ୍ୟବହାର ନ କରିବା ପାଇଁ ବିଶେଷ ଅନୁରୋଧ ।

- ପ୍ରିୟ ଲେଖକ/ଲେଖିକା ମାନଙ୍କୁ ବିଶେଷ ଅନୁରୋଧ – ଏକ ସମୟରେ ଅନ୍ୟ କୌଣସି ପତ୍ରିକାକୁ ପ୍ରକାଶ କରିବା ପାଇଁ ପଠାଇଥିବା ଲେଖା "ପ୍ରେରଣା"କୁ ପଠାନ୍ତୁ ନାହିଁ କିମ୍ବା "ପ୍ରେରଣା"କୁ ପଠାଇଥିବା ଲେଖା ଅନ୍ୟ କୌଣସି ପତ୍ରିକାକୁ ପଠାନ୍ତୁ ନାହିଁ ।

- ଲେଖା ଚୟନ କେବଳ ସମ୍ପାଦନା ମଣ୍ଡଳୀ ଦ୍ୱାରା ସ୍ଥିରୀକୃତ ହୋଇଥାଏ । ଲେଖକ/ଲେଖିକା ମାନେ ଏହା ଉପରେ କୌଣସି ଅଭିଯୋଗ ରଖିପାରିବେ ନାହିଁ । ଲେଖାଗୁଡିକ କୌଣସି ଧର୍ମ ବହିଃର୍ଭୂତ ତଥା ବିରୋଧୀ ତତ୍ତ୍ୱ ଉପରେ ଆଧାରିତ ନ ହେବା ଆବଶ୍ୟକ ।

- ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ଲେଖା ତଥା ଏହାର ୱେବସାଇଟରେ ପ୍ରଦତ୍ତ ତଥ୍ୟ ସମ୍ପାଦକଙ୍କ ଅନୁମତି ବିନା କୌଣସି ପତ୍ର-ପତ୍ରିକାରେ ପ୍ରକାଶିତ ହେବା ଅପରାଧ ବୋଲି ବିବେଚନା କରାଯିବ । ସୁତରାଂ ଏଥି ନିମନ୍ତେ ସମ୍ପାଦକଙ୍କ ଠାରୁ ଲିଖିତ ଅନୁମତି ଆବଶ୍ୟକ ।

- ଏହି ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଉଭୟ ପ୍ରକାଶକ ଏବଂ ଲେଖକ/ଲେଖିକା ମାନଙ୍କ ପାଖରେ ସର୍ବଦା ସରଂକ୍ଷିତ ।

- ନିଜସ୍ୱ ଲେଖାକୁ ସୋସିଆଲ ମିଡିଆ/ନେଟୱର୍କରେ ପ୍ରଚାର ଏବଂ ପ୍ରସାର ନିମନ୍ତେ ସେୟାର୍ କରିବାର ସମ୍ପୂର୍ଣ୍ଣ ଅଧିକାର ପ୍ରିୟ ଲେଖକ/ଲେଖିକା ମାନଙ୍କର ଅଛି ।

ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଲେଖକ/ଲେଖିକା ମାନଙ୍କର ନିଜସ୍ୱ ସୃଷ୍ଟି ହୋଇଥିବାରୁ ଯେକୌଣସି ବାଦାନୁବାଦ ପାଇଁ କେବଳ ଲେଖକ/ଲେଖିକା ମାନେ ଉତ୍ତରଦାୟୀ ରହିବେ । ଏଥିରେ ପ୍ରକାଶକ, ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

# ସମ୍ପାଦକୀୟ...



ଦେବୀ ପ୍ରସାଦ ସ୍ୱାଇଁ



ଯାହାଙ୍କ କରୁଣାରୁ ଧରାପୃଷ୍ଠରେ ଜନ୍ମଲାଭ କରି ବଞ୍ଚିବାର ଅଧିକାର ପାଇଛେ । ଯେଉଁମାନଙ୍କ ହାତଧରି ଚାଲିବା ଶିଖିଛେ । ଯାହାଙ୍କ ନିଷ୍ଠା ଓ ତ୍ୟାଗ ଅତୁଳନୀୟ । ଯେଉଁମାନଙ୍କୁ ଜୀବନର ପ୍ରଥମ ଗୁରୁର ମାନ୍ୟତା ଦିଆଯାଏ । ଯେଉଁମାନେ ଚଳନ୍ତି ଦେବତା ଭାବେ ପୂଜା ପାଇଥା'ନ୍ତି । ଯେଉଁମାନଙ୍କ ହୃଦୟ ପୃଥିବୀ ଠାରୁ ବଡ଼ ଓ ଧୈର୍ଯ୍ୟ ଆକାଶ ସମ ଅସୀମ ସେହି ପରମ ପୂଜ୍ୟସ୍ପଦ ପିତୃଦେବ ଓ ମାତୃଦେବୀଙ୍କ ପ୍ରତି ଥିବା କର୍ତ୍ତବ୍ୟ ଏଠି ଆଲୋଚ୍ୟର ବିଷୟ ।

ପୌରାଣିକ ମତ ଅନୁସାରେ ଦେବ ଦୁର୍ଲଭ ମାନବ ଜନ୍ମ ବହୁ ଜନ୍ମର ସଂସ୍କାରିତ ଫଳ ସ୍ୱରୂପ ପ୍ରାପ୍ତ ହୋଇଥାଏ । ବୁଦ୍ଧି ଓ ବିବେକର ସାମଞ୍ଜସ୍ୟ ହେତୁ ଏହାକୁ ଶ୍ରେଷ୍ଠ ଜନ୍ମ ଭାବେ ବିବେଚନା କରାଯାଏ । ମାତୃଗର୍ଭରୁ ମାନବ ଶିଶୁଟିଏ ଜନ୍ମଲାଭ କରୁଥିବାରୁ ସନ୍ତାନ ପ୍ରସବା ନାରୀକୁ



ଗୌରବିଣୀର ଆଖ୍ୟା ମିଳିଥାଏ । ଶିଶୁଟିଏ ପିତାମାତାଙ୍କୁ ଜୀବନର ପ୍ରଥମ ଗୁରୁ ରୂପେ ପାଇ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବଡ ହୋଇଥାଏ । କ୍ରମଶଃ ବୟସ ବଢିବା ସହିତ ଉଚ୍ଚ ଶିକ୍ଷା ଲାଭକରି ଧନ ଉପାର୍ଜନ କରିଥାଏ । ପିତାମାତାଙ୍କର ତ୍ୟାଗ ଓ କର୍ତ୍ତବ୍ୟର ନିଦର୍ଶନ ସ୍ୱରୂପ ଏହା ସମ୍ଭବ ହୋଇଥାଏ । ଖାଲି ଯେ ସନ୍ତାନଟିଏ ଉପାର୍ଜନକ୍ଷମ ହେବା ପର୍ଯ୍ୟନ୍ତ ପିତାମାତା ନିଜର କର୍ତ୍ତବ୍ୟ କରିଥାନ୍ତି ତାହା ନୁହେଁ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ଏହାକୁ ସେ ନିଜର କର୍ମ ବୋଲି ଭାବି ନିଜର କର୍ତ୍ତବ୍ୟ ସମ୍ପାଦିତ କରିଥାନ୍ତି । ତେଣୁ ସନ୍ତାନଟିଏ ହିସାବରେ ସେମାନଙ୍କ ପ୍ରତି ଥିବା କର୍ତ୍ତବ୍ୟକୁ କଦାପି ଭୁଲିଯିବା ଉଚିତ୍ ନୁହଁ । କିନ୍ତୁ କେତକ କ୍ଷେତ୍ରରେ ବର୍ତ୍ତମାନର ଉଚ୍ଚ ଶିକ୍ଷିତ ସମାଜ ଏହାକୁ ପାଳନ କରିବାରେ ଅସମର୍ଥ ହେଉଥିବା ପରି ମନେହୁଏ ।

ମନୁସଂହିତାରେ ସ୍ପଷ୍ଟଭାବେ ଉଲ୍ଲେଖ ଅଛି ଯେ, ଈଶ୍ୱର କୌଣସି ମୂର୍ତ୍ତି କିମ୍ବା ମନ୍ଦିରରେ ସୀମିତ ନୁହଁନ୍ତି । ଶ୍ରଦ୍ଧା ସହକାରେ ଜୀବିତାବସ୍ଥାରେ ପିତାମାତାଙ୍କ ସେବା ତଥା ତୃପ୍ତି ସାଧନ କରିବାକୁ ଶ୍ରାଦ୍ଧ ତର୍ପଣ କୁହାଯାଏ । ତେଣୁ ଯଥାର୍ଥରେ କୁହାଯାଇଛି... ପୁତ୍ର ପିଣ୍ଡ ପ୍ରୟୋଜନମ୍"


କଥାରେ ଅଛି ମନୁଷ୍ୟ ଜୀବନ ଏକ ଚକ୍ର ସଦୃଶ । ଯେପରି ଆରମ୍ଭ ହୋଇଥାଏ ସେହିପରି ଶେଷ ହୋଇଯାଏ । ପିଲାବେଳର ଅଜ୍ଞାନତା ଗୁଣ ବୃଦ୍ଧାବସ୍ଥାରେ ମଧ୍ୟ ପରିଲକ୍ଷିତ ହୋଇଥାଏ । ଏହି ଅବସ୍ଥାରେ ଶରୀର ତଥା ପିଣ୍ଡ ଦୁର୍ବଳ ହୋଇଯାଏ । ଅନ୍ୟ ଉପରେ ନିର୍ଭରଶୀଳ ହେବାକୁ ପଡିଥାଏ । ତେଣୁ ତାଙ୍କର ପିଣ୍ଡକୁ ରକ୍ଷଣାବେକ୍ଷଣ ପାଇଁ ସନ୍ତାନର ଆବଶ୍ୟକତା ଥାଏ । କିନ୍ତୁ ମୃତ୍ୟୁ ପରେ ଶ୍ରାଦ୍ଧ ତର୍ପଣ ଦ୍ୱାରା ସେମାନଙ୍କର ଆତ୍ମାତୃପ୍ତି କରିବା ଏକ ଅପଚେଷ୍ଟା ମାତ୍ର । ତେଣୁ ଜୀବିତାବସ୍ଥାରେ ସେମାନଙ୍କ ସେବା ଶୁଶ୍ରୁଷା କରିବା ସନ୍ତାନର ପରମ କର୍ତ୍ତବ୍ୟ ଅଟେ ।

ଆଧୁନିକ ସମାଜରେ ଅନେକ ପିତାମାତା ଅବହେଳାର ଶିକାର ହେଉଥିବାର ଦେଖାଯାଏ । ସବୁଠାରୁ ବେଶି ଆଶ୍ଚର୍ଯ୍ୟ ଲାଗେ ଯେତେବେଳେ ଦୁଇ କିମ୍ବା ତତୁର୍ଦ୍ଧ୍ୱ ସନ୍ତାନ ଥିବା ପିତାମାତା ସାପ୍ତାହିକ, ପାକ୍ଷିକ କିମ୍ବା ମାସିକ ପାଳି ଦ୍ୱାରା ନିଜର ସନ୍ତାନମାନଙ୍କ ଠାରୁ ଖାଦ୍ୟ ଗ୍ରହଣ କରିଥା'ନ୍ତି । ସନ୍ତାନଟିଏ ପିତାମାତା ଭୋକିଲା ଥିଲେ ମଧ୍ୟ ନିଜର ପାଳି ନଥିଲେ ଖାଦ୍ୟ ଦେଇନଥାଏ । ଏହି ଖରାପ ଗୁଣଟି ଯେ ନିଜ ସନ୍ତାନ ଶିଖୁଅଛି ଏହା ସେ ଜାଣିପାରେ ନାହିଁ । ସେହି ସନ୍ତାନମାନେ ହୃଦୟଙ୍ଗମ କରିବା ଉଚିତ ଯେ, ଯେତେବେଳେ ସେମାନେ ମାତୃବକ୍ଷରୁ ଦୁଗ୍ଧପାନ କରୁଥିଲେ ସେତେବେଳେ ମା' କ'ଣ ସେମାନଙ୍କୁ ସାପ୍ତାହିକ କିମ୍ବା ପାକ୍ଷିକ ହିସାବରେ ସ୍ତନପାନ କରାଉଥିଲା ! ତେବେ ଏ କୁତ୍ସିତ ଚିନ୍ତାଧାରା କାହିଁକି ? ସମ୍ପତ୍ତି ଦୁଇଭାଗ

ହେଲାପରି ଚଳନ୍ତି ଦେବତା ପିତାମାତା ଦୁଇଭାଗ ହେବେ କାହିଁକି ? ଜଣେ ସନ୍ତାନ ନିଜର ସାଧ୍ୟ ଅନୁସାରେ ସେମାନଙ୍କର ଭରଣ ପୋଷଣର ଦାୟିତ୍ୱ ନେବାକୁ ଏତେ କୁଣ୍ଠାବୋଧ କାହିଁକି ? ଏହି କାହିଁକିର ଉତ୍ତର ବୋଧେ ତଥାକଥିତ ସଭ୍ୟ ସମାଜ କେବେ ଖୋଜିବାକୁ ଚେଷ୍ଟା କରିନି । ନଚେତ୍ ଏହିଭଳି କୁତ୍ସିତ ପ୍ରଥା ସମାଜରୁ କେବେଠୁଁ ଲୋପ ପାଇ ସାରନ୍ତାଣି ।

*****

ଧ୍ରୁବତାରା ପବ୍ଲିକେଶନର ପ୍ରଥମ ପୁସ୍ତକ "ସପ୍ତଶଯ୍ୟା"କୁ ଅର୍ଡର କରିବା ପାଇଁ ଏଠାରେ କ୍ଲିକ୍ କରନ୍ତୁ ।




ଧ୍ରୁବତାରା ପବ୍ଲିକେଶନସ୍

# ସୂଚୀପତ୍ର


| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| | ଅନ୍ତରଙ୍ଗ ଆଳାପ | | ୨୧ |
| | **ପଦ୍ୟ ବିଭାଗ** | | |
| ୧. | ସଂଯୁକ୍ତା | ଲଳିତକବି ଧ୍ରୁବ ଚରଣ ସ୍ୱାଇଁ | ୨୫ |
| ୨. | କେତେ ଗୁମାନରେ ଅଭିମାନ | ଅଲେଖ ଚନ୍ଦ୍ର ବେହେରା | ୨୭ |
| ୩. | ବନ୍ଧନ ମୁକ୍ତ | ପ୍ରୀତିସୀମା ସ୍ୱାଇଁ | ୨୯ |
| ୪. | ମୁଁ | ମୋନାଲିସା ବେହେରା | ୩୧ |
| ୫. | ପରିଚୟ | ପ୍ରଜ୍ଞା ପାରମିତା ମହାନ୍ତି | ୩୪ |
| ୬. | "ପ୍ରେରଣା" ପାଇଁ ପଦେ | ଜ୍ୟୋତି ପ୍ରକାଶ ସାହୁ | ୩୬ |
| ୭. | ଏଣିକି | ପୁଷ୍ପାଞ୍ଜଳି ପଣ୍ଡା | ୩୮ |
| ୮. | କିମ୍ବଦନ୍ତୀ | ଶୁଭଶ୍ରୀ ପଣ୍ଡା | ୪୦ |

| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୯. | ଆତ୍ମସନ୍ଧାନ | ବିଶ୍ୱଶ୍ରୀ ଦାସ | ୪୪ |
| ୧୦. | ବିରହ ବ୍ୟଥା | ଶୁଭଲକ୍ଷ୍ମୀ ଦାସ | ୪୬ |
| ୧୧. | ରୂପ ଯୌବନ | ନୂତନ କୁମାର ବେହେରା | ୪୮ |
| ୧୨. | ଜୀବନର ପରିଭାଷା | ମନସ୍ୱିନୀ ମିଶ୍ର | ୫୨ |
| ୧୩. | ଖଦ୍ୟୋତ | ଅମରନାଥ ବାରିକ୍ | ୫୪ |
| ୧୪. | କବି ଓ କବିତା | ରୋଜା ପଣ୍ଡା | ୫୭ |
| ୧୫. | ସ୍ମୃତି ଭିଜା ଏକ ସନ୍ଧ୍ୟା | ପୂର୍ଣ୍ଣିମା ରାଣୀ ସାହୁ | ୫୯ |
| ୧୬. | ମୁଁ ନାରୀ | ତେଜସ୍ୱିନୀ ସାମଲ | ୬୧ |
| ୧୭. | ଅଭିନନ୍ଦନ | ରାଧାମୋହନ ପୂଜାହାରୀ | ୬୪ |
| ୧୮. | ଅସମ୍ଭବ କିଛି ନୁହେଁ | ସମ୍ବିତ ସତ୍ୟପ୍ରକାଶ ମିଶ୍ର | ୬୭ |
| ୧୯. | ଏଇ ମୋ ଭାରତ ବର୍ଷ | ବିଶ୍ୱ ରଞ୍ଜନ ତ୍ରିପାଠୀ | ୬୯ |
| ୨୦. | ନୂଆ ବରଷ ୨୦୨୦ | ସୁଚିସ୍ମିତା ବେହୁରିଆ | ୭୨ |
| ୨୧. | ସମୟ | ଅଲିଭା ସାହୁ | ୭୩ |

| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୨୨. | ଲୋଡ଼ା ନାହିଁ ମୋ'ର | ବନାଲୀ ଦାଶ | ୭୫ |
| ୨୩. | ବୟସର ଅପରାହ୍ନେ | ସାବିତ୍ରୀ ମହାପାତ୍ର | ୭୭ |
| ୨୪. | ଆଶ୍ୱାସନା | ଅନାମ ଚରଣ ସାହୁ | ୭୯ |
| ୨୫. | ଆଜି ବି ଖୋଜେ ମୁଁ ତୁମକୁ | ରାମ ଚନ୍ଦ୍ର ପ୍ରଧାନ | ୮୧ |
| ୨୬. | ପଲ୍ଲୀ ପ୍ରଭାତ | ଚିତ୍ତରଂଜନ ବାରିକ | ୮୪ |
| ୨୭. | ବାହୁଡା | ବିଶ୍ୱରଞ୍ଜନ ଦାଶ | ୮୬ |
| ୨୮. | ମୋର୍ ଭାରତ୍ ମହାନ୍ | ରମଣିକାନ୍ତ ସାହୁ | ୮୮ |
| ୨୯. | ବିଦାୟ ବିଜୟ | ହୃଦୟାନନ୍ଦ ପଧାନ | ୯୦ |
| ୩୦. | ମୋ  କର୍ମଭୂମି | ସରିତା ନନ୍ଦ | ୯୨ |
| ୩୧. | ମାଆ ଯୁଗେ ଯୁଗେ ମାଆ | ରଞ୍ଜନ କୁମାର ଭୁକ୍ତା | ୯୫ |
| ୩୨. | ପ୍ରେରଣା | ନିରୂପମା ନାୟକ | ୯୮ |
| | **ଗଦ୍ୟ ବିଭାଗ** | | |
| ୩୩. | ଅନୁତାପ | ତପସ୍ୱିନୀ ଦାଶ ଷଡଙ୍ଗୀ | ୧୦୧ |

| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୩୪. | ସ୍ୱୟଂସିଦ୍ଧା | ରୋଜା ପଣ୍ଡା | ୧୦୬ |
| ୩୫. | ବିସ୍ମୃତି ଗର୍ଭର ଐତିହ୍ୟ - ରାଣିପୁର ଝରିଆଲ | ସୌଭାଗ୍ୟ ରଞ୍ଜନ ମହାପାତ୍ର | ୧୧୨ |
| ୩୬. | କରୋନା କାଳରେ କାଳିଆର ଲୀଳା | ଐଶ୍ୱରିକା ସାହୁ | ୧୨୩ |
| ୩୭. | ଈଶ୍ୱର ମୁଁ ଆଉ ସେମାନେ.. | ଶିବ ଚରଣ ମହାପାତ୍ର | ୧୨୮ |
| ୩୮. | ଦୋଦୋପାଞ୍ଚ | ସୁନିତା ସାହୁ | ୧୩୪ |
| ୩୯. | ରଫ୍ ଖାତା | ପଲ୍ଲବୀ ବାରିକ୍ | ୧୩୮ |
| ୪୦. | ଅଭିଶପ୍ତ ପ୍ରେମିକା | ସତ୍ୟ ରଞ୍ଜନ ମିଶ୍ର | ୧୪୩ |


*****

# ଅନ୍ତରଙ୍ଗ ଆଳାପ

## ସଂକ୍ଷେପରେ କବୟିତ୍ରୀ ...



**ନାମ :** ତେଜସ୍ୱିନୀ ସାମଲ

**ଜନ୍ମ ତାରିଖ :** ୭ ମଇ

**ବର୍ତ୍ତମାନ ଠିକଣା :** ରାଜକନିକା, କେନ୍ଦ୍ରାପଡ଼ା

**ଶିକ୍ଷା :** ଓଡିଆରେ ସ୍ନାତକୋତ୍ତର, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଳାଭୂଷଣ ଉପାଧି ପ୍ରାପ୍ତ (Mphil), ଫକୀରମୋହନ ବିଶ୍ୱବିଦ୍ୟାଳୟ ।

**୧. ପ୍ରିୟ ପୁସ୍ତକ :** ଶ୍ରୀରାଧା, ମଲାଜହ୍ନ, ଅମାବାସ୍ୟାର ଚନ୍ଦ୍ର ।

**୨. ପ୍ରିୟ ଲେଖକ/ଲେଖିକା :** ବିଣାପାଣି ମହାନ୍ତି, ପ୍ରତିଭା ରାୟ, ବିଭୂତି ପଟ୍ଟନାୟକ, ଜ୍ଞାନୀ ଦେବାଶିଷ ମିଶ୍ର ଓ ଗୋବିନ୍ଦ ଚନ୍ଦ୍ର ଦାସ ।

**୩. ଆପଣଙ୍କ ପ୍ରେରଣାର ଉତ୍ସ :** କଲେଜ ସମୟରୁ କିଛି କିଛି ଲେଖୁଥିଲି କିନ୍ତୁ ଏହାକୁ ଗଭୀର ଭାବରେ ନେଇ ନଥିଲି ମତେ ସାହିତ୍ୟ କ୍ଷେତ୍ରରେ ପ୍ରେରଣା ମୋ ବାପା ଓ ମା ଦେଇଛନ୍ତି । କୁହନ୍ତି ସାଙ୍ଗ ସାଥି ସହକର୍ମୀ ମାନଙ୍କ

ପ୍ରେରଣା ଆଗକୁ ପଥ କଢାଏ ସେହିପରି ମୋ ବନ୍ଧୁ ଚନ୍ଦ୍ର (ଯଯାତି) ଓ ସହକର୍ମୀ ଅଧ୍ୟାପକ ସଂଗ୍ରାମ ସାରଙ୍କ ପ୍ରେରଣା ସାହିତ୍ୟକୁ ଆପଣେଇ ନେବାରେ ପ୍ରେରିତ କରିଛି । ପର ମୁହୂର୍ତ୍ତରେ ରେଡିଓ ଲଭବାର୍ଡର ମୁଖ୍ୟ ତାପସ ସାରଙ୍କ ସ୍ନେହ ଓ ପ୍ରେରଣା ଦ୍ୱାରା ନିଜ ଲେଖନୀ ମାଧ୍ୟମରେ ଲୋକ ଲୋଚନକୁ ଆସିବାର ଚେଷ୍ଟା ବଜାୟ ରଖିଛି ।

**୪. ଆପଣଙ୍କ ସାହିତ୍ୟ ଜଗତରେ ପ୍ରବେଶ ଓ ସାହିତ୍ୟ ସର୍ଜନା ବିଷୟରେ ସମ୍ୟକ ବିବରଣୀ :** ସାହିତ୍ୟ ଯଦି ବିଶାଳ ସାଗର ହୁଏ ତେବେ ମୁଁ ବାଲି ରଗଡା ମାତ୍ର । ତା ଭିତରେ ପଶିବାର ସାମର୍ଥ୍ୟ ବା ଶକ୍ତି ମୋର ନାହିଁ ମାତ୍ର ତାହା ସୌନ୍ଦର୍ଯ୍ୟକୁ ଅନୁଭବ କରିପାରୁଥିବା ମଣିଷଟିଏ ମୁଁ । ଏ ବିଶାଳ ମହୀ ସଭିଙ୍କୁ ଆପଣେଇ ନେଇଛି ମତେ ବି । ବାସ ଆଖପାଖରେ ଘଟୁଥିବା ଘଟଣା ଅନୁଭୂତିକୁ ନେଇ ଯଦି ମନରେ ପ୍ରତିକ୍ରିୟା ହେଲା ତେବେ କଳ୍ପନାର ପୁଟ ଦେଇ ବାସ୍ତବତାର ରୂପ ନେଇ କଲମରୁ ଝରିଆସେ । ସାହିତ୍ୟକୁ ସୃଷ୍ଟି କରିବାର କଳା ମୋ ପାଖରେ ନାହିଁ କେବଳ ସାହିତ୍ୟର ମଧୁର ରସକୁ ପାନ କରିବାକୁ ଇଚ୍ଛା ।

**୫. ଆପଣଙ୍କ ମତରେ ବର୍ତ୍ତମାନ ସମାଜରେ ସାହିତ୍ୟର ସ୍ଥିତି :**

ସାହିତ୍ୟ ଓ ସମାଜ ପରସ୍ପର ଅଙ୍ଗୀକାର ବଦ୍ଧ । ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ସଦୃଶ । ସମାଜରେ ଘଟୁଥିବା ଘଟଣାମାନ ସାହିତ୍ୟ ମାଧ୍ୟମରେ

ଲୋକଲୋଚନକୁ ଆସେ । ମୋ ମତରେ ବର୍ତ୍ତମାନ ବିଭିନ୍ନ ପତ୍ର ପତ୍ରିକା, ଖବରକାଗଜ ପ୍ରକାଶ ହେଉଥିଲେ ମଧ୍ୟ ପାଠକ ପାଠିକା ସୋସିଆଲ୍ ମିଡିଆ ଦ୍ୱାରା ସବୁକିଛି ଜାଣିପାରୁଛନ୍ତି । ଯାହା ଦ୍ୱାରା ପୁସ୍ତକ ପଢିବାର ଆଗ୍ରହ କମି କମି ଯାଉଛି । ତା ଛଡା ଅନେକ ଲେଖକ ଲେଖା ପ୍ରକାଶ ପାଇବା ସୁଯୋଗ ଅଭାବରୁ ଲୋକଲୋଚନକୁ ଆସିପାରୁ ନାହାନ୍ତି । ସେ ଯାହା ହେଉନା କାହିଁକି ଲୋକେ ସାହିତ୍ୟକୁ ଅଧିକରୁ ଅଧିକ ଭଲପାନ୍ତୁ ଆଦର କରନ୍ତୁ । ଏହା ସର୍ବସାଧାରଣଙ୍କ ପାଖେ ପହଞ୍ଚି ଲୋକଙ୍କ ମନରେ ଆନନ୍ଦ ଉଲ୍ଲାସ ଭରିବାରେ ସହାୟ ହେଉ ଏତିକି କାମନା ।

**୬. ପ୍ରେରଣା ଇ-ପତ୍ରିକା ବିଷୟରେ କ'ଣ କହିବେ :** ପ୍ରେରଣା ପତ୍ରିକା କେବଳ ଗୋଟିଏ ପତ୍ରିକା ନୁହେଁ ଏହା କୋଣ ଅନୁକୋଣରେ ଲୁଚିରହିଥିବା ପ୍ରତିଭା ମାନଙ୍କୁ  ଆଣି ନିଜସ୍ୱ ପରିଚୟ ଦେଉଛି ଯଦ୍ୱାରା ବଣମଲ୍ଲୀ ବଣରେ ଫୁଟି ଝଡି ପଡିବା ପୂର୍ବରୁ ସମଗ୍ର ବିଶ୍ୱକୁ ତା ବାସ୍ନାର ମହକରେ ମହକେଇ ଦେଉଛି । କେବଳ ସେତିକି ନୁହେଁ ଏହା ଏପରି ଏକ ମଞ୍ଚ ଯିଏ ସାରସ୍ୱତ ପ୍ରତିଭା ମାନଙ୍କୁ ଉତ୍ସାହିତ କରି ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରି ସଫଳତାର ପାହାଚ ଚଢିବାରେ ସକ୍ଷମ ହୋଇପାରିଛି । ତତ୍ ସହିତ ନିଜର କୌଶଳ ଦ୍ୱାରା ଜ୍ଞାନକୁ ଦ୍ୱିଗୁଣିତ କରିବାରେ ସହାୟକ ହେଉଛି ।

*****

# ପଦ୍ୟ ବିଭାଗ

**ମୁଁ :**

ମୂର୍ଚ୍ଛନା ତୋଳିଲି ଯା' ଅସ୍ଥିତ୍ୱର,
ମୀମାଂସକ ସାଜିଲି ସେ ତତ୍ତ୍ୱର,
ମୋହର ଲାଗିଲା ସେଠି ସତ୍ତ୍ୱର,
ମାୟା ରଚାଇଲି ମୋ ସତ୍ୟର ।

**ତୁମେ :**

ତୁଚ୍ଛ କରିଦେଲା ସେ ଯେ ନିମିଷେ,
ତୀର୍ଯ୍ୟକ ହାଣିଲା ତା'ର ପ୍ରକାଶେ,
ତୁଳନା ଏ ଯାହା ଦୁଇ ପୁରୁଷେ,
ତୀବ୍ରରୁ ତୀବ୍ରତର ପକ୍ଷେ ଆସେ ।

**ଆମେ :**

ଆରମ୍ଭିବା ନୂଆ ଏକ ଅଧ୍ୟାୟ,
ଅସମାପ୍ତ ଥିଲା ଯା' ପରିଚୟ,
ଅପର୍ଯ୍ୟାପ୍ତ ଅଣ ପୁରୁଷକାୟ,
ଆଉ ନୁହେଁ କେହି ଯେ ଅସହାୟ ।

**- ପ୍ରଜ୍ଞା ପାରମିତା ମହାନ୍ତି**

# ସଂଯୁକ୍ତା



ଲଳିତକବି ଧ୍ରୁବ ଚରଣ ସ୍ୱାଇଁ

ପ୍ରତି ଶୃଙ୍ଗାଟକ ମୁଖରିତ ହେଉ-
ଥିଲା ଗୀତ-ବାଦ୍ୟତାନେ ।
ନୃତ୍ୟ କରୁଥିଲେ ରାଜାଦେଶେ ରାଜ-
ପ୍ରିୟ ବାରଙ୍ଗନାମାନେ ॥

ଖଡି-ଶୈଳ ପ୍ରାୟେ ଦିଶୁଥିଲା ଦୂରୁଁ
ଶୁଭ୍ରତାମ୍ବୁ ନିକେତନ ।
ଧାଡି ଧାଡି ହୋଇ ଉଡୁଥିଲା ନଭେ
ବିବିଧ ରଙ୍ଗକେତନ ॥

ନୃପତି ଭବନ ଦିଶେ ଶୋଭାବନ
ସତେ ଇନ୍ଦ୍ରପୁର ଅବା ।

ପ୍ରବାଳ ସ୍ତମ୍ଭରେ ତମଃ-ଦମ୍ଭହରେ
ମଣି-ମାଣିକ୍ୟର ପ୍ରଭା ॥

ଶୁଭ୍ର ଅଭ୍ରରାଜି ପରାୟେ ଅମ୍ବରେ
ଧବଳ ପ୍ରାସାଦ ଶିରୀ ।
ସମୁନ୍ନତ ଶିରେ ଉଡଇ ଚିରାଳ
ନୀଳନଭ ବୁକୁଚିରି ॥

ବିଚିତ୍ର ତୋରଣ ହରେ ଜନମନ
ଶ୍ୟାମଳ ଛାୟା ମଣ୍ଡପ ।
ରତ୍ନ ଆଭାରଣେ କରେ ଝଲମଲ
ସୁସଜ୍ଜିତ ଚନ୍ଦ୍ରାତପ ॥

ବିଶ୍ୱ-ମନୋରମା ସିନ୍ଧୁଜେମା ରମା
ପ୍ରାୟେ ଏ ଶୋଭା-ସାଗରେ ।
ଅନିନ୍ଦ୍ୟ ସୁନ୍ଦରୀ କୁମାରୀ ସଂଯୁକ୍ତା
ବିଳସେ ରାଜନବରେ ॥

*****

ଜହ୍ନିତଇଳା, ଢେଙ୍କାନାଳ

# କେଡେ ଗୁମାନରେ ଅଭିମାନ



ଅଲେଖ ଚନ୍ଦ୍ର ବେହେରା

**କେ**ଡେ ଗୁମାନରେ ଅଭିମାନ !
ସୁମନ ବଦନୀ ରୁଷି ଅନାଅନି ଭିଜାଇ ବେନି ନୟନ
ଆଗୋ ପ୍ରିୟତମା କିବା ମନଉଣା ଦେଖି ସଖି ନବଘନ ।

କୁହ ପଦେ କଥା ମାନ ଫିଟାଇ
ତୁଟାଇ ପାରେ କି ତୁମ୍ଭକୁ ମୁଁହିଁ
ଲୋଟାଇ ରେଶମୀ ମୁକୁଳା କେଶକୁ, ଫୁଲାଇଛ ମୁହଁ ଏମିତି କାଇଁ ?
ହଟାଇ ନଦିଅ କର ବନ୍ଧନରୁ, ଚାହଁ ବାରେ ସାଥି ସନ୍ଦେହ ଫେଡି ।

ହୃଦୟ ସ୍ପନ୍ଦନ ଅଣାୟତ୍ତରେ,
ବଢିଯାଉଛି ତୋ ନୀରବତାରେ
ଜୀବନ୍ୟାସ କର ସ୍ମିତ ହସିଦେଇ, ଚୁମିବାକୁ ଦିଅ ତୁମ ମଥାରେ
ତୋ ବିନା(ମୋ) ସଂଗୀତ ବେସୁରା ଶବଦ, ସପନ ବି ଅର୍ଥ ଆଖି ପତାରେ ।

ତୋଳି ଶତ ରଙ୍ଗ କୁସୁମ କଳି,
ସାତ ରଙ୍ଗେ ପ୍ରେମ ଦେଇଛି ବୋଳି
ତୋରଣ ବାନ୍ଧିଛି ପରାଣ ମୋ ଦେଇ, ତୋ ରାଣ ତୋତେ ମୁଁ ଯାଇନି ଭୁଲି
ଆଣିଛି ତୋ ପାଇଁ ତାରକସି ଚୁଡି, କିଣିଛି ପାଉଁଜି ରାଇଜ ବୁଲି ।

କେତେ ମୁଁ ବିବ୍ରତ କେତେ ଆହତ !
ଚନ୍ଦ୍ର-ସୂର୍ଯ୍ୟ ସାକ୍ଷୀ ସର୍ବ ନକ୍ଷତ୍ର
ସତ ମୁଁ କହୁଛି ତୋ ପଦେ କଥାରେ, ଭୁଲିଯାଏ ମୋର କରମ କ୍ଳାନ୍ତ
ଏତେ ପାଗେଳିଟେ ତଥାପି ପଚାରେ, ତୁମେ ମତେ କେବେ ଭୁଲିବନି ତ !!

*****

ଅଙ୍ଗାରବନ୍ଧ, ଅନୁଗୁଳ

# ବନ୍ଧନ ମୁକ୍ତ



ପ୍ରୀତିସୀମା ସ୍ୱାଇଁ

ଯା ଉଡ଼ି ଚାଲିଯା ଠିକ୍ ବିହଙ୍ଗଟେ ପରି
ଚାରିଆଡ଼େ କହିବୁଲ, ତୁ ଆଜି ବନ୍ଧନ ମୁକ୍ତ
ନାଚିଯା ତୁ, ଗାଇଯା ଗୀତ
ମୁକ୍ତିର ବାର୍ତ୍ତା ଦେଇଦେ ସଭିଙ୍କୁ....।
ମୋ ମୁଣ୍ଡ ଉପରର ଆକାଶ ଆଜି ମୋର
ମୋ ପାଦତଳର ମାଟି ବି,
ଏ ସବୁରୁ ତୁ ବେଦଖଲ ଆଜି
ମୋ ପାପରୁ ଆଉ ପୁଣି ପୁଣ୍ୟରୁ
ସବୁ ମୋର, ଖାଲି ମୋର
ଯା, ମୁକ୍ତ ହେଲୁ ତୁ ।
ଆକାଶର ଚାନ୍ଦ ଅବା ଉଆଁସ,
ପାଦତଳେ ଫୁଲ ଅବା କଣ୍ଟା ଆସୁ,

ମୋ ଭାଗର ସବୁ ଦାୟିତ୍ୱ ଓ କର୍ତ୍ତବ୍ୟ
ମୁଁ ଭୋଗିବି, ସବୁ ମୋର
ମୋ ଭାଗର ଖୁସି ନେଇ
ତୋ ଭାଗ୍ୟର ଦୁଃଖ ଛାଡିଯା,
ମୋ ବିଶ୍ୱାସର ଫଟା କାନ୍ଥରେ ସରାଗର ଲେପ,
ଆଉ ମୋ ସୁନ୍ଦରତାର ମିଛ ପ୍ରଶଂସକ,
ଲୋଡ଼ାନାହିଁ.....
ଉଡ଼ି ଚାଲିଯା ସବୁ ସୀମା ସରହଦ ପାର କରି
ନା ମୁଁ ଖୋଜିବି, ନା ପଛେ ପଛେ ଯିବି ।
ମୋ ଉଡ଼ାଣରେ ବେଡ଼ି ପଡ଼ିଛି
ମୁଁ ତୃଷାର୍ତ୍ତ ହୋଇ ମେଘକୁ ଚାହିଁଛି,
ତୋ ଦୁନିଆଁର ଜଳରାଶି, ତୋ ପାଇଁ
ମୁଁ ମରୀଚିକାରେ ତ ଏତେଦିନ ହେଲା ବଞ୍ଚିଛି ।
ଯା, ଫେରିଯା
ନା ମୁଁ ବନ୍ଧନମୁକ୍ତ ହୋଇପାରିବି
ନା ତୋ ଦୁନିଆଁକୁ ଯାଇପାରିବି
ତଥାପି, କହୁଛି
ଯା, ତତେ ସବୁ ବନ୍ଧନରୁ ମୁକ୍ତ କରୁଛି ।

ଆନନ୍ଦପୁର , କେନ୍ଦୁଝର

*****

# ମୁଁ



ମୋନାଲିସା ବେହେରା

ନିଜକୁ ପାଏ ଗୋଟେ ଅନ୍ଧକାର ପୃଥିବୀରେ,
ବାନ୍ଧି ହୋଇଯାଏ ଏକ ଉଷ୍ମତାର ବଳୟ ମଧ୍ୟରେ
ସଜାଡ଼ି ହୁଏ, ଯୁଗଳ ପଦ ହସ୍ତ ମାନଙ୍କୁ ମୁକ୍ତ କରେ
ସେହି ପୃଥିବୀରେ ପାଦ ରଖି ତାକୁ ଯନ୍ତ୍ରଣା ଦିଏ;

ଗୋଟେ ନୂଆ ଦୁନିଆଁ ମୋ ଅପେକ୍ଷାରେ ଥାଏ,
ଚିହ୍ନା କାଳିମାକୁ ଚିରି କେହି ମୋତେ ଉଦ୍ଧାର କରେ,
ମୋହାଲୋକ ବୋଳି ଯୁଦ୍ଧ ବିଦ୍ୟା ଶିଖାଏ
ଗୋଟେ ଭିନ୍ନ ଉଷ୍ମତା ଦିଏ
ନିଜ ହାଡ଼କୁ ଦୃଢ କରି, ମୋ ଦେହରେ ବଳ ସଞ୍ଚାରେ
ଶିକ୍ଷା ପାଏ, ଅନ୍ୟକୁ ଶିଖାଏ;

ମୁଁ ଉଠେ, ମୋହମାୟାର ଆମରଣ କୁଙ୍କୁମ ଲେପି ହୋଇ

କିଛି ଶିକ୍ଷା ଆଉ ନିଜସ୍ୱ ଅଭିନୟକୁ ନେଇ ଚଳେ
ନୂଆ ହାତ ଛୁଏଁ, ନିଜ ହାଡ଼କୁ ଗାଡ଼ରେ ଅଜାଡେ
ଜଗତ ଉଦ୍ଧାର ପାଇଁ ବଳିଦାନ ଦିଏ, ନିଜ ଦେଶ ଗଢେ
ଲହୁ ଲୁହ ନିଗାଡ଼ି ଉଷ୍ମତା ଦିଏ;

ସ୍ତ୍ରୀ ହୋଇ କେବେ ଋତୁ ଝରାଏ,
ରକ୍ତ ଦେଇ ଜୀବନ ପାଳେ,
ରକ୍ତ ପାଣି ଶୁଖି ଆସେ,
ଚାଲୁ ଚାଲୁ ଥକିପଡେ,
କଞ୍ଚା ପରଦା ଟା କଠିନ ହୋଇପଡେ,
ଦୁନିଆର ଆଲୋକଟା ଝାପ୍ସା ଦିଶେ;

ଦଲକାଏ ପବନ ଟା ଦୋହଲାଇ ଦିଏ ମୋତେ,
ମାୟାମୋହର କୁଙ୍କୁମ ତକ ଶୁଖିଯାଏ
ଅସ୍ତବ୍ୟସ୍ତ ହୋଇପଡେ ଅନ୍ୟ କେଉଁ ଦୁନିଆଁର ଅପେକ୍ଷାରେ
ସବୁକିଛି ଲୁଣିଆ ଲାଗେ;

ଉଷ୍ମତା କ୍ଷୁର୍ଣ୍ଣ ହୁଏ
ଗୋଟେ ଭିନ୍ନ ଶୀତଳତା ଜାବୁଡ଼ି ଧରେ ମୋ ପାଦକୁ,
ଆପଦମସ୍ତକ ଛୁଇଁ ଯାଏ ମୋତେ

ହଠାତ୍ ଆବାକ୍ ହୋଇପଡ଼େ ମୁଁ
ଉଠିପଡେ ଗୋଟେ ଉଜ୍ଜଳ ଆଲୋକ ଆଡେ
ମୁଁ ରୁ "ମୁଁ" ହେବାକୁ...।

*****

ଜଗନ୍ନାଥପୁର, ଜଗତସିଂହପୁର

# ପରିଚୟ



ପ୍ରଜ୍ଞା ପାରମିତା ମହାନ୍ତି

**ପ**ରିଚୟ ପଚାରୁଛି ସେ, ପୁରୁଷକାରରୁ ପରଂବ୍ରହ୍ମ ପର୍ଯ୍ୟନ୍ତ,
- ପ୍ରାରମ୍ଭରୁ ପ୍ରାରବ୍ଧ ଯାଏଁ...ଏକ ପର୍ଯ୍ୟାୟର ପ୍ରମାଣନାମା,
ପରିଚୟ ପଚାରୁଛି ସେ, ପଳାୟନପନ୍ଥୀରୁ ପରାକ୍ରମୀ ପର୍ଯ୍ୟନ୍ତ
- ପ୍ରଶ୍ନଟିରୁ ପ୍ରମାଣ ଯାଏଁ....ଏକ ପ୍ରତିପକ୍ଷବାଦୀର ଜିମା ।

ପରିଚୟ ପାଇଅଛି କି ସେ,
ପ୍ରୟୋଗଶାଳାର ପରୀକ୍ଷାରେ, ପଦାର୍ଥରୁ ପରମାଣୁ ପର୍ଯ୍ୟନ୍ତ
ପ୍ରକୋଷ୍ଠର ଫାଇଲଗଦାରେ, ଫର୍ଦ୍ଦେ କାଗଜରୁ ପରଦାପୃଷ୍ଠ ପର୍ଯ୍ୟନ୍ତ

ପରିଚୟ ମିଳିଅଛି କି ତା'
ପ୍ରାପ୍ତିର ପୂର୍ଣ୍ୟତାରେ,
ପ୍ରଶଂସାର ପ୍ରଶାନ୍ତିରେ,

ପରାଜୟରେ କିମ୍ବା ପ୍ରଗତିରେ,

ପୁରସ୍କାର ଓ ଫଳକନାମାରେ,

ପ୍ରତିବିମ୍ବର ପ୍ରତିଫଳନରେ,

ପ୍ରତି ଶବ୍ଦର ପ୍ରତିଧ୍ୱନିରେ,

ପ୍ରବାସରେ ଅବା ପ୍ରାଙ୍ଗଣରେ,

ପରିଚିତ ଓ ଅପରିଚିତରେ ?

*****

ବଳଗଣ୍ଡି ସାହି, ପୁରୀ

# "ପ୍ରେରଣା" ପାଇଁ ପଦେ




ଜ୍ୟୋତି ପ୍ରକାଶ ସାହୁ

**କି**ଛି ସ୍ମୃତିର ସଂଜ୍ଞା ଖୋଜି ଖୋଜି ଯେବେ
କଲମର ସ୍ୟାହି କାଗଜକୁ ସ୍ପର୍ଶ କରିଥାଏ ...
ଏକ ମର୍ମସ୍ପର୍ଶୀ କବିତାର ଉତ୍ପତ୍ତି ହୁଏ ଯାହାକୁ
"ପ୍ରେରଣା" ନିଜ ପୃଷ୍ଠାରେ ସ୍ଥାନ ଦେଇଥାଏ ॥

କିଛି ଅଦୃଶ୍ୟ କବିଙ୍କୁ ଲୋକଲୋଚନରେ ଆଦୃତ କରିବାର
ଏକ ନିଆରା ପ୍ରୟାସ ସିଏ କରିଥାଏ ...
ଯେତେ ଲେଖିଲେ ବି "ପ୍ରେରଣା"ର ଏଇ ସଂକଳ୍ପକୁ
ବର୍ଣ୍ଣନା କରିବା ପାଇଁ ଶବ୍ଦ ଆଜି ଏ କଲମ ପାଇନଥାଏ ॥

କବିର ଭାବନା ରାଇଜେ କବିତାର ଉତ୍ପତ୍ତି,
ଗାଳ୍ପିକର ଚିନ୍ତାଧାରାରେ ହିଁ ଗଳ୍ପର ସୃଷ୍ଟି,
"ଛବିଟିଏ ପାଇଁ ପଦଟିଏ" ପ୍ରତିଯୋଗିତା

ଦିଏ ଲେଖକଙ୍କୁ ଏକ ନିଆରା ଅନୁଭୂତି ।

ଗଦ୍ୟ ଓ ପଦ୍ୟ ବିଭାଗର ତାଳେ ତାଳେ ପାଠକ ହୁଏ ପ୍ରେରିତ ..

ଓ ଗାଏ ହୃଦୟରୁ "ପ୍ରେରଣା"ର ଲୋକପ୍ରିୟତାର ପ୍ରୀତି ॥

ଏକ ନୂତନ ଦିଗନ୍ତର ଏକ ନୂତନ ଇନ୍ଦ୍ରଧନୁ "ପ୍ରେରଣା",

ସୁପ୍ତ ଲେଖନୀକୁ ପରିମାର୍ଜିତ କରେଯିଏ, ସିଏ "ପ୍ରେରଣା" ॥

*****

କାମାକ୍ଷାନଗର, ଢେଙ୍କାନାଳ

# ଏଣିକି



ପୁଷ୍ପାଞ୍ଜଳି ପଣ୍ଡା

ଏଣିକି ବର୍ଷାକୁ,
ମୁଁ ମୋ ଘର ଭିତରେ ବନ୍ଦୀ କରି ରଖିବି ।
ଏଣିକି ଖରାକୁ,
ମୁଁ ମୋ ଝର୍କା ସେପଟୁ ପେଲି ଦେବି ।
ଏଣିକି ଆକାଶର ନୀଳ ରଙ୍ଗ ସବୁକୁ
ମୁଁ ମୋ ଛାତରେ ଘସି ଦେବି ।
ଏଣିକି ପବନକୁ
ମୁଁ ମୋ ବାଲକୋନୀ ଉପରେ ଧରିରଖିବି ।
କିଏ ଜାଣେ ଏଣିକି
କୋଉବେଳେ କୋଉକଥା ।
ବଞ୍ଚିବାକୁ ତ ପଡିବ...!

ଖଣ୍ଡାଧାରରେ ଚାଲିବାକୁ ବି ପଡିବ ।

ସମୟ ଏଣିକି ବଦଳିଯିବ

ତୁମେ ଆସିବା ଆଗରୁ

ତୁମ ପାଦ ସ୍ପର୍ଶରୁ,

ଜୀଇବାର କଳା ଟିକକ

ଶିଖିବାକୁ ତ ପଡିବ ॥

କିଏ ଜାଣେ ଏଣିକି

କେତେବେଳେ କୋଉକଥା ।

ବର୍ଷା ବର୍ଷିଗଲା ପରେ,

ଆକାଶ ଲାଲ୍ହ ହେଇଗଲା ପରେ

ପବନ ଅଟକିଗଲା ପରେ

ଆଉ କିଛି ଥିବ କି ?

*****

ଈଶ୍ୱରପୁର, କେନ୍ଦ୍ରାପଡା

# କିୟଦଂଶ



ଶୁଭଶ୍ରୀ ପଣ୍ଡା

ଥରେ ....

ନିରୋଳା ସଞ୍ଜର ନିରବ ମୁହୂର୍ତ୍ତରେ
ଜିଜ୍ଞାସାର ତୃଷ୍ଣା ମେଣ୍ଟାଇବା ଆଶାରେ
ବସିପଡ଼ିଲି ଯାଇ ମୋ ବୋଉ ପାଖରେ
ତା'ର ସେ ମମତା ବୋଳା ପଣତ ଛାଇରେ

କାହିଁ କେତେ ଦିନୁ
ମନରେ ଗଣ୍ଠିଲି ବାନ୍ଧି ରଖିଥିବା ପ୍ରଶ୍ନସବୁକୁ
ଖୋଲିଦେଲି ମୋ ଜନନୀ ସାମ୍ନାରେ ।
ଫିଙ୍ଗିଲି ଅନର୍ଗଳ ପ୍ରଶ୍ନବାଣ ଲକ୍ଷ୍ୟକରି
ତା'ର ଆଖି, କାନ, ମୁଣ୍ଡ ଓ ହୃଦୟର କୋଣ ଅନୁକୋଣରେ
ଜାଣିବାକୁ ଆହୁରି ଉତ୍କଣ୍ଠିତ ହେଲି

ଢେର ଗବେଷଣା କଲି
ପାଲଟିଗଲି ଗବେଷକ ଓ ଐତିହାସିକ
ଖୋଜିବାକୁ ବୋଉର ସେ ଅଦ୍ୱିତୀୟ ହସର ରହସ୍ୟ
ପଢିବାକୁ ତା'ର ସେ ଚଳଚଞ୍ଚଳ ମୁଖର ପରିଭାଷ୍ୟ

ଅବିରତ ଲକ୍ଷ୍ୟ ଭେଦିଲି ପ୍ରଶ୍ନବାଣ ସବୁ
କହ, କେମିତି .....?
ଅତଳ ସାଗରର ଗଭୀରତାର ଊର୍ଦ୍ଧ୍ୱରେ
ତୋ ସ୍ନେହର ଗଭୀରତା..
ନୀଳ ଆକାଶ ଠାରୁ ଶହେଗୁଣ ସ୍ୱଚ୍ଛ
ତୋର ହୃଦୟ ଗଙ୍ଗା
ଧରିତ୍ରୀ ଠାରୁ ବି ତୁ ଆହୁରି ସହିଷ୍ଣୁ,
ମାଟି ଠାରୁ ମହମହ ତୋ ପଣତର ବାସ୍ନା
ଆଉ ଦେବୀ ଠୁ ଉଜ୍ଜଳ ତୋର ସେ ମୁଖମଣ୍ଡଳ
ସତେ ଯେପରି ଐଶ୍ୱରିକ ଉର୍ଜାର ତୁ ଅଟୁ କେନ୍ଦ୍ରସ୍ଥଳ

ମୋର ନିକ୍ଷେପିତ ପ୍ରତ୍ୟେକ ପ୍ରଶ୍ନବାଣକୁ
ଗୋଟି ଗୋଟି କରି କାଢି
ଫେରାଇଦେଲା ସେ ଉତ୍ତରରେ

## ଏକ ସ୍ମିତହାସ୍ୟର ଅଭିବ୍ୟକ୍ତି

ବୋଉର ସେଇ ହସରେ ହିଁ ଥିଲା
ସର୍ବଶ୍ରେଷ୍ଠ ସାଫଲ୍ୟ ମୋ ଗବେଷଣାର
ଓ ମୋର ସର୍ବୋତ୍କୃଷ୍ଟ ଆବିଷ୍କାର
ଜାଣିବାକୁ ପାଇଥିଲି ସେତେବେଳେ
ଆରେ ସତେ ତ...
ହୀରା କ'ଣ କେବେ ବର୍ଣ୍ଣିପାରେ
ତାର ଔଜଲ୍ୟତାକୁ ?
ସାଗର କ'ଣ କେବେ ମାପିପାରେ
ତା'ର ସୁବିସ୍ତୃତ ଅସୀମ ପରିବ୍ୟାପ୍ତି ?
ନା, କେହି ଦେଖିଛ କି ?
ଜହ୍ନ କେବେ ଲେଖିବା
ତା' ସୁନ୍ଦରତାର ପଂକ୍ତି ?

ଆଉ ତୁ ତ ଜନନୀ,
ଯାହାର ପ୍ରତିଟି ରକ୍ତବିନ୍ଦୁରେ ଗଢ଼ା
ସ୍ନେହ, ମମତାର ସ୍ୱଚ୍ଛ ତରଙ୍ଗିଣୀ
ତ୍ୟାଗ ଓ ତିତିକ୍ଷାର ତୁ ପୂର୍ଣ୍ଣ ସ୍ୱରୂପିଣୀ

ଦୟା ଓ କ୍ଷମାମୟୀ ତୁ ପ୍ରେମ ନିର୍ଝରିଣୀ

ଏ ପୃଥିବୀ, ଚରାଚର
ସବୁ ପରା ତୋହରି ସନ୍ତାନ
"ମା" ତୁହି ବିଭୁଙ୍କର ଶ୍ରେଷ୍ଠ ଅବଦାନ
ଆକାଶ ତୋ ହୃଦୟର ଛୋଟ ଏକ ଅଂଶ,
ମାଟି ତୋ ମମତାର ଶୀତଳ ପରଶ
ସାଗର ତୋ ବକ୍ଷର ଅମୃତର ଧାରା,
ଧରିତ୍ରୀର ପ୍ରତିରୂପ ଜନନୀ ତୁ ପରା

ତୁ କେମିତି ବା ବଖାଣିବୁ
ପରିସୀମା ତୋ ଅମୂଲ୍ୟ ତ୍ୟାଗର
ଜାଣିଛି; ତୁ କେବେ ମାପିବୁନି ପରିମାଣ
ତୋ ସହନଶୀଳତାର
ହୋଇପାରେ କାହାପାଇଁ ଈଶ୍ୱର ହିଁ ଶ୍ରେଷ୍ଠ !
ହେଲେ ମୋ ପାଇଁ ତ ମୋ "ମା" ଅଟେ ସମଗ୍ର ବିଶ୍ୱ,

ଆଉ ସ୍ୱର୍ଗର ଦେବୀମାନେ.....
ସ୍ୱର୍ଗର ଦେବୀମାନେ ମଧ୍ୟ
ମୋ ବୋଉର କିୟଦଂଶ ମାତ୍ର ॥

ବସ୍ତପଡା, କଟକ

*****

# ଆତ୍ମସନ୍ଧାନ



ବିଶ୍ୱଶ୍ରୀ ଦାସ

**ନୀ**ରବତାର ଅନ୍ଧକାର ବକ୍ଷରେ
ବ୍ୟଗ୍ର 'ମୁଁ' ସ୍ୱଅନୁସନ୍ଧାନରେ
ଆତ୍ମଭିମାନ ହୃଦୟରେ ମୋର
ରୋଧ କଲା ପ୍ରଗତିର ଦ୍ୱାର
ବିଖ୍ୟାତ ହେବ ଲାଳସାରେ
ଅଖ୍ୟାତ 'ମୁଁ' ନିଜ ଇଲାକାରେ,
ଅଜ୍ଞାନ କାରାଗାରେ ବନ୍ଦୀ
ଅହମିକା ନାଗପାଶେ ଛନ୍ଦି
କାମନାରୂପୀ ସ୍ୱର୍ଣ୍ଣମୃଗ ପଛେ ଧାଇଁ
ଅଣନିଶ୍ୱାସୀ 'ମୁଁ' ଲକ୍ଷ୍ୟଚ୍ୟୁତ ହୋଇ
ଶୂନ୍ୟ ମରୁଭୂମି ବୁକୁରେ
ବୃଥା ମରୀଚିକା ତଲାସରେ

ତୃଷିତ ଚେତନା ମୋହର
ତୃପ୍ତି ପିପାସେ 'ମୁଁ' ଆତୁର,
ପ୍ରତ୍ୟେକ ସଙ୍ଗେ ପ୍ରତିଦ୍ୱନ୍ଦିତା ରଚି
ମୋ ଅସ୍ତିତ୍ୱ ଆଜି ପ୍ରଶ୍ନବାଚୀ
ଅନ୍ତର୍ଜ୍ୟୋତି ମୋ ନିର୍ବାପିତ ପ୍ରାୟ
ଆତ୍ମ୍ ବିଚ୍ଛେଦେ 'ମୁଁ' ଅସହ୍ୟ,
ପାଉନି ନିଜକୁ ଠାବ କରି
ଆତ୍ମ୍‌ବିଶ୍ୱାସ ଗଲାଣି ମୋଠୁ ଅପସରି
ଆଗାମୀ ଭବିଷ୍ୟତ ଭବନାରେ
କିମ୍ବା ହଜିଛି ବୋଧେ 'ମୁଁ' ଅତୀତ ପୃଷ୍ଠାରେ,
କସ୍ତୁରୀ ମୃଗ 'ମୁଁ' ଅଟଇ
'ସ୍ୱ' ସନ୍ଧାନ ଅନ୍ୟଠି କରେଯାଇ
ମୋ ନିଜ ଭ୍ରମେ 'ମୁଁ' ଆବଦ୍ଧ
ମୋ ମଧ୍ୟେ ହେଲା ଧର୍ମଯୁଦ୍ଧ,
ଜିତିଲା ସାତ୍ତ୍ୱିକତା ମୋର
ହୋଇଲା ମୋ ନିଜ ଉଦ୍ଧାର
ମୋହ, ମାୟା, କାମ, କ୍ରୋଧ, ଲୋଭରୁ ହେଲି ମୁକ୍ତ
ଅସ୍ତିତ୍ୱ ମୋ ହୋଇଲା ଶରଣାଗତ ।

***** ରେମୁଣା, ବାଲେଶ୍ୱର

# ବିରହ ବ୍ୟଥା



ଶୁଭଲକ୍ଷ୍ମୀ ଦାସ

ନିରବ ହୋଇଗଲା ପରେ...

ଅନନ୍ତ ଶୂନ୍ୟରେ ମିଶିଯିବା ଭଳି ସେଇ ଅନୁଭବ

ତୁମେ କାହୁଁ ବୁଝିବ ବିରହୀ ହୃଦୟର ବ୍ୟଥା...

କି ଲାଭ କୁହ ତ !

ଜୀବନର କିଛି ସଙ୍କୁଚିତ ଅଧ୍ୟାୟ ରଙ୍ଗୀନ୍ ଛିଟାର ସ୍ପର୍ଶ

କିଛି ପର୍ଯ୍ୟାୟ ଗଭୀର ଅନ୍ଧକାରାଚ୍ଛନ୍ନ

କାହା ପାଇଁ ମିଥ୍ୟା ଆକ୍ରୋଶ, ମାନ ଅଭିମାନ...

ଯେବେ ଜିଅନ୍ତା ଶବ ହୋଇ ବଞ୍ଚିବାର ଅଛି

ଏକାନ୍ତ ପଥରେ ଅଗ୍ରସର ମୋର ବାକି ଜୀବନ ...

ମୁଁ ନିଃଶେଷ... ମୁଁ ନିଃଶ୍ୱ...

ନା ଅଛି ଶବ୍ଦ ନା କୌଣସି ଅଳଙ୍କାର

ବିନ୍ଦୁ ବିସଃର୍ଗ ବି ବିସ୍ମୃତ

ବିବ୍ରତ ଅସହାୟ କବି ପ୍ରାଣ
ଏକାନ୍ତ ଧ୍ୟାନ ଆବଶ୍ୟକ ...
ସେଇ ଅନ୍ତରଙ୍ଗ ଦୁର୍ବଳ ମୂହୁର୍ତ୍ତରେ, ବ୍ୟାଖ୍ୟା ନୁହେଁ...
ତୁମ ମନମୁଗ୍ଧକର ଚଞ୍ଚଳ ଉଜ୍ଜ୍ୱଳ ଚକ୍ଷୁଦ୍ୱୟର ଇଶାରା କହେ
"ମୁଁ ନିଜକୁ ଆଜି ଲେଖନୀର ସ୍ୟାହିରେ ନୁହେଁ...
ତୁମ ହୃଦୟ ଆଇନାରେ ମୋ ପ୍ରତିଛବିର ଝଲକ୍ ଦେଖିବାକୁ ମନ ଚାହେଁ..."

*****

ସିଡିଏ, କଟକ

# ରୂପ ଯୌବନ



ନୂତନ କୁମାର ବେହେରା

ଏ ରୂପ ଯୌବନ
ବିଧାତାଙ୍କ ଦାନ,
ଅଟେ କିଛି କ୍ଷଣ
ନୁହେଁ ଚିରଦିନ ।

ଆକର୍ଷଣେ ମନ
ହୁଏ ଉଚ୍ଚାଟନ,
ଦେଖି ସେ ସପନ
କଟାଏ ଜୀବନ ।

ରୂପରେ ମୋହିତ
ହୁଅଇ ଜଗତ,
ଯୌବନ ସଂଗୀତ

କରେ ବିହ୍ୱଳିତ ।

ତନୁମନ ଛନ୍ଦ
ହୃଦର ଆନନ୍ଦ,
ମିଳନ ବିଚ୍ଛେଦ
ତାର ଦୁଇ ପାଦ ।

ସାଗର ଲହରୀ
ଅଙ୍ଗ ଲତା ଶିରୀ,
ରୂପା ଜହ୍ନ ପରି
ହସ ପଡେ ଝରି ।

ପ୍ରେମ ଅନୁରାଗ
ପ୍ରୀତିର ପରାଗ,
ବୁଣି ସେ ଭୂ-ଭାଗ
ଚହଟାଏ ରଙ୍ଗ ।

ଉଦ୍ଦାମ ଘୋଟକ
ହୁଏନା ଅଟକ,
ଲଘି ସେ ଫାଟକ

ଗମାଇ ତ୍ରିଲୋକ ।

ରୂପେ ଅହଂକାର
ଯୌବନେ ବିକାର,
ଆଣେ ଯିଏ ନର
ପାଏନା ଆଦର ।

ହୃଦେ ଭଲ ଭାଷା
ବିଶ୍ୱାସ ଭରସା,
ଭରି ଦିଏ ଆଶା
ମନେ ବାନ୍ଧି ବସା ।

ଯୌବନକୁ ନିଶା
କଲେ ଉଡେ ହଂସା,
ଆଣେ ଦ୍ୱେଷ ହିଂସା
ବଢାଏ ଦୁର୍ଦ୍ଦଶା ।

ତାର ସଂଯମତା
ଅଟେ ନିରାପତ୍ତା,
ଆଣଇ ସ୍ୱଚ୍ଛତା

ଭରି ମାଧୁର୍ଯ୍ୟତା ।

ଏ ରୂପ ଯୌବନ
ଜୀବେ କରେ ଧନ୍ୟ,
ରଖି ତା' ସମ୍ମାନ
ଗଢିବା ଜୀବନ ।

*****

କୋହି, ଗଡ଼ିଆ, ମୟୂରଭଞ୍ଜ

# ଜୀବନର ପରିଭାଷା



ମନସ୍ୱିନୀ ମିଶ୍ର

**ଜୀ**ବନ କେବଳ ଏକ
କଣ୍ଟକିତ ପଥ ନୁହେଁ
ସେଠି ପାନ୍ଥଶାଳା ବି ଅଛି ॥
ଜୀବନ କେବଳ ଏକ
ପ୍ରହେଳିକା ନୁହେଁ
ସେଠି ସତ୍ୟ ଶାନ୍ତି ବି ଅଛି ॥
ଜୀବନ କେବଳ ଏକ
ସଂଗ୍ରାମ ନୁହେଁ
ସେଠି ଅସ୍ତ୍ର ଧରି ଯୁଦ୍ଧ କରିବାର ଅଛି ॥
ଜୀବନ କେବଳ ଏକ
ସିଧା ରାସ୍ତା ନୁହେଁ
ସେଠି ଗଳିକନ୍ଦି ବି ଅଛି ॥

ଜୀବନ କେବଳ ସମସ୍ୟାରେ
ଆତ୍ମହତ୍ୟା କରିବା ପାଇଁ ନୁହେଁ
ବରଂ ବୁଦ୍ଧି କୌଶଳର ସହ
ସମସ୍ୟାକୁ ଦୂର କରିବାର ଅଛି ॥
ଜୀବନ କେବଳ ନିଜ ହସ ପାଇଁ ନୁହେଁ
ସେଠି ଅନ୍ୟ ଲୁହ ପୋଛିବାର ଅଛି ॥
ଜୀବନ କେବଳ ଦୁଃଖ ଯନ୍ତ୍ରଣାର ନୁହେଁ
ସେଠି ହସି ହସାଇବର ଯାଦୁ ଅଛି ॥
ଜୀବନ କେବଳ ଈଶ୍ୱରଙ୍କ ଦାନ ନୁହେଁ
ସେଠି ଆଗକୁ ବଢ଼ିବାର ଅଛି ॥
ଜୀବନ କେବଳ ଅର୍ଥ ଅର୍ଜନ ପାଇଁ ନୁହେଁ
ସେଠି ଅନ୍ୟର ସାହାଯ୍ୟ କରିବାର ଅଛି ॥
ଜୀବନ କେବଳ ଅନ୍ୟ ଦୋଷ ଧରି
ନିନ୍ଦିବା ପାଇଁ ନୁହେଁ
ସେଠି ଅନ୍ୟ କୃତିତ୍ୱକୁ
ପ୍ରଶଂସା କରିବାର ଅଛି ॥
ଜୀବନ କେବଳ ସମାପ୍ତି ପାଇଁ ନୁହେଁ
ସେଠି ଇତିହାସ ରଚିବାର ଅଛି ॥ *****

ରାଜକନିକା, କେନ୍ଦ୍ରାପଡା

# ଖଦ୍ୟୋତ



ଅମରନାଥ ବାରିକ୍

ଥାଇପାରେ ଶକ୍ତି ମନୁଷ୍ୟ ଦେହରେ
ହୋଇପାରେ ବୁଦ୍ଧିମାନ ।
ନିଜ ଶରୀରକୁ ଜାଳିପାରେ ନାହିଁ
ନିଜେ ହୋଇ ହୀନିମାନ ॥
ଜଳୁଛି ଖଦ୍ୟୋତ କରୁଛି ପ୍ରକାଶ
ଜଗତର ହିତ ଲାଗି ।
ନରଖି ମନରେ ହୀନ ଭାବ କିଛି
ରଜନୀରେ ଥାଏ ଜାଗି ॥
କୁହ ହେ ଖଦ୍ୟୋତ କେଉଁଠୁ ବିଦ୍ୟୁତ
ଆଣୁଛ ସଂଗ୍ରହ କରି ।
ଦେଉଛ ଅଜାଡ଼ି ଆଲୋକିତ କରି
ମିଞ୍ଜିମିଞ୍ଜି ମହୀ ଭରି ॥

ସାହିତ୍ୟ ଭାଷାରେ କୁହନ୍ତି ଖଦ୍ୟୋତ

ଅତି ଶରଧାର ଡାକ ।

ଜାଣନ୍ତି ସମଗ୍ର ସମାଜ ନାମଟି

ହେ ଜୁଳୁଜୁଳିଆ ପୋକ ॥

ଜ୍ୟୋଷ୍ଠ, ଆଷାଢ଼ ଓ ଶ୍ରାବଣ ଧାରାର

ଘନ ଅନ୍ଧକାର ରାତି ।

ଥମିଲେ ବରଷା ମୃଦୁଭାଷ ହୋଇ

ଦିଅ ଆଲୋକର ଗତି ॥

କ୍ଷୁଦ୍ର ଜୀବ ତୁମେ କ୍ଷୁଦ୍ର ଆଲୋକରେ

ହୋଇ ପୁଞ୍ଜି ପୁଞ୍ଜି ମେଳ ।

ଦିଶେ ଶୋଭନୀୟ ତବ ଚିତ୍ରପଟ

ଅନ୍ଧକାରେ ଗୋଳଚଳ ॥

ମନ ମୋହିଥାଅ ଶିଶୁ ମାନଙ୍କର

ତୁମ ରଶ୍ମିକୁ ଦେଖାଇ ।

ଅନ୍ଧାର ରାତ୍ରିରେ ଭ୍ରମଣ ତୁମର

ଦିକିଦିକି ଜଳି ଯାଇ ॥

ଥାଆନ୍ତି ଗୋଡ଼ାଇ ତୁମ ପଛେ ପଛେ

ତୁମ ରୂପ ଦେଖିବାକୁ ।
ରଙ୍ଗୀନ ବତୀର ରଙ୍ଗ ଟେଳାଟାକୁ
ତାଙ୍କ ହାତେ ଧରିବାକୁ ॥
ସେଘରୁ ଏଘର ଏଘରୁ ସେଘର
ଖେଳ ଲୁଚକାଳି ଖେଳ ।
ଥକିପଡ ନାହିଁ ଯାଅ ନିଜ ଘର
ଫରଚା ହୋଇଲେ ବେଳ ॥

*****

କୟାଁ, ମଙ୍ଗଳପୁର, ଯାଜପୁର

# କବି ଓ କବିତା



ରୋଜା ପଣ୍ଡା

କବିତା ଭିତରେ ହୁଏ ଅନୁରଣିତ ସେହି ଅନ୍ୱେଷାର ସ୍ୱର
କବିତା ଜୀବନ ଜିଜ୍ଞାସା କଥାକୁ କହିଥାଏ ଚିରକାଳ ।
ସୌନ୍ଦର୍ଯ୍ୟାତ୍ମକ ତା ଦୃଷ୍ଟିଭଙ୍ଗୀ ଆଉ ମାଧୁର୍ଯ୍ୟପୂର୍ଣ୍ଣ ତା ଭାଷା
କାବ୍ୟଶିଳ୍ପୀର କବିତା ଭିତରେ କୁହେ ସେ ଅପୂର୍ବ କଥା ।
ପରିମାର୍ଜିତ ତା ରୂପଚର୍ଯ୍ୟା ମଧ୍ୟେ ଭାବାବେଗ ବ୍ୟବହାର
କବିତା ହେଉଛି କବି ଜୀବନର ଏକମାତ୍ର ଇସ୍ତାହାର ।
ଅପର ପକ୍ଷରେ କବିତା ଭିତରେ କବିଟିଏ ତାର
ବ୍ୟାଖ୍ୟା କରିଦିଏ ସୁଖଦୁଃଖ ଆଉ ଜୀବନ ଜିଜ୍ଞାସାର ସ୍ୱର ।
ସେଇଥିପାଇଁ ତ କବି ଚିରକାଳ ଜଗତେ ସୌନ୍ଦର୍ଯ୍ୟମୟ ମାନିତ
ଅଦ୍ୱିତୀୟ ପ୍ରଜାପତି ଭାବେ ସଦା ସ୍ୱୀକୃତ ଓ ସମ୍ମାନିତ ।
ତା ଦିବ୍ୟଦୃଷ୍ଟିରେ ସୃଷ୍ଟି ହୋଇଉଠେ ମଧୁମୟ ସୁଧାମୟ
ଅମୃତମୟ ଏ ଧରଣୀ ଖୁସିରେ ଦିଶଇ ଉଲ୍ଲାସମୟ ।

ଏକ ଅପେକ୍ଷା ଅନେକ ଭିତରେ ସତ୍ୟକୁ ଖୋଜେ ସେ ପ୍ରତିନିୟତ
ସବଳ ଅପେକ୍ଷା ଦୁର୍ବଳ ପ୍ରତି ତା ଗଭୀର ମମତ୍ୱବୋଧ ।
ଜଞ୍ଜାଳ ଜଳଦ ଜଳେ ଉଦର ଆବିଳ ହେଲେ ମଧ୍ୟ ସେ ଦେଖେ କୋଟି
ପ୍ରାଣର ସ୍ୱପ୍ନ ଓ ସମ୍ଭାବନାକୁ
ଗଭୀର ଆତ୍ମୀୟତାର ସହିତ ଅନ୍ତସ୍ୱରୁ କୁଳୁକୁଳୁ ଝରଣା ଝରାଇ ସେ
ଭିଜାଇଦିଏ ମରୁପ୍ରାନ୍ତର ମରୀଚିକାକୁ ।
କେତେବେଳେ ତିକ୍ତ-ମଧୁର ଅନୁଭବକୁ ଏକାନ୍ତ ଭାବରେ ନିଜସ୍ୱ କରି
ଗତିଶୀଳ ହୋଇଥାଏ କର୍ତ୍ତବ୍ୟ ପଥରେ,
ଏକ ଶ୍ରେଣୀହୀନ ସମାଜ ଗଠନର ଅନାହତ ସ୍ୱର ଉଙ୍କିମାରେ ତାର ବିଶ୍ୱାସ
ଓ ଆକାଂକ୍ଷାରେ ।
କବିତା ହେଉଛି ଆତ୍ମସମୀକ୍ଷା ଆତ୍ମ-ଆବିଷ୍କାରର ଉପଯୁକ୍ତ ମାଧ୍ୟମ,
ଜୀବନର ସକଳ ବ୍ୟର୍ଥତା ଭିତରେ ଆଶାର ପାରିଜାତକୁ ହୃଦୟ ନନ୍ଦନ
ବନରେ ପ୍ରସ୍ଫୁଟିତ କରିବାହିଁ କବିର ପରମ ଧର୍ମ ।

*****

ପୂର୍ଣ୍ଣାନନ୍ଦ ଭବନ
ନେତାଜୀ ନଗର, ମଧୁପାଟଣା
କଟକ

# ସ୍ମୃତି ଭିଜା ଏକ ସନ୍ଧ୍ୟା



ପୂର୍ଣ୍ଣିମା ରାଣୀ ସାହୁ

ସ୍ମୃତି ଭିଜା ଏକ ସନ୍ଧ୍ୟାରେ
ସ୍ୱପ୍ନର ଅନାବନା ଦୃଶ୍ୟ ଆଖିରେ ଭରି
ବାଲୁକା ଶିଳ୍ପୀର ଜୀବନ୍ତ କଳାରେ
ହଜିଯିବା ଆମେ ଚୋରା ବାଲିର ଅକାତ ଗହ୍ୱରେ ।

ସୁନୀଳ ସାଗରର ଊର୍ମି ମାଳାରେ
ପିୟୁଷର ବୁନ୍ଦା ଝରି ପଡୁଥିବ ଶାମୁକା ବକ୍ଷରେ
ନୟନ ଯୁଗଳ ବନ୍ଦୀର ମୁକ୍ତ ପ୍ରହରୀରେ
ସାଉଁଟୁଥିବା ପ୍ରେୟସୀ ମୁକୁତା ପୂର୍ଣ୍ଣାଙ୍ଗ ବିଧୁରେ ।

କୋଟି କୋଟି ତାରକା ମେଳରେ
ଗୋଟି ଗୋଟି କରି ବାନ୍ଧୁଥିବା ଆଶା
ଆଙ୍କୁଥିବା ସ୍ୱପ୍ନ କଳ୍ପନାର ରଙ୍ଗ ତୁଳିରେ

ଲାଜେଇ ଲାଜେଇ ଜହ୍ନ ଲୁଚୁ ଥିବ ବାଦଲ ଆଢୁଆଳରେ ।

ବାହୁ ବନ୍ଧନର ଦୃଢ ଆଲିଙ୍ଗନରେ
ତୁମ ସହ ଥିବ କିଛି ତୃପ୍ତ ଅତୀତର ଚିହ୍ନ
କିଛି ଭବିଷ୍ୟତର ସ୍ୱପ୍ନ ଥିବ ଆମ ହାତ ପାପୁଲିରେ
ସମାଜର ଆର୍ଦ୍ର ଚିତ୍କାରରୁ ଥିବା ଆମେ ଅନେକ ଦୂରରେ ।

*****

ନିକିରାଇ, କେନ୍ଦ୍ରାପଡା

# ମୁଁ ନାରୀ



ତେଜସ୍ୱିନୀ ସାମଲ

ମୁଁ ନାରୀ......
ମୁଁ ସୁହାଗିନୀ
ମୁଁ ନୁହେଁ ଦାସୀ
ନୁହେଁ ଅଭାଗିନୀ
ମୁଁ ନାରୀ.....
ଏକ ଦ୍ୱୀପ ପ୍ରଜ୍ୱଳିତ ଶିଖା ପରି
ଏକ ରକ୍ତାଭ କଣ୍ଟକିତ ଗୋଲାପ ପରି
ଯାହା ଟିକିଏ ଅପନ୍ୱିତ ହେଲେ ଉଠିଯାଏ ତେଜି
ସେଇ ନାରୀର ଅନ୍ୟ ନାମ ମୁଁ
ମୁଁ ନାରୀ...
ମୋ ଧର୍ମ ନୁହେଁ ସବୁ ଦୁଃଖକୁ
ସହିଯିବା ମଥାପାତି

ମୋ ଧର୍ମ ନୁହେଁ ନରରୂପି ରାକ୍ଷସଙ୍କ
ହେବାକୁ ଶିକାରୀ
ସେଇ ନାରୀ ଯିଏ ଅନ୍ଧାରକୁ ଲଢି
ନିଜ ଭରିଦିଏ ଟେକି
ସେଇ ନାରୀର ଅନ୍ୟ ନାମ ମୁଁ !
ମୁଁ ନାରୀ.....
ମଦର ଟେରେସା ପରି ସ୍ନେହ କରେ ଜାଣି
ଦ୍ରୌପଦି ପରି ପ୍ରତିଶୋଧ ନିଏ ଜାଣି
ସେହି ନାରୀର ଅନ୍ୟ ନାମ ମୁଁ !
ମୁଁ ନାରୀ.....
ନୁହେଁ ଅବଳା
ନୁହେଁ ଦୁର୍ବଳା
ନାରୀ ଏକ ଲକ୍ଷ୍ମୀ
ନାରୀ ମମତାମୟୀ
ନାରୀ ଜାୟା ଭଗିନୀ
ନାରୀ ଅଟେ ସର୍ବସଂହା
ନାରୀ ଅଟେ ପରିପୂର୍ଣ୍ଣା
ଏ କଳୁଷିତ ସମାଜରେ

ନର ରାକ୍ଷସ ମାନଙ୍କ ପାଖେ
ନାରୀ ନିଜ ଜୀବନକୁ ଆହୁତି ଦିଏ ସିନା
କିନ୍ତୁ ସେ ଲଢ଼େଇ ଶିଖେ
ଜୀବନର ପଥେ ସେ ସଂଗ୍ରାମ କରେ
ନାରୀ ଏକ ପରିକଳ୍ପିତ ଅଧ୍ୟାୟ
ଯାହା ଗଢ଼ିବା ସହଜ, ବୁଝିବା ଅସହ୍ୟ ।

*****

ରାଜକନିକା, କେନ୍ଦ୍ରାପଡ଼ା
ଅଧ୍ୟାପିକା,
ତୁଳସୀ ମହିଳା ମହାବିଦ୍ୟାଳୟ

# ଅଭିନନ୍ଦନ



ରାଧାମୋହନ ପୂଜାହାରୀ

**ବି**ତିଗଲା ଦିନ ବିତିଲା ରାତି ଛାଡ଼ିବନି ହାତ ତୁମେ କେବେ ସାଥୀ
ଏ ମୁହୂର୍ତ୍ତ ସ୍ମରଣ ରହିଲା ।
ନୀଳାକାଶୁ କେହି ପରୀଟିଏ ଆସି ବିବାହ ବାର୍ଷିକୀର ଅଭିନନ୍ଦନ
ମୋର କାନେ ଚୁପି ଚୁପି କହିଲା ॥

ପରିବାର ସଙ୍ଗେ ବନ୍ଧୁ ପରିଜନ
କେତେ ସାଙ୍ଗ କେତେ ସାଥୀ ।
ଲାଗୁଥିଲା ସତେ ତାରା ଚାନ୍ଦ ମେଳେ
ଆଜି ଝଲସି ଉଠୁଛି ରାତି ॥

କେତେ ଉପହାର କେତେ ଆଶୀର୍ବାଦ
କେତେ ଯେ ଅଭିନନ୍ଦନ ।
ଆନନ୍ଦ ଉଲ୍ଲାସେ ଏ ଶୁଭ ମୁହୂର୍ତ୍ତେ

କମ୍ପୁଛି ଆଜି ମୋ ହୃଦୟର ସ୍ପନ୍ଦନ ||

କେତେ ରାଗରୁଷା କେତେ ମୁହଁଫୁଲା
କେତେ ମାନ ଅଭିମାନ ।
ସବୁକୁ ପାସୋରି ଆପଣାର କଲ
ଧନ୍ୟ ତୁମ ପ୍ରତିଦାନ ||

ଦେଖୁ ଦେଖୁ ଗୋଟେ ବରଷ ବିତିଲା
ସତେ ଯେମିତି ଲାଗୁଅଛି କାଲି ପରି ।
ପରଶେ ତୁମର ଖୁସିର ଲହରୀ
ଆଜି ଆକାଶୁ ପଡୁଛି ଝରି ||

ସବୁ ଦୁଃଖ ତୁମ ମୋର ଦୁଃଖ ହେଉ
ହେଉ ସୁଖମୟ ତୁମ ଦିବ୍ୟ ଜୀବନ ।
ଏତିକି କାମନା କରୁଛି ଠାକୁରେ
ଆଶିଷ ଦିଅ ହେ ନନ୍ଦ ନନ୍ଦନ ||

ଏହି ଅବସରେ ଜଣାଉଛି ପ୍ରିୟେ
ତୁମକୁ ମୋର ଅଭିନନ୍ଦନ ।
ଛାଡିବନି ହାତ ତୁମେ କେବେ ସାଥୀ

ତୁମେ ହିଁ ତ ମୋର ସ୍ପନ୍ଦନ,

ତୁମେ ହିଁ ତ ମୋର ସ୍ପନ୍ଦନ ||

*****

ସୁବର୍ଣ୍ଣପୁର

# ଅସମ୍ଭବ କିଛି ନୁହେଁ



ସମ୍ବିତ ସତ୍ୟପ୍ରକାଶ ମିଶ୍ର

**ସା**ମାନ୍ୟ ନୁହଁଇ ସୂକ୍ଷ୍ମ ବାରି ଜଳ
ମିଶି ହୋଇଥାଏ ନଈ,
ପୁଣି ସେଇ ନଈ ଉତ୍ସର୍ଗୀ ନିଜକୁ
କେତେ ଯେ ପ୍ରାଣ ସଞ୍ଚୟୀ । (୧)
ନିଦାଘର ଦାଉ ଅସହ୍ୟ ପ୍ରବଳ
ବିକଳ ମେଣ୍ଟାଏ ଜଳ,
ପ୍ରଳୟଙ୍କରୀ ସେ ବନ୍ୟା ବାତ୍ୟା ରୂପେ
ଆତଙ୍କିତ ପ୍ରାଣୀକୁଳ । (୨)
ପଇସା ଶହେକୁ ଶହେ ଥର ଯଦି
ସଞ୍ଚିଥାନ୍ତି ଶହେ ଜନ,
ଶତ ଶତ ଗୁଣ ମୂଲ୍ୟ ମିଳିଥାଏ
କରେ ବିପଦ ନାଶନ । (୩)

ଉଡେ ମହୁମାଛି ଫୁଲରୁ ଫୁଲକୁ
ମଧୁ ସଞ୍ଚୟ କରଇ,
ଆହା କି ସୁଆଦ ମହୌଷଧି ସମ
ରୋଗରୁ ଥାଏ ବଞ୍ଚାଇ । (୪)
ଉଦ୍ୟାନକୁ ଶୋଭା ଟିକି ଟିକି ଫୁଲ
ଆକାଶକୁ ଟିକି ତାରା,
ଦଳବଦ୍ଧ ହୋଇ ଜାଲ ଟେକି ନେଇ
ଜିତିଗଲେ ଟିକି ପାରା । (୫)
ଅଦୃଶ୍ୟ ଭାବରେ ମହାଦ୍ରୁମ ଟିଏ
କ୍ଷୁଦ୍ର ବୀଜ ମଧ୍ୟେ ଥାଏ,
ତୁମ୍ଭ ମଧ୍ୟେ ଅଛି ଉଜ୍ଜ୍ୱଳ ସମ୍ଭାବ୍ୟ
ଅସମ୍ଭବ କିଛି ନୁହେଁ । (୬)

*****

ଗୁଡ଼ିଆନାଳୀ, ଢେଙ୍କାନାଳ

# ଏଇ ମୋ ଭାରତ ବର୍ଷ



ବିଶ୍ୱ ରଞ୍ଜନ ତ୍ରିପାଠୀ

ଏଇ ମୋ ଭାରତ ବର୍ଷ,

ଏଇ ମୋ ଭାରତ ବର୍ଷ,

ଲେଖୁଅଛି ଶୁଣ ମୋ ଦେଶ ବିଷୟରେ,

ଗର୍ବ ଗୌରବ ଭାଷା

ଏଇ ମୋ ଭାରତ ବର୍ଷ ॥ (ଘୋଷା)

ଗୁରୁଙ୍କୁ ମିଳେ ଏଠି ସର୍ବୋଚ୍ଚ ସ୍ଥାନ,

ଅତିଥିଙ୍କୁ ମିଳେ ଏଠି, ଦେବ ସନମାନ,

ମୋର ଦେଶ ଅଟେ ପୁଣି ଧର୍ମ ନିରପେକ୍ଷ,

ସବୁ ଧର୍ମର ଲୋକେ ଏଠି କରିଥାନ୍ତି ବାସ

ଏଇ ମୋ ଭାରତ ବର୍ଷ ॥

ଭିନ୍ନତା ମଧ୍ୟରେ ଏଠି ଏକତା ଯେ ପୁଣି,

ଧର୍ମ ସଂସ୍କୃତିର ଅଟେ ଏଠି ବାସ,

କଳା ସଂସ୍କୃତିରେ ଭରପୁର ଏହା,
ପୁଣି ଭଗବାନଙ୍କର ଜନ୍ମଦେଶ,
ଏଇ ମୋ ଭାରତ ବର୍ଷ ॥

ବିଶ୍ୱରେ ଅଟେ ଏହା ଦ୍ୱିତୀୟ ଜନବହୁଳ ରାଷ୍ଟ୍ର,
ବିଶ୍ୱରେ ଅଟେ ପୁଣି ଏହା ବୃହତ ଗଣତାନ୍ତ୍ରିକ ରାଷ୍ଟ୍ର,
ଖଣିଜ ସମ୍ପଦେ ଭରପୁର ଏହା,
ପ୍ରାକୃତିକ ସୌନ୍ଦର୍ଯ୍ୟ ଭଣ୍ଡାରର ଦେଶ,
ଏଇ ମୋ ଭାରତ ବର୍ଷ ॥

ଗାନ୍ଧୀଙ୍କ ସହ ଏଠି ଜନ୍ମିଛନ୍ତି, ଗୋପବନ୍ଧୁ ଆଉ ସୁବାଷ,
ତେଣୁ ଏ ଦେଶ ଅଟଇ ମହାପୁରୁଷଙ୍କ ଦେଶ,
ସହନଶୀଳର ନିଦର୍ଶନ ମିଳିଥାଏ ଏଠି,
ପୁଣି ରକ୍ଷଣ ଶୀଳର ଆଦର୍ଶ,
ଏଇ ମୋ ଭାରତ ବର୍ଷ ॥

ପର୍ଯ୍ୟଟନର ଗନ୍ତାଘର ଅଟେ ଏହା,
ପୁଣି ଅଟେ ସୌନ୍ଦର୍ଯ୍ୟର ପ୍ରତୀକ,
ତେଣୁ ବିଦେଶୀ କରିଥାନ୍ତି ଏଠି ଆତଯାତ,
ମନେ ନରଖି କିଛି ଅବଶୋଷ,

ଏଇ ମୋ ଭାରତ ବର୍ଷ ॥

ଯେତେ ଲେଖୁଥିଲେ ମୋ ଦେଶ ବିଷୟରେ,
କଥା ହେବନାହିଁ ଶେଷ,
ଏଇ ମୋ ଭାରତ ବର୍ଷ,
ଏଇ ମୋ ଭାରତ ବର୍ଷ ॥

*****

ଖୋର୍ଦ୍ଧା

# ନୂଆ ବରଷ ୨୦୨୦



ସୁଚିସ୍ମିତା ବେହୁରିଆ

ନୂଆ ବରଷ ଟିଏ ଆସିଲା
ସାଥିରେ ଧରି ନୂଆ ସକାଳଟିଏ
ସଜ୍ଜିତ ଗୋଲାପ ଫୁଲର ପାଖୁଡା ଉପରେ
ଆମ ପାଇ ପାଇଁ କ'ଣ ଆଣିଲା,
ତାର ହାତର ପାପୁଲିରେ
ଚଳାଏ ଅମୃତ ନା ଚଳାଏ ବିଷ ?
କୋଇଲିର କୁହୁ ନା ଦୁଃଖର କୋହ ?
ଧର୍ମ ଯୁଦ୍ଧର ସ୍ଥଗିତ ଡାକରା
ନା ବିଶ୍ୱ ଯୁଦ୍ଧର ଆହ୍ୱାନ ?
ଭୂମିକମ୍ପ, ମରୁଡ଼ିର ବିଭୀଷିକା ନା
ବନ୍ୟା, ବାତ୍ୟାର ସ୍ୱରୂପ ?
ଆତଙ୍କବାଦୀଙ୍କ ଆତଙ୍କ
ନା କରୋନା ରୋଗର ତାଣ୍ଡବ !*****

ଗାଜିଆବାଦ୍

# ସମୟ



ଅଲିଭା ସାହୁ

ସମୟ କାହିଁକି ତୁ ହଜିଗଲୁ କହ
ତୋ ପାଇଁ ଆଖିରେ ମୋ ଦୁଇ ଟୋପା ଲୁହ ॥
କାହିଁକି ଆସିଲୁ ତୁ ଦୁନିଆଁକୁ କହ
ତୋ ପାଇଁ ଛାତିରେ ମୋ ଅସୁମାରୀ କୋହ ॥
ବର୍ତ୍ତମାନ ଅତୀତକୁ କାହିଁ ଚାଲିଗଲା କହ
କିଏ ପୁଣି ପୋଛି ଦେବ ମୋ ଆଖିର ଲୁହ ॥
ଆଉଥରେ ମିଳନ୍ତାକି ମୋ ହଜିଲା ଦିନ
ସାଉଁଟନ୍ତି ପୁଣି ଥରେ ମୋ ସୁଖର ସପନ ॥
ଅଛି ସେହି ଦିନରାତି ବୁଲି ଗଲାରେ ସମୟ
ମନ ଅଛି ଆଜି ମୋର ଭାଙ୍ଗିଲା ହୃଦୟ ॥
ସମୟ କାହିଁକି ତୁ ହେଲୁରେ ନିଷ୍ଠୁର
ସାଙ୍ଗ ସାଥି ଠାରୁ ମୋତେ କରିଦେଲୁ ଦୂର ॥

ଏତେ ବଡ଼ ସଂସାରରେ କରିଦେଲୁ ଏକା
କାହିଁକି ତୁ କରୁଅଛୁ ମୋତେ ଏତେ ଈର୍ଷା ॥
ଭାବିଥିଲି ତୋ ଆଗକୁ ମୁଁ ଯିବିରେ ଚାଲି
ହାରିଗଲି ତୋ ପାଖେ ମନ ମୋ ଭାଙ୍ଗିଲି ॥
ଜାଣିଛି ତୁ ଠକି ଦେଲୁ ଆସିବୁନି ଫେରି
ମୋ ଜୀବନ ଚକ ଏବେ ଯାଏ ଘୁରି ଘୁରି ॥
ନିସ୍ତବ୍ଧ ଅନ୍ଧକାରେ ଖୋଜୁଛି ମୁଁ ତତେ
ହାତ ଛାଡ଼ି ଚାଲିଗଲୁ କୋଉଠି ତୁ ସତେ ॥

*****

ଆନନ୍ଦପୁର, କେନ୍ଦୁଝର

# ଲୋଡ଼ା ନାହିଁ ମୋ'ର



ବନାଲୀ ଦାଶ

**ଲୋ**ଡା ନାହିଁ ମୋ'ର ଏ ସାରା ଆକାଶ
ଚେନାଏ ହେଲେ ବି ଖୁସି,
ଚିମୁଟାଏ ସୁଖ ମୋ' ପାଇଁ ବେଶି
ପାପୁଲିଏ କିଆଁ ଲୋଡିବି..!
ଲୋଡା ନାହିଁ ମୋ'ର ଗୁର୍ଦେ ଗହଣା
କଳାମୋତି ଟିକେ କାଫି,
ଚାଲୁଣିଏ ଭୁଲ୍ କରିଦିଏ ପା' ମୁଁ
ଛୁଞ୍ଚିଏକୁ କାହିଁ ଡରିବି..!
ଲୋଡା ନାହିଁ ମୋ'ର ମେଞ୍ଚାଏ ଭାବନା
ଶବ୍ଦଟେ ମୋ' ପାଇଁ ବେଶି,
ବିନ୍ଦୁଏ ସ୍ୱାର୍ଥକୁ ଡରେ ପରା ମୁଁ
ସିନ୍ଧୁଏ କେମିତି ସହିବି..!

ଲୋଡା ନାହିଁ ମୋ'ର ଅମୂଲ ମୂଲରୁ,
କାଣିଚାଏ ଅଧେ କାଫି,
ଅଧଲା ଟାକର ଜୀବନ ହବନି
ସେରେ କାହିଁ ପାଇଁ ଲୋଡିବି..!
ଲୋଡା ନାହିଁ ମୋ'ର ଟଙ୍କାକର ପ୍ରାପ୍ତି
ପଇସାଏ ଭାରି ବେଶି,
ମଶାଣି ବାଟରେ ଚାରେଣୀ ହିଁ ଖୋଜା
ଟଙ୍କାଏ କାହିଁକି ଲୋଡିବି..!
ଲୋଡା ନାହିଁ ମୋ'ର କୁଢେ ସମ୍ପର୍କ
ଅଳ୍ପ ପରିଭାଷା କାଫି,
ଖଇ କଉଡିର ସାଥି ଗୋଟେ ଲୋଡା
କୁଣ୍ଢେ କାହିଁ ପାଇଁ ଲୋଡିବି..!

*****

କାଦୁଆପଡା, ଜଗତସିଂହପୁର

# ବୟସର ଅପରାହ୍ନେ



ସାବିତ୍ରୀ ମହାପାତ୍ର

**ବ**ୟସର ଅପରାହ୍ନେ ହୋଇଛି ମୁଁ ଠିଆ ଆଜି ଛାର ଦୁବଘାସ,
ଦେଖୁଛି ମୁଁ ଶୁଷ୍କ ମରୁପ୍ରାନ୍ତ,
ତଥାପି ହୋଇନାହିଁ ଜୀବନରେ ଦିନେ ବି ଅବଶ ।

ଚଳଚଞ୍ଚଳ ଏ ହୃଦୟର ଗତି ମାଡିଚାଲେ ପ୍ରଭୁ ଆଗକୁ ଆଗକୁ,
ଏହିମାଳା ଗୁନ୍ଥିଛି ମୁଁ ଆଜି ତୁମ ପାଇଁ,
ମଣ୍ଡିବାକୁ ତୁମପଦେ ଆଉ ଚାହିଁଥିବି ତୁମରି ଆଶ୍ରାକୁ ।

ପାଇଛି ମୁଁ ପ୍ରଭୁ ତୁମକୁ ସେ ସବୁଜ ପ୍ରାନ୍ତରୁ,
ପୁଣି ଫୁଲରୁ ପତ୍ରରୁ,
ପାଇଛି ମୁଁ ତୁମକୁ ପୁଣି ଗୋଧୂଳି ସନ୍ଧ୍ୟାରୁ ପୁଣି ମୃଦୁମନ୍ଦ ସମୀରରୁ ।
ଶୁଷ୍କ ବାଲିପ୍ରାନ୍ତେ ପାଇବାକୁ ତୁମକୁ ମୁଁ ହୋଇଯାଇଛି ବ୍ୟାକୁଳ,
କ୍ଷୁଧିତ ଏ ପ୍ରାଣେ ଭରି ଦେଇଛ ଯେ ଯେତେ ଆଶାର ସଞ୍ଚାର ।

ବ୍ୟଥା ଭରା ଆକାଙ୍କ୍ଷା ଯେ ଥିଲା ଅନେକ ଦିନର,
ସମର୍ପିଲି ତୁମରି ପୟରେ,
ଆଜି ଏହି ଦିନ ଆସୁ ବାରମ୍ବାର,
ବିତୁ ଏହା ମହା ଆଡମ୍ବରେ ।

*****

ଭୁବନେଶ୍ୱର

# ଆଶ୍ୱାସନା



ଅନାମ ଚରଣ ସାହୁ

ଆଶ୍ୱାସନା ଭରା ପଦେ ମିଠା କଥା
ବଦଳାଇ ଥାଏ ଚିତ୍ର
ଅଜଣା ଅଶୁଣା ମଣିଷ ବି ହୁଏ
ସବୁଠାରୁ ଭଲ ମିତ୍ର ।
ମଳୟ ଯେସନ ନିମ୍ବକୁ ମହାନ
କରଇ ଚନ୍ଦନ ସମ
ଆଶ୍ୱାସନା ବାଣୀ ଧୈର୍ଯ୍ୟ ଦିଏ ପୁଣି
ଶକ୍ତ ହୁଏ ମନ ଦ୍ରୁମ ।
ମିଛ ପ୍ରବୋଧନା କ୍ଷଣିକ ବାସନା
ଦୂରତ୍ୱ ବଢାଏ ଶେଷେ
ସତ୍ୟ ଉନ୍ମୋଚିତ କରେ ଏ ଜଗତ
ପୂର୍ଣ୍ଣଚ୍ଛେଦ ଅଭିଳାଷେ ।

ନିଜକୁ ଭରସା କରିଲେ ସହସା
ଉତ୍ସାହିତ କଲେ ପୁଣି
ଜୀବନର ଲକ୍ଷ୍ୟ ପୂର୍ଣ୍ଣ ସୁରକ୍ଷିତ
ମନେ ରଖିଥିବା ଗୁଣୀ ।
ସ୍ୱଜନ ମୁଖରୁ ଉତ୍ସାହର ବାଣୀ
ମନେ ଭରେ ଟାଣ ପଣ
ଅଥଳ ସାଗର ସୁଉଚ୍ଚ ଶିଖର
ପାଦତଳେ ଥାଏ ଜାଣ ।
ନଥିଲେ ନଥାଉ ଧନରତ୍ନ ପାଶେ
ଦିଅ ଆଶ୍ୱାସନା ବାଣୀ
ଜୀବନର ସ୍ୱାଦ ମିଠା ଅନୁଭବ
ପାଦକୁ ଚୁମିବ ଜାଣି ।

*****

ବିଭୁତିପୁର, କାକଟପୁର,
ପୁରୀ

# ଆଜି ବି ଖୋଜେ ମୁଁ ତୁମକୁ



ରାମ ଚନ୍ଦ୍ର ପ୍ରଧାନ

ଆଜି ବି ଖୋଜେ ମୁଁ ତୁମକୁ...

ତୋଫା ଜହ୍ନର ଶୀତଳତାରେ

ନୀଳ କଇଁର କୋମଳତାରେ

ଆଉ ତୁମ...

ଖିଆଲି ମନର ଚପଳତାରେ !

ହେଲେ କାହିଁକି ?

ସେଦିନ ତୁମେ ଏମିତି କଲ

ଟିକେ ବି ଖୋଜିଲନି ମୋତେ...

ଆକାଶ ଛାତିର ବିଶାଳତାରେ

ବାଦଲ ଆଖିର ନୀରବତାରେ

ଆଉ ତୁମ...

ଚୋରା ଚାହାଁଣିର ଚମକତାରେ !

ମତେ ବିଶ୍ୱାସ କର
ଆଜି ବି ଖୋଜେ ମୁଁ ତୁମକୁ...
ମୋ ଖର ନିଶ୍ୱାସର ପ୍ରଖରତାରେ
ମୋ ଭାବ ବିଶ୍ୱାସର ଗଭୀରତାରେ
ଆଉ ତୁମ...
ଭଙ୍ଗା ହୃଦୟର ଉଦାରତାରେ !
କ'ଣ ବିଶ୍ୱାସ ହେଉନି ?
ସତ...ଏକଦମ ସତ
ସେଦିନର ସେ ତାଳବଣ
ଆଉ ବାଇ ଚଢେଇ ବସା
ମୋର ବେଶି ମନେ ପଡୁଛି
ସେଥିପାଇଁ ବୋଧେ ମନେମନେ
ଆଜି ବି ଖୋଜେ ମୁଁ ତୁମକୁ...
ପ୍ରତି କ୍ଷଣରେ
ପ୍ରତିମୁହୂର୍ତ୍ତରେ
ଆଉ...
ପ୍ରତିଟି ସ୍ପନ୍ଦନରେ !
କାଇଁ ମୋ ରାଣ ଖାଇ

ସତ କହିଲ...

ତୁମେ ଫେରିବ ତ...

*****

ସାନ୍ତରାପଲ୍ଲୀ, ଗଞ୍ଜାମ

# ପଲ୍ଲୀ ପ୍ରଭାତ



ଚିତ୍ତରଂଜନ ବାରିକ

ପ୍ରାଚୀ ମୂଳେ ଏବେ ତାଳ ବୃକ୍ଷ କରେ
ଉଷା ଦେବୀ ପାଦ ପଡେ ଧିରେ ଧିରେ,
ଶଯ୍ୟାତ୍ୟାଗୀ ସେହି ନବଉଢା ମାନେ
ନିଜ କାର୍ଯ୍ୟ କଥା ଭାବି ମନେ ମନେ,
ଅତି ଯତ୍ନରେ ଛିଞ୍ଚି ଗୋବର ପାଣି
ଖଡିକାରେ ଓଳାଇ ନିଅନ୍ତି ଧୂଳି,
ଉଷା ଦେବୀ କର ପଲ୍ଲବେ ନିହାର
ଧରି ଧରଣୀକୁ ଦିଏ ଉପହାର,
ଉଷା ଆଗମନ ତୋଫା ହୁଏ ପୃଥ୍ୱୀ
ସର୍ବେ ଶେଯ ଛାଡନ୍ତି ହୋଇଣ ଫୁର୍ତ୍ତୀ,
ପକ୍ଷୀ ଥଣ୍ଟୁ ବେଦ ଶୁଣେ ଏ ଭୁବନ
କର୍ମ ଉଠେ ନେବାପାଇଁ ନବଜନ୍ମ,

ଧରଣୀ ବୁକୁରେ ଘାସର ଲହରି
ତୁଷାର ବିନ୍ଦୁ ଦୃଶ୍ୟନ୍ତେ ମୁକ୍ତା ପରି,
ସରୋବର କୂଳ ଝିଅ ବୋହୁମେଳେ
ଗୀତର ମୂର୍ଚ୍ଛନା ସେଠୁ ପ୍ରତିଫଳେ,
ଗ୍ରାମ ବ୍ରାହ୍ମଣର ମନ୍ତ୍ର ମନ୍ଦିରରେ
ଘଣ୍ଟଘଣ୍ଟା ନାଦ ଭାସେ ସମୀରରେ,
ସୂର୍ଯ୍ୟର ପହିଲି କିରଣ ନଦୀରେ
ଜକଜକ କରି ସେଠୁ ଉଙ୍କିମାରେ,
କୁକ୍କୁଟର ଡାକ ଶୁଣି ଚଷା ପୁଅ
ଦାଆ ଘେନି କ୍ଷେତେ ଯାଆନ୍ତି ସଅଳ,
ପଖାଳ ଭାତ ସହ ଶୁଖୁଆ ଭଜା
ଶାଗ ବଡ଼ି ରହିଲେ ଲାଗେଟି ମଜା,
ଧିରେ ଧିରେ ଏଠି ମଧ୍ୟାହ୍ନ ଆସିଲା
ପ୍ରଭାତର ଖେଳ ଅପସରି ଗଲା ।

*****

ଜଗତସିଂହପୁର

# ବାହୁଡା



ବିଶ୍ୱରଞ୍ଜନ ଦାଶ

**ବା**ହୁଡ଼ିବା ଆନନ୍ଦ ଟିଏ
ଯେବେ ହସ ବାହୁଡେ ଓଠକୁ,
ବାହୁଡ଼ିବା ଦୁଃଖ ଟିଏ
ଯେବେ ଅପ୍ରତ୍ୟାଶିତ ଯନ୍ତ୍ରଣା ବାହୁଡ଼େ ମୋ ଜଞ୍ଜାଳକୁ
ବାହୁଡ଼ିବା ସନ୍ଦେହ ଟିଏ
ଯେବେ ଅନ୍ଧାର ବାହୁଡ଼େ ରାତ୍ରି ପୂର୍ବରୁ
ବାହୁଡ଼ିବା ଅଭିମାନ ଟିଏ
ଯେବେ ଅଭାବ ବାହୁଡ଼େ ମୋ ପରିପୂର୍ଣ୍ଣତାକୁ ।

ନ ବାହୁଡିକି କ'ଣ ବା ରହିଛି
ଅହଙ୍କାର କୁହ କି ସମବେଦନା
ଅଭାବ କୁହ କି ଆଭିଜାତ୍ୟ
ଶାନ୍ତି କୁହ କି ଅସନ୍ତୁଳନ ।

ସଙ୍କେତ ଟିଏ ଏ ମୋ ଅଙ୍କା ବଙ୍କା ଜୀବନର
ସ୍ଥାୟୀ-ଆସ୍ଥାୟୀର ମହାଯଜ୍ଞ
ଅକ୍ଷୁର୍ଣ୍ଣତାରେ କ୍ଷଣତାର ବିଭୀଷିକା
ଅର୍ଦ୍ଧଦଗ୍ଧ ମୋ ପାରିବା ପାଣିଆର ନଗ୍ନଚିତ୍ର
ଦରଭଙ୍ଗା ଅସଜଡ଼ା ଅସ୍ତବ୍ୟସ୍ତ ରୂପରେ ।

ବାହୁଡ଼ିବା ମାୟା ଟିଏ
ଅସମୟ-ସମୟର ଛାୟାଙ୍କନ ଟିଏ
ମତଲବ ଦୁନିଆଁର କାନଭାସରେ,
ଲୋଟିପଡିଥିବା ଆଶାର ଆଶ୍ଚର୍ଯ୍ୟ ଟିଏ
ଦ୍ରବୀଭୂତ ମୋ ସଙ୍କୁଚିତ ସଂସାରରେ
ବାହୁଡ଼ି ଆସନ୍ତା କି ସେ ଖୁସିର ଫୁଆରଟା
ଗୁଡି ହେଇ ଉଡ଼ନ୍ତା ମୋ ସ୍ୱପ୍ନାକାଶରେ ।

*****

ବୀରମହାରାଜପୁର,
ସୁବର୍ଣ୍ଣପୁର

# ମୋର୍ ଭାରତ୍ ମହାନ୍



ରମଣିକାନ୍ତ ସାହୁ

ଆମେ ସଭେଁ ଭାରତ୍ ବାସି, ଭାରତ୍ ଆମର୍ ମାଁ
ଆମେ ସଭେଁ ମିଲିମିଶି ରଖ୍ ମା ତାର୍ ନାଁ
ଅଲଗ୍ ଅଲଗ୍ ଖାନା, ପିନ୍ଧନା, ଅଲଗ୍ ଚାଲିଚଲନ୍
ଫିର୍ ବି ଆମେ ଗୁଟେ ଜୀବନ୍, ମଜବୁତ୍ ଆମର୍ ଭାବର୍ ବଂଧନ୍
ଭାରତ ମୋର୍ ମହାନ୍, ଭାରତ୍ ମୋର୍ ମହାନ୍ ।

ଆମର୍ ନାରା ଜୟ ଜବାନ୍, ଜୟ କିଶାନ୍
ଭିନ୍ ତା ଭିତ୍ ରେ ଏକ୍ ତା, ଆଏ ଆମର୍ ପଏଚାନ୍
ନାଇ ମାଡିଦେଉ ଆମର୍ ସିମାନା, ଚୀନ୍ ହଉ କି ପାକିସ୍ତାନ୍
ଏକଜୁଟ୍ ହେଇ ଲଢ୍ ମା ଆମେ, ରଖ୍ ମା ଭାରତ୍ ମା ର୍ ମାନ୍
ଫର୍ ଫର୍ ହେଇ ଉଡୁଥିବା ତାର୍ ବିଜୟ ବାନା, କରୁଥିମା ଗୁଣଗାନ୍
ଭାରତ୍ ମୋର୍ ମହାନ, ଭାରତ୍ ମୋର୍ ମହାନ୍ ।

ଜବାନ୍ ଭାଇ ପହଁରା ଦଉଛେ ସିମାନାନେ, ଜୀବନ୍ କେ କରି ପନ୍
ଛାତିଡେରି ଠିଆ ହେଇଛେ ନାଇନ ଗୁଲି କେ ଡର୍
ମା ର୍ ସେବାଲାଗି ହାତେ ଧରିଛେ ବନ୍ଧୁକ୍, ଛାଡିଛେ ଘର୍ ଦୁଆର୍
ସେ ଚେତିଥିସି ବଲି, ଆମେ ସୁଇପାର୍ ସୁ ନାଇଥାଏ ଆମର୍ ଡର୍
ଏନ୍ ତା ବୀର୍ ମାନ୍ କର୍ ଲାଗି ଦେଶ ହେଇପାରିଛେ ମହାନ୍
ଭାରତ୍ ମୋର୍ ମହାନ୍, ଭାରତ୍ ମୋର୍ ମହାନ୍ ।

ଚାଷୀଭାଇ ଦାନା ଦଉଛେ ଦେସ୍ କେ, ନିଜେ ପିଇ ବାସି ଥିର୍
ସରାବନର୍ ଝକେର୍ ହଉ କି ଭୁଦୋର୍ ଖରା, ନାଇନ ଟିକେ ବି ଖାତିର୍
ଲଟ୍ କି ଥିସି ଚାସ୍ କାମ୍ ଥି, ଛିଡିଜିବାର୍ ତକ୍ ଜୀବନ୍ ଡୋର୍
ଖେତର୍ କାଦୋ ଥି ଘାଟିସାନି ହେଇ କାଦୋ ହେଇଗଲାନ ତାର୍ ଜୀବନ୍
ଫିର୍ ବି ଖଟୁଥିସି ରାଏତ୍ ଦିନ୍, ଦେମିବଲି ଦେସ୍ କେ ମୁଠେ ଅରନ୍
ଗରବ୍ ଥି କହେସି ମୁଁଇ ଭାରତ୍ ମୋର୍ ମହାନ୍, ଭାରତ୍ ମୋର୍ ମହାନ୍ ।

*****

ସମ୍ବଲପୁର

# ବିଦାୟ ବିଜୟ



ହୃଦୟାନନ୍ଦ ପଧାନ

ମରି ନାହଁ ତୁମେ ଅମର
ରହିବ ସମଗ୍ର ଓଡ଼ିଆ ହୃଦୟରେ
ଶାନ୍ତିର ବାର୍ତ୍ତା ବିଜୟ ପତାକା
ଉଡାଇଛ ତୁମେ ସତରେ ।

କେବେ ତୁମେ ଥିଲ ଖଳନାୟକ ତ
କେବେ ସାଜିଥିଲ ନାୟକ
ହସାଇଛ କେବେ ବେଦମ କରିକି
ଅଶ୍ରୁବି ଢ଼ାଳିଛ ଅଭିନୟେ ।

ଉଚ୍ଛୁଳା ନଈର ପାଣିଧାରେ ତୁମେ
ଗଢିଥିଲ ତୁମ ଜୀବନ ସ୍ମୃତି
କେତେ ଝଡଝଞ୍ଜା ପବନ ବତାସି
ତୁମେ ଜାଣି ଥିବ ଜୀବନପ୍ରତି ।

ପୂର୍ଣ୍ଣିମା ଆକାଶେ ଚାନ୍ଦଟିଏ ହୋଇ
ଜନ୍ମିଥିଲ ତୁମେ ଓଡ଼ିଆ ଦେଶେ
ପ୍ରୀତିର ସାଗରେ ସଂସାର
ଗଢିଲ ତନ୍ଦ୍ରାବତୀ ନଦୀ ପାଖେ ।

ବୁଣିଥିଲ ପୁଣି ପ୍ରେମର ଜ୍ୟୋତ୍ସ୍ନା
ସେଇ ତନ୍ଦ୍ରାବତୀ ତୀରେ
ତୁମର ସେ ଆଦ୍ୟ ଯୌବନର
ପ୍ରଥମ ପାହାଚରେ ।

ଅଭିନୟ ସାରି ବିଦାୟ ମେଲାଣି
ନେଲ ଆଜି ଅକସ୍ମାତେ
ଦେଖିଲନି ତୁମେ ଉଷା ଆଗମନ
ସନ୍ଧ୍ୟାଲୋକର ସାଥେ ।

ମିଶିଯିବ ତୁମ ହାଡ କଙ୍କାଳ
ଛଅଖଣ୍ଡ କାଠରେ ଜାଳି
ସ୍ମୃତି ରହିଯିବ କାଳ କାଳକୁ
ବିଜୟ ପତାକା ଟେକି ।

***** ଅମରପାଲି , ସୁବର୍ଣ୍ଣପୁର

# ମୋ କର୍ମଭୂମି



ସରିତା ନନ୍ଦ

ଏଇଟି ମୋହର କର୍ମଭୂମି
ନାଁଟି ତାର ଢେଙ୍କାନାଳ,
ଚତୁପାର୍ଶ୍ୱ ତାର ପର୍ବତ ବେଷ୍ଟିତ
ଗିରି ରାଜାଙ୍କର ପିଠ ସ୍ଥଳ ॥
ଚାରି ଆଡ଼େ ତାର ସବୁଜିମା ଭରା
ଶାନ୍ତ ପରିବେଶ ମନୋହର,
କେତେ ବିଜ୍ଞ ବ୍ୟକ୍ତି କେତେ କଳାକାର
ଜନ୍ମିତ ଏଠି ରଖି ଯାଇଛନ୍ତି ନାମ ତା'ର ॥
ଓଡିଶା ରାଜ୍ୟର ଛୋଟିଆ ଜାଗା ଏ
ନାହିଁ ଏଠି ବେଶି କୋଳାହଳ,
ଫ୍ୟାକ୍ଟ୍ରି କି କୋଇଲା ଖଣି ନାହିଁ ଏଠି
ନାହିଁ କଳ କବ୍ଜାର ଶବ୍ଦ ସ୍ୱର ॥

ସ୍ୱାଧୀନତା ସଂଗ୍ରାମୀ ବାଜିରାଉତ
ଜନ୍ମି ଥିଲେ ଦିନେ ଏହି ସ୍ଥାନେ,
ଏହି ସେହି ଭୂମି ଗର୍ବିତ ଆଜି
ତାଙ୍କରି ମହତ ଦାନେ ॥
ପ୍ରଥମ ନାରୀ ମୁଖ୍ୟମନ୍ତ୍ରୀ ଭାବେ
ଓଡ଼ିଶାରେ ଥିଲେ ଯିଏ,
ନନ୍ଦିନୀ ଶତପଥୀ ଏହି ଜିଲ୍ଲାର
ଝିଅ ପରା ଥିଲେ ସିଏ ॥
କଳ୍ପନା ଦାଶ ପରି ଝିଅ ଜନ୍ମି ଏଠି
ଟେକିଛି ଏହାର ମଥା,
ଗର୍ବରେ ଆଜି ଢେଙ୍କାନାଳ ଗାଏ
ନିଜ ମାଟିର ଗାଥା ॥
ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସିଦ୍ଧ ଆଜି
ଓଡ଼ିଶାର ଢେଙ୍କାନାଳ,
ଦୂର ଦୂରାନ୍ତରୁ ଲୋକଙ୍କର ଭିଡ଼େ
ଭରିଯାଏ ଏହି ପୂଜା ସ୍ଥଳ ॥
ବ୍ରଜନାଥ ବଡ଼ଜେନା କବିପଣେ ଶ୍ରେଷ୍ଠ
ଏହି ଢେଙ୍କାନାଳ ସ୍ଥାନେ,

ବିଦ୍ୟାଳୟ ଏକ ସ୍ଥାପିତ ହୋଇଛି
ତାଙ୍କୁ ହିଁ ସୁମରି ମନେ ॥
କେତେ ପିଲା ଏଠି ମଣିଷ ହୋଇକି
ରଖି ଯାଇଛନ୍ତି ଯଶ,
ଏବେ ବି ଚାଲିଛି ଏହି ବିଦ୍ୟାଳୟ
ସ୍ମରନ୍ତି ଅନେକ ଶିଷ୍ୟ ॥
ମାଘମେଳାର ମହିମା ଧର୍ମ
ଯୋରନ୍ଦାରେ ଅଟେ ଖ୍ୟାତ,
କପିଳାସ ଶିଖେ ଚନ୍ଦ୍ରଶେଖର ପ୍ରଭୁ
ଅଛନ୍ତି ଉଡାଇ ନେତ ॥
ଏପରି ପୁଣ୍ୟ ଧାମେ କରମ ମୋହର
ଦେଇଅଛ ଭଗବାନ,
ଦିଅ ହେ ଆଶିଷ ହେ ଗଉରୀ ନାଥ
ରଖି ମୋ ମସ୍ତକେ ହାତ ॥

*****

କୁଞ୍ଜକାନ୍ତ, ଢେଙ୍କାନାଳ

# ମାଆ ଯୁଗେ ଯୁଗେ ମାଆ



ରଞ୍ଜନ କୁମାର ଭୁକ୍ତା

ପ୍ରଥମ ଶବ୍ଦଟି ଏନ୍ତୁଡି ଶାଳରେ
କୁଆଁ କୁଆଁ ରାବ ମାଆ
ତା ପଣତକାନି ଶ୍ରୀମନ୍ଦିର ନେତ
ଭରା ନଈର ସେ ନାଆ ।୧।

ନାରୀ ସ୍ନେହମୟୀ ଚାରୁ ହାସ୍ୟମୟୀ
ସର୍ବାଗ୍ରେ ହୁଅଇ ଠିଆ
ମହିଷାମର୍ଦ୍ଦିନୀ ରୂପ ଧରିପାରେ
ପାଷାଣ ସମ ତା ହିଆ ।୨।

କୀଟ ଠାରୁ ହାତୀ ଧରା ପୃଷ୍ଠେ ମାତି
ଖାଇ ସୁଲୁସୁଲୁ ବାଆ
ସମସ୍ତଙ୍କ ଭାର ବହନ କାରିଣୀ
ସେଇ ବସୁନ୍ଧରା ମାଆ ।୩।

ଥିଲେ ଝାନ୍ସିରାଣୀ ନାମ ଲକ୍ଷ୍ମୀବାଈ
ଆଜିବି ପଡୁଛି ନାଆଁ
ରମାଦେବୀ ସଙ୍ଗେ ମାଳତୀ ଚୌଧୁରୀ
ସେମାନେ ସଂଗ୍ରାମୀ ମାଆ ।୪।
କୁନ୍ତଳା କୁମାରୀ ପ୍ରତିଭା ରାୟ ବି
ପଥ ପ୍ରଦର୍ଶକ ମାଆ
କଲମ ମୁନରେ ହୃଦୟ ଭିତରେ
ଯେହ୍ନେ ପଞ୍ଜୁରୀର ଶୁଆ ।୫।
ମଦର ଟେରେସା ମନେ ବାନ୍ଧି ଆଶା
ଭୁଲି ନିଜ ଖିଆ ପିଆ
ମାନବ ସେବା ହିଁ ମାଧବର ସେବା
ସଭିଙ୍କ ଦୁଆରେ ଠିଆ ।୬।
ଅହଲ୍ୟା ଦ୍ରୌପଦୀ ତାରା ମନ୍ଦୋଦରୀ
ପୁରାଣେ ରହିଛି ନାଆଁ
ସୀତା ମହାମାୟୀ ପୁତ୍ରକୁ ପାଳଇ
ସ୍ୱାମୀ ବିନା ଏକୁଟିଆ ।୭।
ମାତା ଋଣ କେହି ସୁଝି ପାରିବନି
ସେ ଔଷଧ ଆମେ ଘାଆ

ମମତାର ମୂଲ ଅମୂଲ ଅଟଇ
ତା ମମତା ମନ ଛୁଆଁ ।୮।
ସମାଜ ଗଠନେ ବୀଜ ସଦୃଶ ସେ
ଯୁଗେ ଯୁଗେ ତାର ନାଆଁ
ମାତୃଶକ୍ତି ଠାରୁ ବଳିଷ୍ଠ କେ ନୁହେଁ
ମାଆ ଯୁଗେ ଯୁଗେ ମାଆ ।୯।

*****

ରାକସ, ତାଳଚେର

# ପ୍ରେରଣା



ନିରୁପମା ନାୟକ

ପ୍ରେରଣା...

ସେ ତ ସାହିତ୍ୟ ପ୍ରେମୀଙ୍କ
ପ୍ରୀତି ଭରା ଏକ ଆସର
ପ୍ରେରଣା...
ସେ ତ ଅନ୍ଧକାର ହରେ
ସାଜି କଉମୁଦୀ ଆକାଶର
ପ୍ରେରଣା...
ସେ ଯେ ନଈ ପରି ଲାଗେ
ବହି ବହି ଯାଏ ତା ସ୍ରୋତରେ
ପ୍ରେରଣା...
ସେ ତ ହସ ଫୁଟାଏ ଓଠରେ
ଯେତେ କୋହ ଥାଉ ପଛେ ଛାତିରେ

ପ୍ରେରଣା...
ସେ ଯେ ଘନ ଜଙ୍ଗଲ ସାଜି ଆପଣେଇ ନିଏ
ସାହିତ୍ୟ ପ୍ରେମୀଙ୍କ ଭିଡ଼କୁ
ପ୍ରେରଣା...
ମନ ପକ୍ଷୀ ଯେବେ ଅସ୍ତ ବ୍ୟସ୍ତ ହୁଏ
ସାଉଁଟି ନିଏ ତା ନିଡ଼କୁ
ପ୍ରେରଣା...
ଏକ ସମୁଦ୍ର ଲାଗେ ଯେ
ତା କୂଳରେ ବସେ ମୁଁ ନିରେଖି
ପ୍ରେରଣା...
ମୋର ବନ୍ଧୁ ସାଜିଯାଏ
ମନ କଥା ଦିଏ ତାକୁ ଲେଖି ।

*****

ରାଜଗାଙ୍ଗପୁର,
ସୁନ୍ଦରଗଡ

# ଗଦ୍ୟ ବିଭାଗ

*"ବିଶ୍ୱମିତ୍ର ପରାଶର ପ୍ରଭୃତୟୋ ଯେଚାମ୍ବୁ ପର୍ଣ୍ଣାଶନା*
*ସ୍ତେଽପି ସ୍ତ୍ରୀମୁଖ ପଙ୍କଜ ସୁଲଳିତ ଦୃଷ୍ଟ୍ବୈବ ମୋହ ଗତା ।*
*ଶାଲ୍ୟନ୍ନ ସଘୃତଂ ପୟଃ ଦଧିଯୁତଂ ଯେ ଭୁଞ୍ଜତେ ମାନବାଃ*
*ସ୍ତେଷାମିନ୍ଦ୍ରିୟ ନିଗ୍ରହ ଯଦିଭବେତ୍ ପଙ୍ଗୁ ସ୍ତରେତ୍ ସାଗର ॥"*

*ବିଶ୍ୱାମିତ୍ର, ପରାଶର ପ୍ରଭୃତି ମୁନିମାନେ ଯେ କି ବନର ଜଳ ଏବଂ ପତ୍ର ଖାଇ କାଳାତିପାତ କରୁଥିଲେ,ସେମାନେ ମଧ୍ୟ ସ୍ତ୍ରୀର ପଦ୍ମମୁଖ ଦର୍ଶନ ମାତ୍ରେ ମୋହପ୍ରାପ୍ତ ହୋଇଥିଲେ । ଏପରି ସ୍ଥଳେ ଘୃତ, ଦଧି, ଦୁଗ୍ଧ ମିଶ୍ରିତ ସରୁ ଅନ୍ନ ଖାଉଥିବା ସଂସାରୀ ବ୍ୟକ୍ତିମାନେ ଯେବେ ଇନ୍ଦ୍ରିୟ ସଂଯମ କରିପାରନ୍ତି ତେବେ ପଙ୍ଗୁ ସମୁଦ୍ର ତରିବା ନ୍ୟାୟ ହେବ ।*

*ଦଧି ଦୁଗ୍ଧ ପ୍ରଭୃତି ସାତ୍ତ୍ୱିକ ଖାଦ୍ୟ ଖାଉଥିବା ବ୍ୟକ୍ତି ଇନ୍ଦ୍ରିୟ ସଂଯମ କରିପାରିଲେ ଯେବେ ପଙ୍ଗୁ ସାଗର ତରିବା ଆଖ୍ୟା ଦିଆଯାଏ ସମ୍ପ୍ରତି କୁକୁଟ ମାଂସ ସହିତ ମଦ୍ୟପାନ କରୁଥିବା ବ୍ୟକ୍ତିକୁ କି ଆଖ୍ୟା ଦିଆଯାଇ ପାରେ ?*

**- ଲଳିତକବି ଧ୍ରୁବ ଚରଣ ସ୍ୱାଇଁ**

# ଅନୁତାପ



ତପସ୍ୱିନୀ ଦାଶ ଷଡଙ୍ଗୀ

**ତୁ**ମେ ବୁଝିଲ ନା ସୁଶୀଳା, ସବୁ ବେଳେ ୟାକୁ ତାକୁ ଡାକିକି ଖାଇବାକୁ ଦେଉଛ । ଆଜି କାଲି ଦରଦାମ ଯାହା ହେଲାଣି ତୁମକୁ କ'ଣ ଜଣା ପଡୁଛି । କେତେ କଷ୍ଟ କରି ଟଙ୍କାଟେ ରୋଜଗାର ହୁଏ ତୁମେ ବୁଝି ପାରିବନି ଘରେ ବସିକରି । ଏମିତି ଗରଗର ହେଉଥିଲେ ମହେଶ ବାବୁ । ମହେଶ ବାବୁ ଜଣେ ଉଚ୍ଚ ପଦସ୍ଥ ସରକାରୀ କର୍ମଚାରୀ । ଧନରେ ଭଗବାନ କମ୍ କରି ନାହାନ୍ତି । କିନ୍ତୁ ମନରେ କୃପଣ । କେବେ କାହାକୁ ଦବାନବା କରିବା ତାଙ୍କୁ ପସନ୍ଦ ନୁହେଁ । ହେଲେ ସ୍ତ୍ରୀ ସୁଶୀଳା ତାଙ୍କ ପ୍ରକୃତିର ଯଥେଷ୍ଟ ଓଲଟା । ଭଗବାନ ବିଶ୍ୱାସୀ ଆଉ ଦାନ ଧର୍ମ ପ୍ରିୟା । ଭଗବାନ କୋଳରେ ପିଲାଟିଏ ଦେଇ ନାହାନ୍ତି । ବୈବାହିକ ଜୀବନ ପଚିଶି ବର୍ଷ ବିତିଗଲାଣି । କେତେ ଦିଅଁ ଦେବତା କରିଛନ୍ତି । ହେଲେ ସୁଫଳ ନାହିଁ । ସ୍ୱାମୀଙ୍କ ଠାରୁ ବହୁତ କଟୁ କଥା ବି ଶୁଣିବାକୁ ପଡେ ପୂଜାପୂଜିରେ ଖର୍ଚ୍ଚ କରିବାରୁ । ମହେଶ ବାବୁ ଦିଅଁ ଦେବତାଙ୍କୁ ଘୋର ବିରୋଧ କରନ୍ତି । ତାଙ୍କୁ ଏ ପୂଜା ପାର୍ବଣ ବି ଭଲ

ଲାଗେନି । ଦିନେ ଦାଣ୍ଡ ପିଣ୍ଡାରେ ଗୋଟେ ଦଶବାର ବର୍ଷର ପିଲା ଡାକ ଛାଡିଲା । ବାବୁ ମା' କଣ ଗଣ୍ଡେ ଖାଇବାକୁ ଦିଅ । ଭାରି ଭୋକ ହେଉଛି ଦୁଇ ଦିନ ହେଲାଣି କିଛି ଖାଇନି ବାବୁ । ଛୋଟ ଛୁଆଟିର ଡାକ ଶୁଣି ସୁଶୀଳା ଘରୁ ଦଉଡି ଆସିଲେ । ହଁ ରେ ବାବୁ ବସ, ମୁଁ ତୋ ପାଇଁ ଖାଇବାକୁ ଆଣୁଛି । ଏତିକି କହି ଭିତରକୁ ଗଲେ ରୋଷେଇ ଘରୁ ସଦ୍ୟ ରନ୍ଧା ଖାଦ୍ୟ ପରଶି ଆଣୁ ଆଣୁ ଦେଖିଲେ ମହେଶ ବାବୁ ଏକ କାଠ ଫାଳିଆ ଧରି ସେ ପିଲାଟିକୁ ଘଉଡ଼ଉଛନ୍ତି । ପିଲାଟି ବିକଳରେ ଉଠି ଚାଲି ଯିବାକୁ ବାହାରେ ତ ସୁଶୀଳା ତା ହାତ ଧରି ଅଟକାଇ ଦେଲେ ଆଉ ପାଖରେ ବସାଇ ସେ ଖାଦ୍ୟ ସବୁ ତାକୁ ଖୋଇବାକୁ ଆରମ୍ଭ କରୁ କରୁ ମହେଶ ବାବୁ ସେ ଖାଦ୍ୟ ସବୁ ତାଙ୍କ ହାତରୁ ଭିଡି ନେଇ ଘର ଭିତରକୁ ପଳେଇଲେ । ସେଦିନ ସୁଶୀଳାଙ୍କୁ ବହୁତ ବାଧି ଥିଲା ଭୋକିଲା ମୁହଁରୁ ଖାଇବା ଭିଡି ନେବା ବହୁତ ବଡ଼ ପାପ । କ'ଣ ବା କରିବେ ମୁହଁ ଶୁଖାଇ ଘରକୁ ଆସିଲେ ଆଉ ଖାଇବା ବାବଦକୁ କିଛି ଟଙ୍କା ଲୁଚେଇ ନେଇ ସେ ପିଲାଟିକୁ ଦେଲେ । କହିଲେ ବାବୁରେ ନେ ତୁ ନେ ଏ ଟଙ୍କା ବାହାରୁ କିଛି ଖାଇଦେବୁ । ଆଉ କିଛି ଟଙ୍କା ଦେଲେ ହଳେ ପୋଷାକ କିଣି ଦେବୁ ଏ ଚିରା ଫଟା ଜାମା ଭଲ ଦିଶୁନି । ପିଲାଟି ମାତୃହରା ହେଲେ ବି ସୁଶୀଳାଙ୍କ ହାବଭାବରୁ ଗୋଟେ ନିଛକ ମା'ର ଚରିତ୍ରକୁ ପଢି ପାରୁଥିଲା । ମନ ଶୁଖାଇ ସେଠାରୁ ଚାଲିଗଲା ପିଲାଟି । ଘରକୁ ପଶିଲା ପରେ ଅନେକ କଟାକ୍ଷ ଭରା କଥା ଶୁଣିଲେ ସୁଶୀଳା । ଯେତେ ବୁଝେଇବାକୁ

ଚେଷ୍ଟା କଲେ ସେ ସ୍ୱାମୀଙ୍କୁ ଦରିଦ୍ରଙ୍କୁ ଭୋଜନ ଦେଲେ ସ୍ୱୟଂ ନାରାୟଣ ଖୁସି ହୁଅନ୍ତି ସେ ଶୁଣିବାକୁ ନାରାଜ୍ । ଓଲଟି କହିଲେ ହଁ ତୁମର ସେ ନାରାୟଣଙ୍କୁ ଖୁସି କରିବାକୁ ହେଲେ ନିଜ ଅର୍ଜିତ ଧନରୁ କର, ମୁଁ ଏଇ ଅନ୍ଧବିଶ୍ୱାସ ପାଇଁ ମୋ ଅଣ୍ଟିରୁ ଖର୍ଚ୍ଚ କରିପାରିବିନି । ସେଦିନ ବହୁତ କଷ୍ଟ ହୋଇଥିଲା ସୁଶୀଳାଙ୍କୁ । ମନେ ମନେ ଭଗବାନଙ୍କ ପାଖେ କ୍ଷମା ବି ମାଗୁଥିଲେ । କ'ଣ ବା କରିବେ ? ଯେତେ ବୁଝାଇଲେ ସ୍ୱାମୀ କ'ଣ ଶୁଣିବେ । ସେ ତ ଧନମୋହରେ ପାଗଳ । ହେଉ ଛାଡ଼ କହିକି ଭିତରକୁ ଚାଲିଗଲେ । ସେଦିନ ଶିବରାତ୍ରୀ ଥାଏ ସୁଶୀଳା ବଡ଼ ସରାଗରେ ଓ ଭକ୍ତି ସହକାରେ ବ୍ରତ ରଖିଥିଲେ । ଦିନ ବାରଟା ହେବ କଲିଂ ବେଲ୍ ଶବ୍ଦ ଶୁଣି ଦୁଆର ଖୋଲି ଦେଖନ୍ତି ତ ତିନି ଚାରି ଜଣ ବ୍ୟକ୍ତି ଭିତରକୁ ପଶି ଆସିଲେ । ସୁଶୀଳା ବୁଝୁ ବୁଝୁ ସେମାନେ ମହେଶଙ୍କୁ ଗିରଫ କରିବାକୁ ଆସିଛନ୍ତି ଆୟ ବହିର୍ଭୂତ ସମ୍ପତି ଅଭିଯୋଗରେ । ଏସବୁ ଶୁଣି ସୁଶୀଳାଙ୍କ ପାଦ ତଳୁ ମାଟି ଖସିଗଲା । ସେ କ'ଣ କରିବେ ଜାଣି ପାରୁ ନଥିଲେ । ଅନେକ ଥର ସେ ସ୍ୱାମୀଙ୍କୁ ଏ ଲାଞ୍ଚ ନ'ନେବାକୁ କହିଛନ୍ତି, ଅସତ୍ ଧନ ଚିରସ୍ଥାୟୀ ନୁହେଁ ପୁଣି ଆମର ତ କେହି ପିଲାପିଲି ନାହାଁନ୍ତି କ'ଣ ବା ହେବ ଏତେ ଧନ ଦରବ । ହେଲେ ମହେଶ ବାବୁ ତାଙ୍କ କଥା ଶୁଣି ନାହାଁନ୍ତି । ଯେଉଁ କଥାକୁ ଡର ଥିଲା ଆଜି ସେଇଆ ହିଁ ହେଲା । ମହେଶ ବାବୁଙ୍କୁ ଗିରଫ କରା ହେଲା ବେଳକୁ ଛାତିରେ ଯନ୍ତ୍ରଣା ଅନୁଭବ କରି ସେଇଠି ଟଳି ପଡିଲେ ସୁଶୀଳା । ସତରେ କେଡେ ଭାଗ୍ୟବତୀ

ଅହ୍ୟରାଣୀ ହୋଇ ଶିବରାତ୍ରୀ ପରି ଦିନ ପାଇ ଇହଧାମ ତ୍ୟାଗ କଲେ । ମହେଶ ବାବୁଙ୍କୁ ସ୍ଥାଣୁ ଅବସ୍ଥାରେ ପୋଲିସ୍ ସୁଶୀଳାଙ୍କର କ୍ରିୟାକ୍ରମ ସରିଲା ପରେ ନେଇଗଲା ହାଜତକୁ ।

କିଛି ବର୍ଷ କାରାଦଣ୍ଡ ଭୋଗି ଘରକୁ ଫେରିଲେ ମହେଶ ବାବୁ । ନା ତାଙ୍କ ପାଖରେ ଥିଲା ଧନ ବଳ ନା ଲୋକ ବଳ । ତାଙ୍କ ପ୍ରକୃତି ସକାଶେ ସାହି ପଡୋଶୀ ଭଲ ପାଉ ନଥିଲେ । ପଛରେ ଟୁପୁରୁଟାପର ହେଉଥିଲେ ଅଧମ ବିତ୍ତ ବଢେ ବହୁତ ଗଲା ବେଳେ ଯାଏ ମୂଳ ସହିତ । ଅନୁତାପର ନିଆଁରେ ପ୍ରତି ମୁହୂର୍ତ୍ତରେ ଜଳୁଥିଲେ ମହେଶ ବାବୁ । ସୁଶୀଳାଙ୍କ ପ୍ରତିଟି କଥା ତାଙ୍କ କାନରେ ପ୍ରତିଧ୍ୱନିତ ହେଉଥିଲା । ମା' ମା' ଡାକ ଶୁଣି ଯାଇ ଦାଣ୍ଡରେ ଦେଖନ୍ତି ତ ଗୋଟେ ଉଣେଇଶି କୋଡିଏ ବର୍ଷର ଯୁବକ ଠିଆ ହୋଇଛି । କିଏ ପୁଅ ମୁଁ ତୋତେ ଜାଣି ପାରୁନି । ଧୀର ସ୍ୱରରେ ପଚାରିଲେ ମହେଶ । ବାବୁ ତୁମେ ମା'ଙ୍କୁ ଡାକ ମା ସାଆନ୍ତାଣୀ ମୋତେ ଜାଣି ପାରିବେ । ସତରେ ବାବୁ ଅନ୍ନପୂର୍ଣ୍ଣା ସେ ତାଙ୍କ ସକାଶେ ମୁଁ ଆଜି ମୋ ପେଟ ପାଇଁ ଦାନା ଅର୍ଜନ କରି ପାରୁଛି । ହଁ ବାବୁ ତୁମେ ଯଦି ମୋ ମୁହଁରୁ ସେଦିନ ଖାଇବା ଛଡାଇ ନଥାନ୍ତ ଆଉ ମା' ସାଆନ୍ତାଣୀ ଖାଇବା ପାଇଁ ଟଙ୍କା ନଦେଇ ଥାଆନ୍ତେ ତେବେ ଆଜି ମୁଁ ସେ ଦୋକାନରେ ରହି ପାରି ନଥାନ୍ତି । କିଛି ବୁଝି ପାରୁନଥିଲେ ମହେଶ । ମୋତେ ବୁଝାଇ କହ ପୁଅ କଣ କହୁଛୁ ।

ମହେଶ କହିଲେ । ବାବୁ ଆଜିକି କିଛି ବର୍ଷ ପୂର୍ବେ ମୁଁ ତୁମ ଦୁଆରକୁ ଖାଇବା ମାଗିବାକୁ ଆସିଥିଲି । ତୁମର ବିରୋଧ ସତ୍ତ୍ୱେ ମା ସାଆନ୍ତାଣୀ ମୋତେ ଖୁଆଉ ଖୁଆଉ ତୁମେ ଖାଇବା ଥାଳି ଭିଡି ନେଇଗଲ । ମା ସେଦିନ ମୋତେ ଖାଇବାକୁ ଆଉ ପିନ୍ଧିବାକୁ କିଛି ଟଙ୍କା ଦେଇଥିଲେ । ମୁଁ ସେ ଟଙ୍କା ନେଇ ଏକ ଜଳଖିଆ ଦୋକାନକୁ ଯାଇଥିଲି ଆଉ ମୋର ଅବସ୍ଥା ଦେଖି ସେ ଜଳଖିଆ ଦୋକାନୀ ଖାଇବାକୁ ଦେଲା ଆଉ ତା'ଦୋକାନରେ କାମ ଦେଲା । ଆଜି ମୁଁ ସେ ଦୋକାନରେ ଜଳଖିଆ କାରିଗର । ଆଜି ମା'ଙ୍କୁ ଧନ୍ୟବାଦ ଦେବା ସହ ତାଙ୍କ ଟଙ୍କା ଫେରାଇବାକୁ ଆସିଛି । ମା'ଙ୍କୁ ଟିକେ ଡାକିଦିଅ ବାବୁ । ଲାଜରେ ମୁଣ୍ଡ ତଳକୁ କରି ମହେଶ କହିଲେ ସୁଶୀଳା ଏ ଦୁନିଆଁରେ ନାହିଁ । ସବୁଥି ପାଇଁ ମୁଁ ଦାୟୀ । ଆଜି ମୁଁ ଅନୁତପ୍ତ । ଯେଉଁ ଟଙ୍କାର ଲୋଭରେ ଅନ୍ଧ ହୋଇ ଦିଅଁ ଦେବତା ପୂଜା ପାର୍ବଣ ଭୁଲିଗଲି ସେ ଧନ ହିଁ ମୋ ପାଖେ ନାହିଁ । ଖାଲି ଏଇ ଖଣ୍ଡେ ଘର ଭୂତକୋଠି ପାଲଟି ଯାଇଛି ମୋ ପାଇଁ । ନିସ୍ତବ୍ଧତା ମୋତେ ପ୍ରତି ମୁହୂର୍ତ୍ତରେ ମାରି ଦେଉଛି । ହେଉ ପୁଅ ଶୁଣୁ ଏ ଘର ତୋ ନାଁରେ କରି ଦେବାକୁ ଚାହେଁ । ସେଦିନ ତୋତେ ଗଣ୍ଡେ ଖାଇବାକୁ ଦେଇନଥିଲି ଆଜି ସେଥିପାଇଁ ଅନୁତପ୍ତ ମୁଁ । ତୁ ଏ ଘରେ ରହ । ସୁଖ ଶାନ୍ତିରେ ସଂସାର କର । ମୁଁ ମୋର ବାକି ଜୀବନ ବୃନ୍ଦାବନ ଯାଇ ଏ ମନ ଆଉ ଶରୀରର ପାପ ପଙ୍କକୁ ଧୋଇବି । ଏତିକି କହି ଓକିଲକୁ ଫୋନ୍ କରି ସବୁ ବ୍ୟବସ୍ଥା କଲେ ଏବଂ ବୃନ୍ଦାବନ ଚାଲିଗଲେ ।

ବେଙ୍ଗାଲୁରୁ

*****

# ସ୍ୱୟଂସିଦ୍ଧା



ରୋଜା ପଣ୍ଡା

ଆଜି ମୋ ଆଖିସାମ୍ନାରେ ଦେଖିଲି ଗୋଟେ ବାର ବର୍ଷର ଝିଅଟିଏ ସାମ୍ନାରେ ଥିବା ଚେୟାର ଉପରେ ବସି ରାଗ ତମତମରେ କିଛି କାଗଜପତ୍ର ଚିରି ଖଣ୍ଡଖଣ୍ଡ କରି ତଳେ ପକାଉଛି । ପାଖରେ ତାକୁ ବାରଣ କରିବା ଛଳରେ ଜଣେ ବୟସ୍କ ବ୍ୟକ୍ତି ଉପସ୍ଥିତ ଅଛନ୍ତି । କିଛି କ୍ଷଣ ମଧ୍ୟରେ ଝିଅଟି ପାଖକୁ ଦୌଡ଼ି ଆସିଲେ ତିନି ଜଣ ବ୍ୟକ୍ତି । ସେମାନଙ୍କ ମଧ୍ୟରୁ ଜଣେ ସତୁରି ବର୍ଷର ବୃଦ୍ଧ ଏବଂ ଦୁଇଜଣ ସ୍ତ୍ରୀଲୋକ ଥିଲେ । ଦୁଇଜଣ ସ୍ତ୍ରୀଲୋକଙ୍କ ମଧ୍ୟରେ ମଧ୍ୟ ଜଣେ ଥିଲେ ବୃଦ୍ଧା ଓ ଅନ୍ୟଜଣେ ପାଖାପାଖି ପଇଁଚାଳିଶ ବର୍ଷୀୟା ନାରୀ । ଲାଗୁଥିଲା ସେମାନେ ଝିଅଟିର ଖୁବ୍ ପରିଚିତ । ଝିଅଟିର ପାଖକୁ ଦୌଡ଼ିଯାଇ ସମସ୍ତେ ଏକ ସ୍ୱରରେ କହୁଥିଲେ, "ମା'ରେ ସେ କାଗଜପତ୍ର ଚିରି ନଷ୍ଟ କରନା" । ତାଙ୍କ କଥାବାର୍ତ୍ତାରୁ ଲାଗୁଥିଲା ସତେ ଯେମିତି କିଛିଗୋଟେ ବହୁତ ବଡ ଦରକାରୀ କାଗଜପତ୍ରକୁ ଝିଅଟି ଚିରି ନଷ୍ଟ

କରିଦେଉଛି । ଠିକ୍ ସେତିକିବେଳେ ଝିଅଟି ଚିତ୍କାର କଲା, "ଚାଲିଯାଅ ! ଚାଲିଯାଅ ସମସ୍ତେ ମୋ ପାଖରୁ କେବଳ ମୋ ମାଆଙ୍କୁ ଛାଡି " । ବୁଝିଲି ସେମାନଙ୍କ ମଧ୍ୟରୁ ପଇଁଚାଳିଶ ବର୍ଷୀୟା ସ୍ତ୍ରୀଲୋକ ଜଣକ ଥିଲେ ସେ ଝିଅଟିର ମାଆ । ଏବଂ ଅନ୍ୟମାନେ ଥିଲେ ତାର ବାପା ଆଉ ଜେଜେବାପା, ଜେଜେମାଆ । କିନ୍ତୁ ଝିଅଟି ନିଜ ବାପା ଆଉ ଜେଜେବାପା ଓ ଜେଜେମାଆଙ୍କୁ ନିଜ ପାଖରୁ ଚାଲିଯିବାକୁ କାହିଁକି ବାରମ୍ବାର କହିଚାଲିଛି ?

ହା..ହା... ହା... ମୁଁ ଜଣେ ସାହିତ୍ୟକାର । ସାମ୍ନାରେ ଘଟୁଥିବା ପ୍ରତ୍ୟେକଟି ଘଟଣାରୁ କଥାବସ୍ତୁ ବାହାରକରି ତାକୁ ଲେଖନୀ ମୁନରେ ଜୀବନ୍ତ ରୂପ ଦେଇ ରଚନାତ୍ମକ ରୂପେ ଭାବାବେଶ କରିବା ହିଁ ମୋର ଧର୍ମ । ମୋର ବି ମନ ଆକାଶରେ ଆଗ୍ରହର ସ୍ରୋତ ଖେଳିଗଲା ସାମ୍ନାରେ ଘଟୁଥିବା ଘଟଣାର ଜଡ଼ ପର୍ଯ୍ୟନ୍ତ ଯିବାପାଇଁ । ମୋ ପାଦ ଆଗେଇ ଚାଲିଲା ସେଇ ଝିଅଟିର ଚେୟାର ପାଖକୁ । ମୁଁ ଝିଅଟିର କାନ୍ଧ ଉପରେ ହାତ ଥାପି ତାକୁ ଏକ ଅପଲକ ନୟନରେ ଚାହିଁରହିଲି କିଛି ମୁହୂର୍ତ୍ତ । ମୁଁ ଜଣେ ଝିଅ ହେଇଥିବାରୁ ମୋର ଏପରି ବ୍ୟବହାରରେ ସେଠାରେ ଉପସ୍ଥିତ ଜନମଣ୍ଡଳୀ କିଛି ପ୍ରତିଉତ୍ତର ଦେଲେନାହିଁ ବରଂ ମତେ ପ୍ରୋତ୍ସାହନ ଦେଇଥିଲେ ଝିଅଟିକୁ ବୁଝାଇବା ପାଇଁ । ମୁଁ ମୃଦୁ କଣ୍ଠରେ ଝିଅଟିକୁ ତାର କ୍ରୋଧିତ ଓ କ୍ଷୁବ୍ଧ ହେବାର କାରଣ ପଚାରିଲି । ଝିଅଟି ପ୍ରଥମେ ମୋର ପ୍ରଶ୍ନକୁ ଅଣଦେଖା କରିଥିଲା

କିନ୍ତୁ ପର ମୁହୁର୍ତ୍ତରେ ମୋର ହାତର ସ୍ନେହଭରା ସ୍ପର୍ଶ ଆଉ କେଇପଦ ମିଠା କଥା ତାକୁ ମୋ ସାମ୍ନାରେ ତାର ମନକଥା ଖୋଲି କହିବାକୁ ବାଧ୍ୟ କରିଥିଲା । ସେ ବ୍ୟାଖ୍ୟା କଲା ତାର ଅନ୍ତରର ଦୁଃଖ ।

ତାର ଦୁଃଖ ହେଉଛି ତା ମାଆର ଅନ୍ଧକାର ଭବିଷ୍ୟତ । ସେ ବାରମ୍ବାର ଅନୁତାପ କରୁଥିଲା । ନିଜକୁ ଦୋଷୀ ମନେ କରୁଥିଲା । ତା ମାଆର ଦୋଷୀ । ଏବଂ ତାର ମନରେ ଅସୁମାରୀ ଘୃଣାର ସାଗର ଗର୍ଜନ କରୁଥିଲା ତା ବାପା, ଜେଜେବାପା ଓ ଜେଜେମାଆଙ୍କ ପ୍ରତି । ସେ ବହୁତ ଘୃଣା କରୁଥିଲା ତା ବାପାଙ୍କୁ ଏବଂ ଜେଜେବାପା ଓ ଜେଜେମାଆଙ୍କୁ । ଏପରିକି ସେମାନଙ୍କର ମୁହଁ ଦେଖିବାପାଇଁ ଝିଅଟି କୁଣ୍ଠାବୋଧ କରୁଥିଲା । ପ୍ରତି ମୁହୂର୍ତ୍ତରେ ନିଜ ମାଆକୁ ପ୍ରଶ୍ନ କରୁଥିଲା,"ଯେ କାହିଁକି ? କାହିଁକି ମତେ ଲାଳନପାଳନ କରିବାକୁ ଯାଇ ତୁମେ ନିଜର ସବୁକିଛି ତ୍ୟାଗ କରିଦେଲ ? ମୁଁ କ'ଣ କେବଳ ତୁମର ଦାୟିତ୍ୱ ଥିଲି ? ବାପା ଆଉ ପୁରା ପରିବାର କ'ଣ କରୁଥିଲେ ସେତେବେଳେ, ଯେତେବେଳେ ମୋର ଦାୟିତ୍ୱ ନେବାପାଇଁ ତୁମେ ତୁମର ଅତି ପ୍ରିୟ ସ୍ୱପ୍ନ ସବୁ, ନିଜର ସୁନ୍ଦର ଭବିଷ୍ୟତ ଆଉ ଆକାଂକ୍ଷା ସବୁ ନିଜ ମନ ଭିତରେ ଚାପିଦେଇ ମୋ ପାଇଁ ସେସବୁକୁ କେଉଁ ଏକ ଅଳିଆ କୁଢ଼ ଭିତରେ ଲୁଚାଇଦେଇ ମୋର ଭବିଷ୍ୟତକୁ ଗଢ଼ିଚାଲିଲ ? ବାପାଙ୍କର କ'ଣ ମୋ ପ୍ରତି କିଛି ଦାୟିତ୍ୱ ନଥିଲା ? କାଇଁ ମୋ ପାଇଁ ସେ ନିଜର ଭବିଷ୍ୟତକୁ

ପଛରେ ଛାଡ଼ିନାହାନ୍ତି ତ ? ଆଉ ଯିଏ ଆଜି ମତେ ନାତୁଣୀ, ନାତୁଣୀ କହି ପୁରା ଘରଟା କମ୍ପୋଉଛନ୍ତି ସେମାନେ କ'ଣ କରୁଥିଲେ ସେତେବେଳେ, ଯେତେବେଳେ ତମେ ମତେ ଖୁଆଇ ଦେବା ପାଇଁ, ମୋର ଯତ୍ନନେବା ପାଇଁ ନିଜ ଚାକିରି ଛାଡିଦେଲ, ବଜାରକୁ ଯିବା ଛାଡିଦେଲ, ନିଜପାଇଁ କିଛି ସମୟ ଦେବାକୁ ଭୁଲିଗଲ ? ଆଜି ବିଦ୍ୟାଳୟରେ ପିଲାମାନେ ମତେ ଜଣେ ଚାକିରୀ କରିନଥିବା ଗୃହୀଣୀର ସନ୍ତାନ ବୋଲି ପରିହାସ କରୁଛନ୍ତି । ଦୁନିଆଁ ବଦଳିବା ସହିତ ତମେ କାହିଁକି ବଦଳିଲନି ମାଆ ? ପରିବାରର ଚାପରେ ତମେ କାହିଁକି ଶ୍ୱାସରୁଦ୍ଧ ହେଲ ? କାହିଁକି ବାପା ତୁମକୁ ସେତେବେଳେ ସାହାଯ୍ୟ କଲେନି ? ବାପା ନିଜ ପରିବାରର ବୋଝ ତୁମ ମୁଣ୍ଡ ଉପରେ ଲଦିଦେଇ ନିଜେ ନିଜର ଭବିଷ୍ୟତ ଗଢ଼ିଚାଲିଲେ ଆଉ ତୁମେ ରହିଗଲ ସେଇ ପଛରେ ବାପାଙ୍କ ପରିବାରର ଭାରି ବୋଝକୁ ମୁଣ୍ଡାଇ । ବାପାଙ୍କ ପରିବାରକୁ ଛାଡି ତୁମର ବି ଗୋଟେ ଛୋଟ ପରିବାର ଥିଲା ମାଆ । ଯେଉଁଠି ତୁମ ମନକୁ ଠିକ ଭାବରେ ବୁଝିପାରୁଥିବା ତୁମର ବୃଦ୍ଧ ମାଆ, ବାପା ଥିଲେ । କେବେ ତ ସେମାନଙ୍କ ପାଇଁ କିଛି ସମୟ ବାହାର କରିନ ତମେ ? ବାପାଙ୍କ ପରିବାରର ଯତ୍ନ ନେଲା ଭଳି ସେମାନଙ୍କର ଯତ୍ନ ନେବାକୁ କେହିତ ତୁମକୁ କେବେ ପରାମର୍ଶ ଦେଇନାହାନ୍ତି ? କେବଳ ସେଇଥିପାଇଁ ମୁଁ ବାପାଙ୍କ ସମେତ ପୁରା ପରିବାରକୁ ଘୃଣା କରେ । ଜେଜେମାଆ ଯିଏକି ନିଜେ ଜଣେ ନାରୀ ହେଇ ମଧ୍ୟ ତୁମକୁ ବୁଝିପାରିନଥିଲେ । ତୁମର ପ୍ରତ୍ୟେକଟି କାର୍ଯ୍ୟକୁ ପରିହାସ

କରୁଥିଲେ । ସେ ତୁମପରି ଅଧିକ ପାଠ ପଢିନଥିଲେ ବୋଲି ତୁମର ଶିକ୍ଷାଗତ ଯୋଗ୍ୟତା ଉପରେ ଡୋରି ବାନ୍ଧି କେଉଁ ଏକ ଖତଗଦାରେ ଫିଙ୍ଗିଦେଲେ । ଆଉ ନିଜପରି ଜୀବନ ବିତାଇବାକୁ ବାଧ୍ୟ କଲେ । ତେବେ ତୁମେ କାହିଁକି ଏତେ ଯତ୍ନ ନେଉଛ ଆଜି ସେମାନଙ୍କର ? ସେମାନେ ସମସ୍ତେ ଚାହିଁଥିଲେ ନିଜର ବହୁମୂଲ୍ୟ ସମୟରୁ କିଛି କିଛି ସମୟ ବାହାରକରି ତୁମକୁ ତୁମ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ସାହାଯ୍ୟ କରିପାରିଥାନ୍ତେ । ତୁମର ସବୁ ସମୟ ମୋ ପାଇଁ ସରିନଥାନ୍ତା । ଆଜି ମୁଁ ବଡ ହେଲିଣି । ବିନା କାହାର ସାହାଯ୍ୟରେ ନିଜର ଯତ୍ନ ନେବା ଶିଖିଗଲିଣି କିନ୍ତୁ ତୁମର ସେଇ ଅଧୁରା ଥିବା ସ୍ୱପ୍ନ ସବୁ ମୁଁ ଗୋଟାଇ ସାଉଁଟି ଆଣି ତୁମ ଆଖିରେ ସଜାଇ ପାରୁନି ମାଆ । ହୁଏତ ବହୁତ ଡେରି ହେଇଗଲା ମତେ ଏସବୁ ବୁଝିବାପାଇଁ" ।

ମୁଁ ଲେଖିକା ହେଲେବି ଜଣେ ଭଲ ସ୍ରୋତା । ଖୁବ ଧ୍ୟାନର ସହିତ ଶୁଣୁଥିଲି ଝିଅଟିର ତା ମାଆ ପ୍ରତି ଥିବା ଅସୁମାରୀ ପ୍ରଶ୍ନ ସବୁ । ଝିଅଟିର ପ୍ରଶ୍ନ ଶେଷ ହେଇଯାଇଥିଲା ସତ କିନ୍ତୁ ମୁଁ ହଜିଯାଇଥିଲି କେଉଁ ଏକ ନିର୍ଜନ, କୋଳାହଳ ବିହୀନ ନୀରବତାର ଶୂନ୍ୟ ଆକାଶରେ । ସେଠାରୁ ଫେରିବାକୁ ମତେ କିଛି ସମୟ ଲାଗିଥିଲା । ଝିଅଟିର ଚିତ୍କାରରେ ମୁଁ ଫେରିଥିଲି ପୁଣି ବାସ୍ତବତାକୁ । ମୁଁ ଛୋଟିଆ ଝିଅଟିର ପ୍ରଶ୍ନରେ ନିରୁତ୍ତର ଥିଲି । ଭାବୁଥିଲି ସତରେ ଯୁଗ ବହୁତ ଆଗକୁ ଗଲାଣି । ନଚେତ ଏତିକି ଟିକିଏ ଛୋଟିଆ ଝିଅ

ମନରେ ଏପରି ଭାବନା ନିଶ୍ଚିନ୍ତ ଭାବରେ ଆଶ୍ଚର୍ଯ୍ୟଜନକ ।

ଆଜିକାଲିର ପିଲାମାନେ ସତରେ ବାସ୍ତବତାର ବହୁତ ଆଗରେ । ସେମାନଙ୍କ ମନ ଭିତରେ ଆମମାନଙ୍କର ପରମ୍ପରା ଓ ଚଳଣି ବହୁତ ମାତ୍ରାରେ ପ୍ରଭାବ ପକାଉଛି । ସେମାନେ ଆମର ଭବିଷ୍ୟତ । ସେମାନେ ଅବଶ୍ୟ କିଛି ଭୁଲ କହୁନାହାନ୍ତି । ଆମେ ଆମର ଚଳଣି ଓ ପରମ୍ପରାର ଦ୍ୱାହି ଦେଇ ନାରୀମାନଙ୍କ ପ୍ରତି ଅବିଚାର କରୁନାହୁଁ ତ ? ପରିବାରର ବୋଝ ମୁଣ୍ଡାଇବା କ'ଣ କେବଳ ଜଣେ ନାରୀର ଦାୟିତ୍ୱ ? ପୁରୁଷ ଏବଂ ନାରୀ ଉଭୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ସଦୃଶ୍ୟ । ତେବେ ଦୁହେଁ ମିଶି ଦୁହିଁଙ୍କ ପରିବାରର ଯତ୍ନ ନେବା ସହିତ ଉଭୟଙ୍କର ସ୍ୱପ୍ନ ପୂରଣ କରିବାରେ ଚେଷ୍ଟାରତ ରହିଲେ ହୁଏତ ଆଗାମୀ ପିଢ଼ିମାନଙ୍କ ଉପରେ ଏଭଳି କୁପ୍ରଭାବ ପଡ଼ିବନାହିଁ । ନଚେତ୍ ଆଗାମୀ ପିଢ଼ିର ପିଲାମାନେ ଠିକ ଏଇ ଛୋଟ ଝିଅଟି ପରି ନିଜ ବାପା ଆଉ ନିଜ ପରିବାରକୁ ଘୃଣା କରିବେ ।

*****

ପୂର୍ଣ୍ଣାନନ୍ଦ ଭବନ, ନେତାଜୀ
ନଗର, ମଧୁପାଟଣା, କଟକ

# ବିସ୍ମୃତି ଗର୍ଭର ଐତିହ୍ୟ - ରାଣିପୁର ଝରିଆଲ



ସୌଭାଗ୍ୟ ରଞ୍ଜନ ମହାପାତ୍ର

ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ ସବଡିଭିଜନର ବଙ୍ଗୋମୁଣ୍ଡା ବ୍ଲକରେ ଅବସ୍ଥିତ ରାଣୀପୁର ଝରିଆଲ । ଏହା ସିନ୍ଧେକେଲା ଠାରୁ ମାତ୍ର ୭ କି.ମି. ଦୂରରେ ଅବସ୍ଥିତ । ଯାହାକି ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗର ଏକ ମୁଖ୍ୟ ସ୍ଥାନ । ବଲାଙ୍ଗୀର ଠାରୁ ୧୦୪ କି.ମି ଏବଂ ଟିଟିଲାଗଡ ଠାରୁ ମାତ୍ର ୩୫ କି.ମି ଦୂରରେ ଏହା ଅବସ୍ଥିତ । ରାଣୀପୁର ଓ ଝରିଆଲ ନାମକ ଦୁଇ ଗ୍ରାମ ମିଳନ ସ୍ଥଳରେ ଅବସ୍ଥିତ ଏହି ପୀଠ । ନବମ ଶତାବ୍ଦୀରେ ନିର୍ମିତ ଏହି କ୍ଷେତ୍ର ଶୈବ ବୈଷ୍ଣବ ତନ୍ତ୍ର ଓ ବୌଦ୍ଧ ଧର୍ମର ମିଳନ ସ୍ଥଳ ଥିଲା । ଏଠାରେ ବୌଦ୍ଧ, ଶୈବ, ଶାକ୍ତ ଓ ବୈଷ୍ଣବ ଧର୍ମର ପ୍ରାଚୀନ କୀର୍ତ୍ତି ରହିଛି ।

ସୋମ ବଂଶୀ ରାଜା କେଶରୀଙ୍କ ନାମ ଅନୁସାରେ ଏହି କ୍ଷେତ୍ର ସୋମତୀର୍ଥ ନାମରେ ପରିଚିତ । ତୃତୀୟ-ଚତୁର୍ଥ ଶତାବ୍ଦୀର ପୁରାଣରେ ସୋମତୀର୍ଥର ଉଲ୍ଲେଖ ରହିଛି । ଏଠାର ସୋମେଶ୍ୱର ମନ୍ଦିରରେ ଥିବା

ପଦଚିହ୍ନ ରାମ ଓ ସୀତାଙ୍କ ଚଉଦ ବର୍ଷ ବନବାସ ସମୟରେ ସେମାନଙ୍କ ରାଣୀପୁର-ଝରିଆଲ ଆଗମନ ସମୟର ବୋଲି ପୂଜକ ଏବଂ ସ୍ଥାନୀୟ ଅଧିବାସୀ ବିଶ୍ୱାସ କରନ୍ତି । ରାଜା ସୋମେଶ୍ୱରଙ୍କ ରାଣୀଙ୍କ ବାସ ଭବନକୁ ରାଣୀ ହଂସ ପୁର କୁହାଯାଉଥିଲା ଓ ସ୍ନାନାଗାରକୁ ଝରିଆଲ କୁହାଯାଉଥିଲା । ପରବର୍ତ୍ତୀ କାଳରେ ସେହି ସ୍ଥାନରେ ହୋଇଥିବା ଜନବସତି ଗ୍ରାମକୁ ରାଣିପୁର ଝରିଆଲ ବୋଲି ନାମିତ କରାଗଲା । ଏଠାରେ ଥିବା ହେମସାଗର ପୋଖରୀ ପାତାଳରୁ ବାହାରିଛି ବୋଲି ତଥ୍ୟ ମିଳେ । ଏବଂ ସେହି ପୋଖରୀରେ ଏକ ସୁଡଙ୍ଗ ଥିବା ମଧ୍ୟ ପ୍ରମାଣ ମିଳେ । ସେହି ସୁଡଙ୍ଗ ଟିଟିଲାଗଡର କୁମୁଡା ମନ୍ଦିରରେ ଥିବା ପୋଖରୀକୁ ମଧ୍ୟ ଯୋଗ କରୁଛି । ରାଜୁଡା ସମୟରେ ଏଠାରେ ୧୨୦ ଟି ଶୂନ୍ୟ ମନ୍ଦିର ଥିଲା ଏବଂ ବର୍ତ୍ତମାନ ଭଗ୍ନ ଅବସ୍ଥାରେ ପ୍ରାୟ ୬୨ଟି ମନ୍ଦିର ଦୃଷ୍ଟି ହୁଏ ।

ଏହାର ଅନ୍ୟ ଏକ ଆକର୍ଷଣ ହେଉଛି ୬୪ ଯୋଗିନୀ ମନ୍ଦିର । ରାଣୀପୁର-ଝରିଆଲର ଦୁଇ ବର୍ଗ କିଲୋମିଟର ପଥର ଶଯ୍ୟା ଉପରେ ୫୧ ଗୋଟି ବିଭିନ୍ନ ଆକୃତି ଓ ଉଚ୍ଚତାର ଦେଉଳ ରହିଛି । ହିନ୍ଦୁ ଧର୍ମର ୬୪ ଯୋଗିନୀ ଦେବାଦେବୀଙ୍କ ପ୍ରତିମୂର୍ତ୍ତି ଦେଖିବାକୁ ମିଳେ ଏଠାରେ ଏକତ୍ର । ସମୟକ୍ରମେ ରକ୍ଷଣାବେକ୍ଷଣାର ଅଭାବ ଯୋଗୁଁ ଏ ମୂର୍ତ୍ତି ଗୁଡିକ ଖଣ୍ଡ ବିଖଣ୍ଡିତ ଅବସ୍ଥାରେ ରହିଛି । ଏ ମନ୍ଦିର ଛାତ ବିହିନ ଅଟେ । ଅର୍ଥାତ

ଖୋଲା ଆକାଶ ତଳେ ଦେବାଦେବୀ ମାନେ ପୂଜା ପାଉଥିଲେ ଅତୀତରେ । ଯାହାକି ସାରା ଭାରତରେ ଏହା ଏକ ବିରଳ ଭାବେ ପରିଚୟ ଦିଏ । ଏଠାରେ ଥିବା ଇନ୍ଦ୍ରଲାଠ ମନ୍ଦିର ବାଲି ପଥରରେ ତିଆରି ମନ୍ଦିର ମାନଙ୍କ ମଧ୍ୟରୁ ପୁରାତନ ଭାରତର ଉଚ୍ଚତମ ମନ୍ଦିର ଭାବରେ ପରିଗଣିତ ହୁଏ । ଏହି ମନ୍ଦିରର ଉଚ୍ଚତା ହେଉଛି ୭୫ ଫୁଟ । ଶିବରାତ୍ରୀ ସମୟରେ ମହାଆଡମ୍ବରରେ ଶିବରାତ୍ରୀ ମେଳା ଏଠାରେ ଆୟୋଜନ କରାଯାଇଥାଏ ।

ରାଣୀପୁର-ଝରିଆଲ, ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ ସହର ପାଖାପାଖି ଦୁଇଟି ଛୋଟିଆ ଗାଁ । ଏ ଦୁଇ ଗାଁକୁ ସଂଯୋଗ କରୁଛି ଏକ ବିଶାଳକାୟ ପଥର ଚଟାଣ । ଏଠାରେ ମଧ୍ୟ ଗୋଟିଏ ଭାଗ୍ୟ ପଥର ଅଛି । ଏହାକୁ ଗୋଟିଏ ପଟୁ ମାପକଲେ ଏହା ୨୨ ହାତ ହେଲା ବେଳେ ଅନ୍ୟ ପଟରୁ ପୁନଶ୍ଚ ମାପିଲେ ଏହା କମ୍ ବା ବେଶି ହୁଏ । ଏଠାରେ ମଧ୍ୟ ଏକ ଚକ୍ରବ୍ୟୁହ ଅଛି, ଯାହାକୁ ଭେଟିବା ପାଇଁ ଦୂରଦୂରାନ୍ତରୁ ପର୍ଯ୍ୟଟକ ଆସିଥାନ୍ତି । ଝରିଆଲରେ ଅବସ୍ଥିତ ସୋମ ସାଗରର ମଧ୍ୟ ଭାଗରେ କେତେ ଗଭୀର ଅଛି ତାହା ପର୍ଯ୍ୟନ୍ତ କେହି ଜାଣି ନାହାନ୍ତି । ଏ ପୀଠରେ ନବଗ୍ରହଙ୍କ ମନ୍ଦିର ମଧ୍ୟ ରହିଛି । ଏଠାରେ ଥିବା ସୋମେଶ୍ୱର ଶିବ ମନ୍ଦିର ଭିତରେ ଏକ ବ୍ରହ୍ମଲିପି ଅଛି ଦେବନାଗରୀ ଲିପିରେ, ଯାହାକୁ ଆଜି ଯାଏଁ କେହି ମଧ୍ୟ ପଢିପାରୁ ନାହାନ୍ତି । ସେଠାକାର ଚଟାଣର କେନ୍ଦ୍ରରେ ଛାତ ନଥିବା ଏକ ଗୋଲାକାର

ମନ୍ଦିର ଅଛି । ସେ ପ୍ରକାର ମନ୍ଦିର ଓଡିଶାର ସ୍ଥାପତ୍ୟ ଇତିହାସରେ ମାତ୍ର ଦୁଇଟି । ଗୋଟିଏ ରାଣିପୁର ଝରିଆଲ ଓ ଅନ୍ୟଟି ଖୋର୍ଦ୍ଧା ଜିଲ୍ଲାର ହୀରାପୁର । ହୀରାପୁର ଠାରୁ ଯଦିଓ ରାଣିପୁର ଝରିଆଲର ଆକୃତି ବଡ ତେବେ ରକ୍ଷଣାବେକ୍ଷଣର ଅଭାବ ଯୋଗୁ ଏହି ରାଣିପୁର ଝରିଆଲ ବର୍ତ୍ତମାନ ଭଗ୍ନାବିଶେଷ ପ୍ରାୟ । ତଥାପି ବିଲୁପ୍ତ ଗର୍ଭରେ ଥିବା ସେଇ ଅବିସ୍ମରଣୀୟ ଇତିହାସ ଆଜି ମଧ୍ୟ ଜୀବନ୍ତ ଲୋକ ମାନସରେ ।

ରାଣିପୁର-ଝରିଆଲର ବିଶାଳକାୟ ପଥର ଉପରେ ନିର୍ମିତ ଏକ ବିଚିତ୍ର ଦେଉଳର ନାମ ଚୌଶଠି ଯୋଗିନୀ ମନ୍ଦିର । ଭାରତୀୟ ତନ୍ତ୍ର ପରମ୍ପରାରେ ଯୋଗିନୀ ହେଉଛନ୍ତି ଦୁର୍ଗା ଦେବୀଙ୍କ ଅଙ୍ଗରୁ ଜାତ ହୋଇଥିବା ଲୌକିକ ଶକ୍ତି । ଘୋର ନାମକ ଦୈତ୍ୟ ସହ ଯୁଦ୍ଧ କଲାବେଳେ ଏହି ୬୪ ଯୋଗିନୀ ଆବିର୍ଭୂତ ହୋଇଥିଲେ । ଏମାନଙ୍କୁ ଦଶ ମହାବିଦ୍ୟା ରୂପେ ମଧ୍ୟ ପୂଜା କରାଯାଏ । କୌଳ ତନ୍ତ୍ର ଅନୁସାରେ ଦେବୀଙ୍କୁ କୁଳ ଓ ଶିବଙ୍କୁ ଅକୁଳ ବୋଲି କୁହାଯାଇଥାଏ । ଶିବଙ୍କୁ କେନ୍ଦ୍ରକରି ଦେବୀଙ୍କର ୬୪ ସ୍ୱରୂପ ଯୋଗିନୀ ରୂପରେ ନୃତ୍ୟ କରୁଥାନ୍ତି । ଏଠାରେ ମଧ୍ୟ ମହାଦେବ ଶିବଙ୍କୁ ମଧ୍ୟ ଭାଗରେ ରଖି ତାଙ୍କ ଚତୁପାର୍ଶ୍ୱରେ ୬୪ ଯୋଗିନୀ ଅଛନ୍ତି । ଏହି ଯୋଗିନୀ ମାନଙ୍କୁ ଲୁହାର କବାଟ ଦେଇ ମନ୍ତ୍ରଶକ୍ତିରେ ଆବଦ୍ଧ କରି ରଖାଯାଇଛି ତାଙ୍କ ଉଗ୍ର ଶକ୍ତିରୁ ମାନବ ସମାଜକୁ ବଞ୍ଚାଇବା ପାଇଁ । ମାଳିକା ଶାସ୍ତ୍ର ମତରେ

ଯେବେ ଶ୍ରୀ ଜଗନ୍ନାଥ କଲକୀ ଅବତାର ନେଇ ପାପୀ ମାନଙ୍କୁ ବିନାଶ ପାଇଁ ଉତ୍ୟକ୍ତ ହେବେ ସେହି ସମୟରେ ଏହି ଯୋଗିନୀ ପ୍ରକଟିତ ହୋଇ ପାପି ମାନଙ୍କୁ ବିନାଶ କରିବେ । କେତୋଟି ଯୋଗିନୀ ମନ୍ଦିର ରହିଛି ଉତ୍ତର ଓ ପୂର୍ବ ଭାରତରେ ମଧ୍ୟ ରହିଛି । ଶାହଡୋଲ୍, ଖଜୁରାହୋ, ଭେଡାଘାଟ ଓ ଗୋଆଲିଅରେ ମଧ୍ୟ ୬୪ ଯୋଗିନୀ ମନ୍ଦିର ରହିଛି ।

ସର୍ବଭାରତୀୟ ସ୍ତରରେ ଏହି ପୀଠ ଚାରୋଟି ସ୍ଥାନରେ ଥିବାବେଳେ, ସେଥିମଧ୍ୟରୁ ଓଡ଼ିଶାରେ ଦୁଇଟି ସ୍ଥାନରେ ଅଛି । ସେହି ପୀଠ ଦୁଇଟି ହେଲା ଅବିଭକ୍ତ ପୁରୀ ଜିଲ୍ଲାର ତଥା ବର୍ତ୍ତମାନ ଖୋର୍ଦ୍ଧା ଜିଲ୍ଲାର ହୀରାପୁର ଓ ବଲାଙ୍ଗୀର ଜିଲ୍ଲାର ରାଣୀପୁର ଝରିଆଲ । ଅନ୍ୟ ଦୁଇଟି ପୀଠ ମଧ୍ୟପ୍ରଦେଶର ଖଜୁରାହୋ ଓ ଭେରାଘାଟ । ଭାରତରେ ଥିବା ଏହି ଚାରୋଟି ଯୋଗିନୀ ପୀଠ ତଥା ତନ୍ତ୍ରପୀଠ ମଧ୍ୟରେ ହୀରାପୁରର ଚଉଷଠି ଯୋଗିନୀ ପୀଠ ପ୍ରାଚୀନ । ତେଣୁ ଏହି ପୀଠର ଗୁରୁତ୍ୱ ଓ ମହତ୍ୱ ସର୍ବବ୍ୟାପୀ ।

ଚଉଷଠି ସଂଖ୍ୟାଟି ଏକ ତତ୍ତ୍ୱ ଭିତ୍ତିକ ଆଧ୍ୟାତ୍ମିକ ସଂଖ୍ୟା, ଯାହାକି ସମ୍ପୂର୍ଣ୍ଣ ଯୋଗ ଓ ତନ୍ତ୍ରଦ୍ୱାରା ପର୍ଯ୍ୟବଶିତ । ତେଣୁ ବହୁ ବିଦ୍ୱାନ ପଣ୍ଡିତମଣ୍ଡଳୀ ବିଭିନ୍ନ ଶାସ୍ତ୍ରରେ ଏହାର ଗୁରୁତ୍ୱ ଓ ମହତ୍ୱ ପ୍ରତିପାଦନ କରିଛନ୍ତି । ଚଉଷଠି କଳାର ପ୍ରତୀକ ରୂପେ ଚଉଷଠି ଯୋଗିନୀ ଅବସ୍ଥାପିତ । ସେହିପରି ଚଉଷଠି

ଭୋଗର ପ୍ରତୀକ । ଚଉଷଠି ଗାୟତ୍ରୀର ପ୍ରତୀକ । ଚଉଷଠି କାମ ଶାସ୍ତ୍ରର ପ୍ରତୀକ । ଚଉଷଠି ସିଦ୍ଧି ମହାପୁରୁଷର ପ୍ରତୀକ ଇତ୍ୟାଦି ଚଉଷଠି ସଂଖ୍ୟାର ପ୍ରତୀକ ରୂପେ ଗୃହୀତ । ଯୋଗସ୍ଥା ନାରୀ ହିଁ ଯୋଗିନୀ ରୂପେ ପରିଚିତ । ତେଣୁ ଧାର୍ମିକ ଦୃଷ୍ଟିକୋଣରୁ ଚଉଷଠି ସଂଖ୍ୟାର ପବିତ୍ରତାର ପଟାନ୍ତର ନାହିଁ । ଚଉଷଠି ଯୋଗିନୀ ଉପାସନା କରିବାଦ୍ୱାରା ଭକ୍ତମାନଙ୍କର ଅଶେଷ ଉପକାର ସାଧିତ ହୋଇଥାଏ । କୁହାଯାଏ ଚଉଷଠି ଯୋଗିନୀଙ୍କ ନାମ ଜପ କଲେ ଶରୀରରୁ ସର୍ବବ୍ୟାଧି ଦୂର ହୋଇଥାଏ । ଶିଶୁମାନଙ୍କର ରୋଗ ନାଶ ହୋଇଥାଏ । ଗର୍ଭବତୀ ନାରୀଙ୍କର ଗର୍ଭ ସମୟର ବେଦନା ଦୂର ହୋଇଥାଏ । ସର୍ବୋପରି ଭକ୍ତମାନଙ୍କର ମାନସିକ ପୂରଣ ହୋଇଥାଏ । କାଳିକା ପୁରାଣ ମତେ ଚଉଷଠି ଯୋଗିନୀ ହେଲେ : ନାରାୟଣୀ, ଗୌରୀ, ଶାକମ୍ବରୀ, ଭୀମା, ରକ୍ତଦନ୍ତିକା, ଭ୍ରାମରୀ, ପାର୍ବତୀ, ଦୁର୍ଗା, କାତ୍ୟାୟନୀ, ମହାଦେବୀ, ଚଣ୍ଡଘଣ୍ଟା, ମହାବିଦ୍ୟା, ମହାତପା, ସାବିତ୍ରୀ, ବ୍ରହ୍ମବାଦିନୀ, ଭଦ୍ରକାଳୀ, ବିଶାଳାକ୍ଷୀ, କୃଷ୍ଣପିଙ୍ଗଳା, ରୁଦ୍ରାଣୀ, ଅଗ୍ନୀଜ୍ୱାଳା, ରୌଦ୍ରମୁଖୀ, କାଳରାତ୍ରୀ, ତପସ୍ୱିନୀ, ମେଘସ୍ୱନା, ସହସ୍ରାକ୍ଷୀ, ବିଷ୍ଣୁମାୟା, ଜଳୋଦରୀ, ମହୋଦରୀ, ମୁକ୍ତକେଶୀ, ଘୋରରୂପା, ମହାବଳା, ଶୃତି, ସ୍ମୃତି, ଧୃତି, ତୁଷ୍ଟି, ପୁଷ୍ଟି, ମେଧା, ବିଦ୍ୟା, ଲକ୍ଷ୍ମୀ, ସରସ୍ୱତୀ, ଅପର୍ଣ୍ଣା, ଅମ୍ବିକା, ଯୋଗିନୀ, ଡାକିନୀ, ଶାକିନୀ, ହାକିନୀ, ଲାକିନୀ, ତ୍ରିଦଶେଶ୍ୱରୀ, ମହାଷଷ୍ଠୀ, ସର୍ବମଙ୍ଗଳା, ଲଜ୍ଜା, କୌଶିକୀ, ବ୍ରହ୍ମାଣୀ,

ମାହେଶ୍ୱରୀ, କୌମାରୀ, ବୈଷ୍ଣବୀ, ଐନ୍ଦ୍ରୀ, ନାରସିଂହୀ, ବାରାହୀ, ଚାମୁଣ୍ଡା, ଶିବଦୂତୀ, ବିଷ୍ଣୁଦୂତୀ, ଚଣ୍ଡିକା, ଏବଂ ମାତୃକା ।

ଭାରତର ଅନ୍ୟାନ୍ୟ ଯୋଗିନୀ ମନ୍ଦିର ତୁଳନାରେ ରାଣୀପୁର୍-ଝରିଆଲର ନିର୍ଦ୍ଦିଷ୍ଟ ସ୍ୱାତନ୍ତ୍ର ରହିଛି । ଭରତ ମୁନି ପ୍ରଣୀତ ନାଟ୍ୟ ଶାସ୍ତ୍ରରେ ବର୍ଣ୍ଣିତ ବିବିଧ କରଣରେ ଏଠିକାର ଯୋଗିନୀ ମାନେ ଉଭା ହୋଇଛନ୍ତି । କେନ୍ଦ୍ରରେ ଏକ ବିଶାଳକାୟ ଶିବ ପ୍ରତିମା ନୃତ୍ୟ ଉଦ୍ୟତ ଭଂଗୀରେ ଅଛନ୍ତି । କେନ୍ଦ୍ରାଧିପତି ଶିବଙ୍କର ତିନୋଟି ମୁଖ, ଆଠ ହସ୍ତ ରହିଛି ଓ ତାଙ୍କ ସହ ଗଣେଶ ଓ ନନ୍ଦୀ ମଧ୍ୟ ରହିଛନ୍ତି । ୬୪ ଯୋଗିନୀ ମଧ୍ୟରୁ କିଛି ଯୋଗିନୀ ମୂର୍ତ୍ତି ଏବେ ଆଉ ଦୃଶ୍ୟମାନ ହେଉ ନାହାନ୍ତି । ବୌଦ୍ଧ ତନ୍ତ୍ର ସହ ଶୈବ ତନ୍ତ୍ରର ସମନ୍ୱୟ ଏଠାକାର ଯୋଗିନୀ ମନ୍ଦିରରେ ଦେଖିବାକୁ ମିଳେ । ଯୋଗିନୀ ଗଣ ମୂର୍ତ୍ତି ସବୁ କ୍ଷୟୀଷ୍ଣୁ କୁଂଡା ପଥରରେ ନିର୍ମିତ ହୋଇଥିବାରୁ, ସମୟ କ୍ରମେ ମୂର୍ତ୍ତି ସ୍ଥାପତ୍ୟ ଲିଭି ଲିଭି ଆସୁଛି । ଏହାର ସଂରକ୍ଷଣ ନିତାନ୍ତ ଜରୁରୀ । ସେହିପରି ମୂର୍ତ୍ତିଚୋର ମାନେ କିଛି ଯୋଗିନୀ ମୂର୍ତ୍ତି ଖୋଲି ନେଇ ସାରିଲେଣି । ରାଣିପୁର ଝରିଆଲର ୬୪ ଯୋଗିନୀ ମନ୍ଦିର ସହିତ ଏଠାରେ ଆହୁରି ଅନେକ ଶିବ, ଶକ୍ତି ଓ ଭୈରବଂକ ମନ୍ଦିର ରହିଛି । ଏହା ବ୍ୟତୀତ ତପସ୍ୟା ଲାଗି ଅନେକ କୋଟର ଓ ଗୁମ୍ଫା ମଧ୍ୟ ଏଠାରେ ଦେଖିବାକୁ ମିଳେ ।

ବୌଦ୍ଧ ସନ୍ୟାସୀ ହୁଏନସାଂ ମଧ୍ୟ ଭାରତ ଭ୍ରମଣରେ ଆସି ଏହା ଉପରେ ଅନେକ ଗାଥା ଲେଖିଛନ୍ତି । ଏଠାରେ ଏକ ବିଶ୍ୱବିଦ୍ୟାଳୟ ମଧ୍ୟ ଥିବାର କିମ୍ବଦନ୍ତୀ ମିଳେ । ଦେଶ ବିଦେଶରେ ଏହି ବିଶ୍ୱବିଦ୍ୟାଳୟର ନାମ ଥିଲା । ମତ୍ତ ମୟୁର ବୋଲି ଜଣେ ଶୈବ ସଂପ୍ରଦାୟର ବ୍ୟକ୍ତି ଏଠାରେ କଲେଜ ମଧ୍ୟ ଖୋଲିଥିଲେ ଓ ସମଲେଶ୍ୱରୀ ରାଜାଙ୍କ ସମୟରେ ଏ କଲେଜର ଅଧ୍ୟକ୍ଷ ଥିଲେ ଗଠନ ଶିବ ନାମକ ଜଣେ ସନ୍ୟାସୀ । ଇତିହାସରେ ଏହି କ୍ଷେତ୍ର ଶୀଳାତୀର୍ଥ ନାମରେ ନାମିତ ।

ଗଗନ ଶିବ ନାମରେ ଜଣେ ଶୈବାଚାର୍ଯ୍ୟ ସୋମେଶ୍ୱର ମନ୍ଦିର, ସୋମବଂଶୀ ରାଜତ୍ୱ ସମୟରେ ଅଷ୍ଟମ ଶତାବ୍ଦୀରେ ନିର୍ମାଣ କରିଥିଲେ । ମନ୍ଦିର ଭିତରେ ଏକ ଶିଳାଲେଖରେ ସୋମ ତୀର୍ଥ ସହିତ ଗଗନ ଶିବଙ୍କ ନାମର ଉଲ୍ଲେଖ ରହିଛି । ୧୮୭୪-୭୫ ମସିହାରେ ପ୍ରତ୍ନତତ୍ତ୍ୱବିତ୍ ଜେ.ଡି. ବେଗଲାର ରାଣୀପୁର-ଝରିଆଲରେ ୫୭ ଗୋଟି ମନ୍ଦିର ଥିବା ଉଲ୍ଲେଖ କରିଛନ୍ତି । ତାଙ୍କ କଳନା ଅନୁସାରେ ଅଷ୍ଟମ ଶତାବ୍ଦୀରେ ୧୨୦ଟି ଦେଉଳ ତୋଳାଯାଇଥିଲା । ସୋମବଂଶୀ ଶାସନ କାଳରେ ଅଷ୍ଟମ ଶତାବ୍ଦୀରେ ଏହି ଦେଉଳମାନ ତୋଳା ଯାଇଥିବା ସେ ଉଲ୍ଲେଖ କରିଛନ୍ତି । ଐତିହାସିକ କେଦାର ନାଥ ମହାପାତ୍ର ଏହି ଦେଉଳମାନ ୬୫୦ ଖ୍ରୀଷ୍ଟାବ୍ଦରୁ ୯୫୦ ଖ୍ରୀଷ୍ଟାବ୍ଦ ଭିତରେ ନିର୍ମାଣ ହୋଇଥିବାର ଅନୁମାନ କରନ୍ତି । ରାଣୀପୁର

-ଝରିଆଲର ଚଉଷଠି ଯୋଗିନୀ ମନ୍ଦିର ଅନ୍ୟାନ୍ୟ ଚାରି ଯୋଗିନୀ ମନ୍ଦିର ଭିତରୁ ଅନ୍ୟତମ । ଅନ୍ୟ ତିନିଗୋଟି ଯୋଗିନୀ ମନ୍ଦିର ଭୁବନେଶ୍ୱର ପାଖ ହୀରାପୁର, ଖଜୁରାହୋ ଏବଂ ଜବଲପୁର ପାଖ ବେରାଘାଟରେ ଅବସ୍ଥିତ । ଛାତବିହୀନ ଗୋଲାକାର ଦେଉଳର ମଝିରେ ଶିବ ମୂର୍ତ୍ତି ରହିଛି । ଏହି ଶିବ ଛଅଟି ହାତ ବିଶିଷ୍ଟ । ଦେଉଳ କାନ୍ଥ ଖୋପରେ ଯୋଗିନୀ ମୂର୍ତ୍ତି ରହିଛି । ଯୋଗିନୀ ଦେଉଳରେ ତନ୍ତ୍ର ପୂଜାର ସୂଚନା ମିଳେ । ଷଷ୍ଠ-ସପ୍ତମ ଶତାବ୍ଦୀରେ ଭାରତରେ ତନ୍ତ୍ର ପୂଜାର ଉତ୍‌ଥାନ ସମୟରେ ଏହି ମନ୍ଦିର ନିର୍ମାଣ ହୋଇଥାଇପାରେ ବୋଲି ଅନୁମିତ । ରାଣୀପୁର-ଝରିଆଲର ଯୋଗିନୀ ମନ୍ଦିରଠାରୁ ଶହେ ମିଟର ଦୂରରେ ପୋଡ଼ାଇଟାରେ ନିର୍ମିତ ଇନ୍ଦ୍ରଲାଠ ମନ୍ଦିର ରହିଛି । ଏହି ଦେଉଳ ଶିଖରର ଉଚ୍ଚତା ଷାଠିଏ ଫୁଟ । ଏକ ଉଚ୍ଚ ପଥରର ପିଢ଼ ଉପରେ ଏହି ମନ୍ଦିର ଛିଡ଼ା ହୋଇଛି । ଏହି ମନ୍ଦିର ପ୍ରଥମେ ବିଷ୍ଣୁ ମନ୍ଦିର ଥିଲା ଏବଂ ପରେ ଏହି ମନ୍ଦିରରେ ଶିବ ଉପାସନା ଆରମ୍ଭ ହେଲା ବୋଲି ଐତିହାସିକମାନେ ମତ ଦିଅନ୍ତି ।  ଓଡ଼ିଶାରେ ଅନ୍ୟ କେଉଁଠି ପୋଡ଼ାଇଟାରେ ନିର୍ମିତ ଏତେ ବଡ଼ ମନ୍ଦିର ଦେଖିବାକୁ ମିଳେ ନାହିଁ । ସୋମେଶ୍ୱର ଶିବ ମନ୍ଦିର ପାଖାପାଖି ପଥର ଉପରେ ଖୋଦିତ ପଦଚିହ୍ନ ଦେଖିବାକୁ ମିଳେ । ଐତିହାସିକଙ୍କ ମତରେ ପଦଚିହ୍ନ ବୌଦ୍ଧଧର୍ମ ସହିତ ସମ୍ବନ୍ଧିତ । ରାଣୀପୁର-ଝରିଆଲର ଏକଦା ବୌଦ୍ଧଧର୍ମର ଏକ ସାଂସ୍କୃତିକ

କେନ୍ଦ୍ର ଥିଲା । ରାଣୀପୁର ଗ୍ରାମରେ ଏକ ପ୍ରାଚୀନ ବୌଦ୍ଧମୂର୍ତ୍ତିର ଆବିଷ୍କୃତ ହୋଇଥିଲା । ପ୍ରଶାସକ ଏ. ଏନ. ତିୱାରୀ ରାଣୀପୁର ଗାଁର ଏକ ଶିମୁଳି ଗଛ ମୂଳରେ ପୂଜା ପାଉଥିବା ବୁଦ୍ଧ ମୂର୍ତ୍ତି ସାମନାରେ ହେଉଥିବା ବଳି ପ୍ରଥାକୁ ବନ୍ଦ କରାଇଥିଲେ । ସେଠାରୁ ବୁଦ୍ଧମୂର୍ତ୍ତିକୁ ଅଣାଇ ଇନ୍ଦ୍ରଲାଠ ମନ୍ଦିରରେ ରଖାଇଥିଲେ । ଅଧୁନା ମନ୍ଦିରର ଗୋଟିଏ କଣରେ ସେହି ବୁଦ୍ଧମୂର୍ତ୍ତି ଉପାସିତ । ବୁଦ୍ଧଙ୍କୁ ସ୍ଥାନୀୟ ଅଧିବାସୀ ଭୀମା ଦେବତା କହୁଥିଲେ ।

ବେଦ, ବେଦାନ୍ତ, ଉପନିଷଦ, ମହାଭାରତ, ରାମାୟଣ ଓ ବିଭିନ୍ନ ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ ଅଛି ଯେ, ଓଡ଼ିଶାରେ ଶାକ୍ତଧର୍ମ ପ୍ରସାର ଓ ପ୍ରଚାର ଅତି ପ୍ରାଚୀନ । ବିଭିନ୍ନ ଯୁଗରେ ଶକ୍ତିମାନେ ଆବିର୍ଭାବ ହୋଇ ମହାପ୍ରତାପୀ ଦାନବମାନଙ୍କୁ ନିହତ କରି ଧରାପୃଷ୍ଠରେ ସାଧୁସନ୍ଥ ଜନସମାଜ ମଧ୍ୟରେ ଶାନ୍ତି ପ୍ରଦାନ କରିଛନ୍ତି । କିନ୍ତୁ ତନ୍ତ୍ର ସଂସ୍କୃତି ତଥା ଯୋଗିନୀମାନଙ୍କର ଅଭ୍ୟୁଦୟର ଆଜି ପର୍ଯ୍ୟନ୍ତ ଜଣା ନଥିଲେ ମଧ୍ୟ ବେଦ ସଂସ୍କୃତି ପୂର୍ବରୁ ସୃଷ୍ଟି ବୋଲି ଗବେଷକମାନେ ମତ ପ୍ରଦାନ କରିଛନ୍ତି । କେହି କେହି ଏହି ଉପାସନା ହରପ୍ପା ମହେଞ୍ଜୋଦାରୋ ସଭ୍ୟତାରୁ ଅଭ୍ୟୁଦୟ ବୋଲି କହିଥିଲେ ମଧ୍ୟ ଓଡ଼ିଶା ହେଉଛି ଏହାର ଆଦିପୀଠ । କେଉଁ ଆବହମାନ କାଳରୁ ଓଡ଼ିଶାର କୋଣ ଅଣୁକୋଣରେ ଶକ୍ତିମାନଙ୍କର ଉପାସନା ପ୍ରସିଦ୍ଧି ଲାଭ କରିଛି । ଏପରିକି ଗ୍ରାମଗୁଡିକରେ ଗ୍ରାମଦେବୀ ଓ ପ୍ରତ୍ୟେକ ପରିବାରରେ ଗୃହଦେବୀ

ରୂପେ ପୂଜା ପାଇବାର ବିଧି-ବିଧାନ ଆଜି ମଧ୍ୟ ଦେଖିବାକୁ ମିଳେ । କାକଟପୁରର ମା' ମଙ୍ଗଳା, ଝଙ୍କଡର ମା' ସାରଳା, ଯାଜପୁରର ମା' ବିରଜା, ବାଙ୍କୀର ମା' ଚର୍ଚ୍ଚିକା ପୂଜା ପାଉଛନ୍ତି । କିନ୍ତୁ ଚଉଷଠି ଯୋଗିନୀମାନଙ୍କର ଉପାସନା ଓଡ଼ିଶା କାହିଁକି ପବିତ୍ର ଭାରତ ଭୂମିରେ ସମସ୍ତ ଦେବୀମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରିଅଛି । କାରଣ ଏହାର ସଂସ୍କୃତି ଯୋଗ ଓ ତନ୍ତ୍ରଦ୍ୱାରା ଆଧାରିତ ।

ପର୍ଯ୍ୟଟନ ତଥା ଇତିହାସ ଦୃଷ୍ଟିରୁ ରାଣିପୁର-ଝରିଆଲର କୌଣସି ବିକଳ୍ପ ନାହିଁ । ହେଲେ ଏହାର ବିକାଶ ଲାଗି କାହାର ଆନ୍ତରିକତା ଦେଖିବାକୁ ମିଳୁନି । ଟିଟିଲାଗଡ ଓ କଂଟାବାଂଜୀ ସହର ଠାରୁ ଏଠିକି ପହଞ୍ଚିବାକୁ ଘଣ୍ଟାଏ ସମୟ ଲାଗେ । ଏହାକୁ ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳର ମର୍ଯ୍ୟାଦା ମିଳିଥିଲେ ବି ଆବଶ୍ୟକୀୟ ଭିତ୍ତିଭୂମିର ବିକାଶ କରାଯାଇ ନାହିଁ ।

*****

ବୈଦିକ ମହାବିଦ୍ୟାଳୟ,
ସମ୍ବଲପୁର

# କରୋନା କାଳରେ କାଳିଆର ଲୀଳା



ଐଶ୍ୱରିକା ସାହୁ

ନୀଳାଦ୍ରୀ ଶଙ୍ଖ ମଧ୍ୟେ ଶତଦଳ କମଳେ ରତ୍ନସିଂହାସନସ୍ଥଂ
ସର୍ବଲଙ୍କାର ଯୁକ୍ତଂ ନବଘନ ରୁଚିରଂ ସଂଯୁତଂ ଚାଗ୍ରଜେନଂ
ଉଦ୍ରାୟଃ ବାମଭାଗେ ରଥଚରଣଯୁତଂ ବ୍ରହ୍ମାରୁଦ୍ରେନ୍ଦ୍ର ବନ୍ଦ୍ୟଂ
ବେଦାନାଂ ସାରମିସଂ ସକଳଗୁଣଯୁତଂ ବ୍ରହ୍ମଦାରୁ ସ୍ମରାମି ।

ମହାପ୍ରଭୁ ଶ୍ରଜଗନ୍ନାଥ କୋଟି ଓଡ଼ିଆଙ୍କର ମଉଡମଣି । ଶ୍ରୀଜଗନ୍ନାଥଙ୍କ ସହିତ ଓଡ଼ିଆ ଜାତିର ନାଭି, ନାଡ଼ି ସମ୍ପର୍କ । ଜନ୍ମଜାତକ ଠାରୁ ଆରମ୍ଭ କରି ଜୀବନର ଶେଷ ନିଃଶ୍ୱାସ କୋକେଇ ଯାତ୍ରା ପର୍ଯ୍ୟନ୍ତ ପ୍ରତ୍ୟେକ ଓଡ଼ିଆ ଜାତି ଖୋଜେ ସେହି ଶ୍ରୀଜଗନ୍ନାଥଙ୍କୁ । ଖାଲି ଯେ ଓଡ଼ିଆ ଜାତି ନୁହେଁ ସମଗ୍ର ବିଶ୍ୱ ପ୍ରଭୁଙ୍କ ପ୍ରେମରେ ବିଭୋର । ସେ ହେଉଛନ୍ତି ଲୀଳାମୟ, ପ୍ରେମମୟ ଦେବତା ଯାହାଙ୍କ ପାଖରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସମାନ । ଶୈବ, ଶାକ୍ତ, ଗାଣପତ୍ୟ, ସୌର, ବୈଷ୍ଣବ, ବୌଦ୍ଧ,

ଜୈନ, ଆର୍ଯ୍ୟ ଅନାର୍ଯ୍ୟ ସଭିଁଙ୍କର ସେ ହେଉଛନ୍ତି ଆରାଧ୍ୟ ଦେବତା । ଭକ୍ତ ସାଲବେଗ ମୁସଲମାନ କୁଳରେ ଜନ୍ମ ନେଇ ମଧ୍ୟ ତାଙ୍କ ଡାକ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପର୍ଯ୍ୟନ୍ତ ପହଞ୍ଚି ପାରୁଥିଲା । ସେହି ଲୀଳାମୟ ଠାକୁର ଏହା ପ୍ରମାଣ କରନ୍ତି ଯେ ' ଭକ୍ତ ଓ ଭଗବାନ ପରସ୍ପର ପରିପୂରକ ।' ମାଟି ଥିଲେ ଯେପରି ପାତ୍ର ଗଠିତ ହୁଏ, କୁମ୍ଭାର ଥିଲେ ଯେପରି ମୂର୍ତ୍ତିମାନ ଗଢି ଉଠେ, ସେହିପରି ଭଗବାନ ଥିଲେ ଭକ୍ତ ଓ ଭକ୍ତ ଥିଲେ ଭଗବାନ । ଭଗବାନ କୁମ୍ଭକାର ହେଲେ ଭକ୍ତ ହେଉଛି ମୃତ୍ତିକା । ଭଗବାନଙ୍କ ଅବଦାନରେ ହିଁ ଭକ୍ତି ରୂପକ ପାତ୍ର ଗଠିତ ହୁଏ । ସେହି ଭକ୍ତମାନଙ୍କୁ ନେଇ ହିଁ ଭଗବାନ ତାଙ୍କର ଲୀଳାଖେଳା କରିଥାନ୍ତି ।

ପ୍ରଭୁ ଶ୍ରୀଜଗନ୍ନାଥ ମାନବୀୟ ଲୀଳାଖେଳା ସମ୍ପର୍ଣ୍ଣ କରିବା ପାଇଁ ବର୍ଷକୁ ଥରେ ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ନିଜ ଭାଇ ଭଉଣୀଙ୍କୁ ସଙ୍ଗରେ ଧରି ତିନିରଥରେ ବଡ଼ଦାଣ୍ଡରେ ବିଜେ ହୋଇ ନିଜର ମାଉସୀ ଘର ଅର୍ଥାତ୍ ଗୁଣ୍ଡିଚା ମନ୍ଦିରକୁ ଯାଇଥାନ୍ତି । ନବ ଦିନ ମାଉସୀ ମା'ଙ୍କ ଘରେ ଅବସ୍ଥାନ କରି ଦଶମୀରେ ବାହୁଡ଼ିଥାନ୍ତି ନିଜ ଘରକୁ । ସେହି ଗୁଣ୍ଡିଚା ଓ ବାହୁଡା଼ ଯାତ୍ରାରେ ମହାପ୍ରଭୁ ସମଗ୍ର ବିଶ୍ୱବାସୀଙ୍କୁ, ସମଗ୍ର ଜାତିକୁ ନିଜେ ରତ୍ନସିଂହାସନରୁ ଓହ୍ଲାଇ ଆସି ଦର୍ଶନ ଦିଅନ୍ତି । ଲକ୍ଷ ଲକ୍ଷ ଭକ୍ତଗଣରେ ସାରା ସହର କମ୍ପି ଉଠେ । ଘଣ୍ଟ, ହୁଳହୁଳି ନାଦରେ ଭକ୍ତଙ୍କ ମେଳରେ ନାଚି ନାଚି

ଚାଲିଥାନ୍ତି ପ୍ରଭୁ ଶ୍ରୀଜଗନ୍ନାଥ । ସତେ ଯେପରି ଲାଗେ ବିନା ଭକ୍ତରେ ପ୍ରଭୁ ଯେପରି ଧରାପୃଷ୍ଠକୁ ଓହ୍ଲାଇ ନଥାନ୍ତେ । ମାତ୍ର ୨୦୨୦ ମସିହାରେ ଏ କ'ଣ ହେଲା ? ସ୍ୱୟଂ ମହାପ୍ରଭୁ ବି ଚିନ୍ତାରେ ପଡ଼ିଗଲେ ଏ ବର୍ଷ ମାଉସୀ ଘରକୁ ଯିବେ କି ନାହିଁ । କାରଣ ବର୍ତ୍ତମାନ ସାରା ବିଶ୍ୱରେ ମହାମାରୀ କରୋନା ଯେଉଁ ପ୍ରକାର ତାଣ୍ଡବ ରଚିଛି ସେ ଭକ୍ତ ଓ ଭଗବାନଙ୍କ ମିଳନକୁ ପୂରାପୂରି ଠପ୍ କରିଦେଇଛି ଯେପରି । ଯେଉଁ ମନ୍ଦିରରେ ଦିନରାତି ଭକ୍ତଙ୍କ ଭିଡ଼ ଲାଗି ରହୁଥିଲା ସେ ମନ୍ଦିର ଆଜି ଭକ୍ତଶୂନ୍ୟ ସେହିପରି ସେ ବଡ଼ଦାଣ୍ଡ ଆଜି ଭକ୍ତଶୂନ୍ୟ, ଜନଶୂନ୍ୟ । ଏହିପରି ଭକ୍ତଶୂନ୍ୟ ପରିବେଶକୁ ନେଇ ପ୍ରଭୁ ଶ୍ରୀଜଗନ୍ନାଥ କିପରି ବା ଓହ୍ଲାଇ ଆସିବେ ରତ୍ନ ସିଂହାସନରୁ, ଆସି ମଧ୍ୟ ଦର୍ଶନ ବା ଦେବେ କାହାକୁ ? ହେଲେ ପ୍ରଭୁଙ୍କ ଲୀଳା ବଡ଼ ବିଚିତ୍ର । ସ୍ୱୟଂ ଭକ୍ତମାନେ ହିଁ ଚାହୁଁଥିଲେ ତାଙ୍କ ପ୍ରଭୁ ପ୍ରତ୍ୟେକ ବର୍ଷ ପରି ତାଙ୍କ ମାନବୀୟ ଲୀଳା କରନ୍ତୁ । କାରଣ ପ୍ରଭୁଙ୍କୁ ନିଜ ଆଖିରେ ଦେଖିନପରିଲେ ମଧ୍ୟ ପ୍ରଭୁ ଶ୍ରୀଜଗନ୍ନାଥ ସବୁବେଳେ ଭକ୍ତଙ୍କ ହୃଦୟରେ ରହିଛନ୍ତି । ଆଶ୍ଚର୍ଯ୍ୟ ଘଟଣା ଯେ ସୁପ୍ରିକୋର୍ଟରୁ ରଥଯାତ୍ରା ବାତିଲ ଘୋଷଣା ହେବାପରେ ମଧ୍ୟ ଭକ୍ତଙ୍କ ମନକୁ ଚାହିଁ ସାକ୍ଷାତ ପ୍ରଭୁ ସବୁକିଛି ଓଲଟାଇ ଦେଲେ । ଏହିସମୟରେ ଭକ୍ତ ସାଲବେଗଙ୍କ ପରି ଜଣେ ମୁସଲମାନ ଭକ୍ତ ଅବ୍ ତାଫ୍ ହୁସେନଙ୍କ ଡାକ ଭଗବାନଙ୍କ ନିକଟରେ ପହଞ୍ଚିପାରିଥିଲା । ସତେ ଯେପରି ଶ୍ରୀଜଗନ୍ନାଥ ତାଙ୍କ

ଭକ୍ତମାନଙ୍କୁ ଅନେଇ ବସିଛନ୍ତି । ଆଶ୍ଚର୍ଯ୍ୟର କଥା ଯେଉଁ ରଥଯାତ୍ରାର ପୂର୍ବ ପ୍ରସ୍ତୁତି ପାଇଁ ଏତେ ଦିନ ଲାଗିଯାଏ ଚଳିତ ବର୍ଷ ମାତ୍ର ଗୋଟାଏ ଦିନରେ ମାତ୍ର ସାତ ଆଠ ଘଣ୍ଟା ମଧ୍ୟରେ ପ୍ରଭୁ ଯେପରି ନିଜେ ସବୁ କରିପାଇଲେ । କରୋନାର ପରିସ୍ଥିତିକୁ ଆଖି ଆଗରେ ରଖି ରାଜ୍ୟ ସରକାର ଯେଉଁ ସବୁ ବ୍ୟବସ୍ଥା ଆପଣେଇ ନେଇଥିଲେ ତାହା ସତେ ଯେପରି ପ୍ରଭୁଙ୍କ ଶୂନ୍ୟବାଣୀ ଥିଲା । କେଇଘଣ୍ଟା ମଧ୍ୟରେ ଶ୍ରୀକ୍ଷେତ୍ରର ଗଳି କନ୍ଦିରେ ସହ ସହ ପୋଲିସ ନିୟୋଜିତ ହୋଇ ପରିସ୍ଥିତିକୁ ସମ୍ଭାଳି ନେଲେ । ମ୍ୟୁନିସ୍ ପାଲଟି ସଂସ୍ଥା ଯେପରି ବଡ଼ଦାଣ୍ଡ ସମେତ ସାରା ସହରକୁ ରାତାରାତି ଚକ୍ ଚକ୍ କରିଦେଲେ । ପ୍ରଭୁଙ୍କୁ ପାଛୋଟି ଆଣିବା ପାଇଁ ସମଗ୍ର ସେବାୟତ ଗଣ ଯେପରି ଚାତକ ପରି ଚାହିଁ ରହିଥିଲେ । ନିଜଭିତରେ ଅନେକ ଆନନ୍ଦ ଓ ଶକ୍ତି ସଂଚାରି ନେଇଥିଲେ । ରାତି ପାହିଲେ ପ୍ରଭୁଙ୍କ ଯାତ୍ରା, ସେ ପୁଣି ବିନା ଭକ୍ତରେ । ଯେଉଁ ଘୋଷଯାତ୍ରାରେ ଲକ୍ଷ ଲକ୍ଷ ଭକ୍ତ ରଥ ଟାଣିଲେ ରଥ ଗଡିବ ବୋଲି ପ୍ରଭୁ ଅପେକ୍ଷା କରିଥାନ୍ତି, ସେ ରଥ ଚଳିତ ବର୍ଷ ବିନା ଭକ୍ତରେ ଗଡିବ କିପରି ?  କ'ଣ କେବଳ ସେବାୟତ ମାନଙ୍କ ଦ୍ୱାରା ! ଖାଲି ପାଦରେ, ଟାଣ ଖରାରେ ସେବାୟତ ଗଣ ରଥ ଭିଡିବେ କିପରି, ସତେ ଯେପରି ତାଙ୍କ ନିଷ୍ଠା ଓ ଭକ୍ତିରେ କରୁଣା ମୟ ପ୍ରଭୁ ନିଜେ ନିଜେ ରଥ ଗଡ଼ାଇ ନେଲେ ଆଉ ପହଁଚିଗଲେ ନିଜ ମାଉସୀ ଘରେ । କହିବାକୁ ଗଲେ ପ୍ରଭୁଙ୍କ ଲୀଳା ଆଗରେ

କରୋନାର କିଛି ଅସ୍ଥିତ୍ୱ ହିଁ ନାହିଁ । ଯେଉଁଠାରେ କରୋନା ପାଇଁ ସାମାଜିକ ଦୂରତା ମାନିବାକୁ କୁହାଯାଉଥିଲା, ସେଠାରେ ଆଜି ଏତେ ବଡ଼ ଯାତ୍ରା ଅତି ସୁରୁଖୁରୁରେ ସମ୍ପର୍ଣ୍ଣ ହୋଇପାରିଛି । ପ୍ରଭୁଙ୍କ ଆଗରେ କରୋନା ହାରମାନିଛି । ଆଉ ସବୁ ଭକ୍ତ ଓ ମାନବ ସମାଜର ଆଶା ଓ ବିଶ୍ୱାସ ଆଗାମୀ ଦିନରେ ପ୍ରଭୁଙ୍କ କୃପାରେ ଏହି କରୋନା ହାରିବ ଓ ଏ ଜଗତ ଜିତିବ ।

*****

ବଡ଼ଦାଣ୍ଡ, ପୁରୀ

# ଈଶ୍ୱର ମୁଁ ଆଉ ସେମାନେ..



ଶିବ ଚରଣ ମହାପାତ୍ର

ଆହା.. କେତେ ନିଃସହାୟ ସେ ଈଶ୍ୱର ଯାହାଙ୍କୁ ସଂଗରୋଦ୍ଧ କରି ରଖାଯାଏ ଭକ୍ତ ସଂଗତରୁ, ଆମ୍ରିୟ ଗହଳିରୁ । ଷୋଡଶ ଉପଚାର, ହଲାଝୁଲା ଛେଚାକଚା ବିନା, ସାମାନ୍ୟ ଭୂତାଣୁ ଭୟରେ ଟେକି ଦିଆଯାଏ ହାତ, ସଂକ୍ରମିତ ଆଗରୁ..! ଜାଣିଶୁଣି ତାଙ୍କୁ ମାଫ୍ କରାଯାଏ ମଣିଷଙ୍କ ଦ୍ୱାରା ରଚିତ ଏ ଯୁଦ୍ଧକ୍ଷେତ୍ରରୁ; ନା ସେ ଈଶ୍ୱର ବୋଲି ନିରପେକ୍ଷ..! ଯଦି ଏ ଯୁଦ୍ଧ କେବଳ ସେମାନଙ୍କର ଆଉ ମୋର ତେବେ ଈଶ୍ୱର ଏବେ କେଉଁଠି..?

ଧୂ ଧୂ ଖରାବେଳ, ପ୍ରଖର ଗ୍ରୀଷ୍ମତାପରେ ଏକସଙ୍ଗେ ଏ ପଚାଶ ଜଣ ବଙ୍ଗାଳୀ । ଉତପ୍ତ ଖରା ଦହନକୁ ବେଖାତିର କରି ଚାଲିଛନ୍ତି ନିଜନିଜ ଗନ୍ତବ୍ୟସ୍ଥଳୀ ଅଭିମୁଖେ, ଏକ ମନ ଏକ ଲକ୍ଷ ନେଇ । ପିଠିରେ ଝୁଲା, ହାତରେ ପାଣି ବୋତଲ, କିଛି କିଛି ବିଛଣାପତ୍ର, ମୁଣ୍ଡରେ ଗାମୁଛା, କେତେକଙ୍କ ପାଖରେ ସେତକ ବି ନାହିଁ ଆଉ କେତେକଙ୍କ ପାଦ ଚପଲଶୂନ୍ୟ

। ହୁଏତ ପାଦର ପୋଟକା ପାଦରେ ହିଁ ମରିଯାଇଥାଇପାରେ କିନ୍ତୁ ଯନ୍ତ୍ରଣାର ଚିହ୍ନ ବର୍ଣ୍ଣ କାଇଁ କେଉଁଠି ତ ଦିଶୁନାହିଁ । ଦିଶୁନାହିଁ ରୋକିଯିବାର ମୋହ । ହଁ କିଛି କିଛି ଅବଶତା ତଥା ବିବଶତା ବାରିହେଇ ପଡୁଛି ତାଙ୍କ ମଳିନ ଚେହେରାରୁ । ତଥାପି ସେମାନେ କେବଳ ବଢି ଚାଲିଛନ୍ତି ଆଗକୁ ଆଗକୁ । ବେଗ କମିଥାଇପାରେ ଗତିର କିନ୍ତୁ ଅଟକି ଯାଇନି ପାଦ ତାଙ୍କର । ହାଇଦ୍ରାବାଦରୁ ପଶ୍ଚିମ ବଙ୍ଗାଲ୍ ପାଖାପାଖି ୧୫୦୦ କି.ମି ; ତଥାପି ସେମାନେ ଚାଲିଛନ୍ତି ଅବିଶ୍ରାମ ଅନବରତ । ଏତେଦୂର କେମିତି ଯେ ଚାଲି ଚାଲି ଯିବେ..? ଓ..ଏଇଯେ କେନ୍ଦୁଝର-ମୟୁରଭଞ୍ଜ ସୀମା ପହଞ୍ଚିଗଲା ଯେଉଁଠି ଆଗରୁ ପୋଲିସ୍ ଚେକ୍ ପୋଷ୍ଟ ଅବସ୍ଥିତ ଠିକ୍ ସେଇଠି । ହଁ ମ ସେଇ ବୈତରଣୀ ନଦୀ ପୋଲ..। ଯେଉଁଠି ସେପାଖ ମୟୂରଭଞ୍ଜ ଆଉ ଏପାଖ କେନ୍ଦୁଝର । ତାଙ୍କୁ ଦେଖି ପୋଲିସ୍ କର୍ମଚାରୀ ଜଣକ ପଚାରିଲେ- "କୁଆଡୁ ଆସିଲ..? କୁଆଡେ ଯିବ..?" ପ୍ରଶ୍ନରେ କଠୋରତା ନଥିଲା । (ଆଜିକାଲି ପୋଲିସ୍ କର୍ମଚାରୀଙ୍କ କଣ୍ଠରେ ଅହଂକାର, କ୍ରୋଧ, ଦୃଢତାର ସ୍ୱର ପ୍ରତିବଦଳରେ ଦୟା ଆଉ ଭୟ ଜନ୍ମ ନେଲାଣି, ବୋଧହୁଏ କରୋନାର ପାର୍ଶ୍ୱ ପ୍ରତିକ୍ରିୟା )

"ସାବ୍ ହମ୍ ଲୋଗ ହାଇଦ୍ରାବାଦ୍ ସେ ଆ ରହେ ହେଁ, କୋଲକାତା ଯାଏଁଗେ..।" ହେଇପାରେ ସେମାନେ ଓଡିଆ ବୁଝନ୍ତି କିନ୍ତୁ ଜାଣନ୍ତିନି ତେଣୁ ହିନ୍ଦୀରେ ଉତ୍ତର ଦେଲେ । "ଠିକ୍ ହେ ୟେ ବ୍ରିଜ୍ କେ ନିଚେ ବୈଠ୍ ଯାଇୟେ

ଏକ୍ ଏକ୍ ଆଦମି ଆ କର ଆପଲୋଗୋଁକା ଆଡ୍ରେସ ବତାଇୟେ । ହାଁ.. ଜରା ଦୂରିଆଁ ବନାଏଁ ରଖନା ।" ପୋଲିସ୍ କର୍ମଚାରୀ ଜଣକ ତାଙ୍କୁ କହିଲେ । "ଠିକ୍ ହେ ସାବ୍.."-କହି ସେମାନେ ସେ ନୂତନ ପୋଲ ତଳେ ବସିଗଲେ ଯାହାର କାମ ଏଯାଏଁ ଅସମ୍ପୂର୍ଣ୍ଣ ଅଛି । ତେଣୁ କିଛି ଖରା କିଛି ଛାଇ ତାଉପରୁ ଅନାୟାସରେ ଗଳିପଡୁଛି । ଫୋନ୍ ଯୋଗେ ଉପରିସ୍ଥ ଅଫିସରଙ୍କୁ ଏ ବିଷୟରେ ଅବଗତ କରାଇଦିଆଗଲା । ଘଟଣାସ୍ଥଳରେ ସେ ପହଞ୍ଚିବା ଭିତରେ ସମସ୍ତଙ୍କ ନାମ ପଞ୍ଜୀକରଣ ପ୍ରାୟତଃ ସରିଯାଇଥାଏ । ପୋଲିସ୍ ଅଫିସର ଜଣକ ସଂଗେ ସଂଗେ ପାଖ ହୋଟେଲ୍ ବୈତରଣୀରେ ତାଙ୍କ ସମସ୍ତଙ୍କ ପାଇଁ ଖାଇବା ବ୍ୟବସ୍ଥା କରିଦେଲେ । ଅଳ୍ପ ସମୟ ପରେ ସମସ୍ତଙ୍କୁ ହୋଟେଲ ବାହାରେ ଖାଇବା ଯୋଗାଇ ଦିଆଗଲା । ସେମାନେ ଖାଇପିଇ ପୁନଶ୍ଚ ନିଜ ନିଜ ଲକ୍ଷ୍ୟସ୍ଥଳୀ ଅଭିମୁଖେ ଯାତ୍ରା ଆରମ୍ଭ କଲେ । ଏକସଙ୍ଗରେ ଏକାଧିକ ଲୋକଙ୍କୁ ସୀମା ପାର କରିବା ଅସଙ୍ଗତ ଲାଗିବାରୁ ଆମେ ପାଞ୍ଚ ପାଞ୍ଚଜଣଙ୍କୁ କଲିକତା ଫଳ ଗାଡିରେ ବସେଇଦେଲୁ ଜାଣୁନା ଏହା ଆଇନତଃ ଠିକ୍ ନା ଭୁଲ୍ । ମଣିଷପଣିଆ ଆଗରେ ଆଜି ଆଇନ୍ ଭାଙ୍ଗିବାକୁ ଆମେ ପ୍ରସ୍ତୁତ ଥିଲୁ କିନ୍ତୁ ଦୁର୍ଭାଗ୍ୟବଶତଃ ସେପାଖ ଚେକ୍ ପୋଷ୍ଟରେ ତାଙ୍କୁ ଧରିନିଆଗଲା ଏବଂ ଫେରେଇ ଦିଆଗଲା କେନ୍ଦୁଝର ସୀମା ଭିତରକୁ । ଆମ ଉପରିସ୍ଥ ଅଫିସର୍ ଜଣକ ସେପାଖ ଯାଇ ବୁଝାଇବାକୁ ଚେଷ୍ଟା କରିଥିଲେ କି ସେମାନେ ସବୁ ଗାଡିଯୋଗେ ତାଙ୍କ ରାଜ୍ୟକୁ ଫେରିଯିବେ ତେଣୁ ତାଙ୍କୁ

ଅଟକାଇ ଅଯଥା ହଇରାଣ କରିବାର କୈଣସି ଯଥାର୍ଥତା ନାହିଁ କିମ୍ବା ତାଙ୍କ ପାଇଁ ଭୟ କରିବାର କିଛି କାରଣ ନାହିଁ । କିନ୍ତୁ ସେପାଖ ପୋଲିସ୍ କର୍ମଚାରୀମାନେ କିଛି ଶୁଣିବାକୁ ପ୍ରସ୍ତୁତ ନଥିଲେ, ଅତଏବ ସେମାନଙ୍କୁ ପୁନଶ୍ଚ ଫେରିବାକୁ ହେଲା ଆମ ପାଖକୁ ।

ପୋଲିସ୍ ବାବୁ ଜଣକ ସମସ୍ତଙ୍କୁ ଦୁଇଦିନ ରହିବା ଖାଇବା ବ୍ୟବସ୍ଥା କରିଦେଲେ । ଇତ୍ୟବସରେ ଆମେ ସେ ଅଞ୍ଚଳର କିଛି ଲୋକଙ୍କ ସାହାଯ୍ୟରେ ସେମାନଙ୍କୁ ନଦୀବାଟ ଦେଇ ଆମସୀମା ପାର କରାଇବା ଯୋଜନାରେ ସଫଳ ହେଲୁ । ପୁନର୍ବାର ସେମାନେ ମୁଖ୍ୟ ରାଜପଥ ଧରି ନେଲେ, ତାଙ୍କ ଲକ୍ଷ୍ୟପଥ ପହଞ୍ଚ ପାଇଁ ଏବେ ଈଶ୍ୱର ଭରଷା । (ଅବଶ୍ୟ ତାଙ୍କ ପଥରେ କେବଳ ରାଜ୍ୟ ଚେକ୍ ପୋଷ୍ଟ ବାଧକ ଥିଲା ଯାହା ସେମାନଙ୍କ ପାଇଁ ବିଶେଷ ଅସୁବିଧାର କାରଣ ନୁହେଁ )

ଇଏ କିଛି ନୂଆ କଥା ନୁହେଁ ଯେ ହଜାର ହଜାର ପ୍ରବାସୀ ଅସହାୟ ଭାବରେ ନିଜ ଜନ୍ମଭୂମିକୁ ଫେରିବା ପାଇଁ ସଂଘର୍ଷରତ । କେହି କେହି ସାଇକେଲ ଯୋଗେ ; କେହି କେହି ମଟରସାଇକଲ ଯୋଗେ ; ଆଉ କେହି କେହି ଚାଲି ଚାଲି ଏ ଯାତ୍ରା ଆରମ୍ଭ କରିଛନ୍ତି ।

ସେମିତି କିଛି ଦିନ ପୂର୍ବର ଏ ଘଟଣା ; ସମୟ ପାଖାପାଖି ୧:୦୦ ହେବ ପାଞ୍ଚଜଣ ଶ୍ରମିକ ନାଗପୁରରୁ ଆସି ଆମ ପାଖରେ ପହଞ୍ଚିଲେ । ତାଙ୍କୁ

ଦେଖୁ ଦେଖୁ ଯେ କେହି ବି ଅନୁମାନ କରିନେବ ଯେ ସେମାନେ ଅନେକ ଦିନ ହେଲା କିଛି ଖାଇ ନାହାନ୍ତି । ତା'ଅଳ୍ପ ସମୟ ଆଗରୁ ମୋ ବନ୍ଧୁ ଜଣକ ମୋ ହାତରେ ଏକ ଛୋଟ ଜାଙ୍ଗୁଲାରେ କିଛି ତରଭୁଜ ଖାଇବାକୁ ଦେଇଥିଲେ । ଅବଶ୍ୟ ସେ ତରଭୁଜଟିକୁ ଜଣେ ଗାଡିବାଲା ଆମକୁ ଦେଇଥିଲା । ଚେକ୍ ପୋଷ୍ଟରେ ପୋଲିସ୍ କର୍ମଚାରୀଙ୍କୁ ତରଭୁଜ, ପଇଡ, କଦଳୀ, ଅଙ୍ଗୁର, ବ୍ରଏଲର କୁକୁଡା ଇତ୍ୟାଦି ମିଳିବା ଅତି ସାଧାରଣ କଥା ଅବଶ୍ୟ ମୁଁ ଜାଣିନି ଏ ପ୍ରଥା କେବେଠାରୁ ପ୍ରଚଳିତ । କିନ୍ତୁ ସେମାନେ ସ୍ୱଇଚ୍ଛାରେ ଆମକୁ ଡାକି କିଛି କିଛି ଦେଇଯାଆନ୍ତି, ଯାହା ବେଳେବେଳେ ନେବାପାଇଁ ଖୁବ୍ ଖରାପ ଲାଗେ । ଏବେ ମୋ ହାତରେ କିଛି ତରଭୁଜ ଅଖିଆ ରହିଥିଲା । ସେ ଶ୍ରମିକ ମାନଙ୍କୁ ଦେଖି ତାଙ୍କ ଭୋକ ଆଗରେ ମୋତେ କାଇଁ ଟିକିଏ ବି ଭୋକ ହେଲାନି ଅଥବା ତାଙ୍କ ବେଦନାକ୍ତ ଭୋକିଲା ଆଖି ଆଗରେ ମୋ ପେଟର କ୍ଷୁଧା ଆପେ ଆପେ ଅପସରି ଗଲା । ଯଦିଓ ସକାଳ ୭ ଟାରୁ ମୁଁ ସେଇଠି ଡ୍ୟୁଟିରେ ମୁତୟନ ଥିଲି ଏବଂ ଆହୁରି କିଛି ଘଣ୍ଟା ମୋତେ ସେଇଠି ଅଖିଆ ବିତେଇବାର ଥିଲା, ତଥାପି ପଲିଥିନିରେ ସମସ୍ତ ତରଭୁଜ ଭରି ମୁଁ ତାଙ୍କ ହାତକୁ ଟେକି ଦେଲି । ମୋ ବନ୍ଧୁ ଜଣକ ଦୁଇ ବୋତଲ ପାଣି ତାଙ୍କୁ ପିଇବାକୁ ଦେଲେ । ସେମାନଙ୍କ ଖାଇବା ଦେଖି ଲାଗୁଥିଲା ବୋଧହୁଏ ସେମାନେ ତିନି ଚାରି ଦିନ ହେବ କିଛି ଖାଇନାହାନ୍ତି । ମୋ ମନ ବୁଝିଲାନି ଆମ ଅସ୍ଥାୟୀ ଗୁମୁଟିରେ ଥିବା ଆଉଏକ ତରଭୁଜ ଆଣି ତାଙ୍କୁ ଦେଇଦେଲି । ସେମାନେ

ତାକୁ ପଥରରେ ଫଟେଇ ଭାଗ କରି ଖାଇଗଲେ ।

କିଛି ସମୟ ପରେ ଡାଲା ଥିବା ଏକ ଖାଲିଗାଡି ବମ୍ବେ ଛକ ଯାଉଥିବାର ପାଇଲୁ । ସେମାନଙ୍କୁ ତା' ଭିତରେ ବସେଇ ଦେଇ କହିଲୁ ସେପାଖ ଚେକ୍ ପୋଷ୍ଟରେ ତାଙ୍କ ମୁଣ୍ଡ ଯେମିତି ଦେଖା ନ ଯାଏ । ସେମାନେ କୃତଜ୍ଞତାରେ ନମସ୍କାର କରି ସେ ଗାଡିରେ ଚଢିଗଲେ । ଆମେ ଅପଲକେ ଚାହିଁଥାଉ ସେପାଖ ଚେକ୍ ପୋଷ୍ଟକୁ ..। ଈଶ୍ୱରଙ୍କୁ ଅଜସ୍ର ଧନ୍ୟବାଦ କି ସେପାଖ ଚେକ୍ ପୋଷ୍ଟରେ ସେ ଶ୍ରମିକ ସବୁ ଧରାନପଡି ପାର ହେଇଗଲେ । ଏବେ ତାଙ୍କୁ ଏ ଚାଲିବା ପରିଶ୍ରମରୁ କିଛି ତ ଅବସର ମିଳିଯିବ । ସେମାନେ ଗଲା ପରେ ପୁନରାୟ ଆଉକିଛି ପାଦଚଲା ଶ୍ରମିକ ଆମ ପାଖରେ ହାଜର । ତାଙ୍କୁ ଦେଖି ଖୁବ୍ ଦୟା ଲାଗୁ ଥାଏ । ଆହା.. ଈଶ୍ୱର କ'ଣ ଏତେ ନିର୍ଦ୍ଦୟ..? ଏତେ ଲୋକ ଏତେ କଷ୍ଟ ଯନ୍ତ୍ରଣା ସହ୍ୟକରି ଜୀଇଁବାକୁ ସଂଘର୍ଷ ଜାରି ରଖିଛନ୍ତି ! ଅଥଚ..?

ନା..ନା.. ଈଶ୍ୱର ଯଦି ନିର୍ଦ୍ଦୟ ହେଇଥାଆନ୍ତେ ତେବେ ଆମ ଦ୍ୱାରା କେବେବି କାହା ପାଇଁ ଆହାର ଯୋଗାଇ ନଥାଆନ୍ତେ କି ତାଙ୍କୁ ସାହାଯ୍ୟ କରିବାର ସୁଯୋଗ ଆମକୁ ଦେଇ ନଥାଆନ୍ତେ । ତେବେ ବିଶ୍ୱାସରେ ଏହା ସିଦ୍ଧ ହେଲା ଯେ ଈଶ୍ୱର, ମୁଁ ଆଉ ସେମାନେ ଏବେବି ନିଜ ସ୍ଥାନରେ କାୟମ ଅଛନ୍ତି ; କେବଳ ଚିହ୍ନିବାକୁ ବାକି..!!

***** ଚକ୍ରଧରପୁର, କେନ୍ଦୁଝର

# ଦୋଦୋପାଞ୍ଚ



ସୁନିତା ସାହୁ

**ଆ**ଜି ପୁଣି ସେଇ କହିବି ନ କହିବିର ଦ୍ୱନ୍ଦ, ଦେବି ନା ନାହିଁ, ନେବି ନା ନାହିଁ, କିଏ କ'ଣ ଭାବିବ ! ସବୁବେଳେ ମାନୀ ଉପରେ ଏଇ ଦ୍ୱନ୍ଦ । ଆଜ୍ଞା ହଁ, ଯାହାକୁ ଆମେ କହୁ ଦୋଦୋପାଞ୍ଚ । ମାନୀ ବୁଝି ପାରୁନି ତାକୁ ଏଇ ଦୋଦୋପାଞ୍ଚ ନୀତି ପିଛା କାହିଁକି ଛାଡୁନି ! ସଞ୍ଜୟ ଆଜି ପୁଣି ତାକୁ ସେଇ ହରଡ଼ଘଣାରେ ପକେଇ ଦେଲେ । କେମିତି ସେ ନିଷ୍ପତ୍ତି ନେବ ! ତା କପେ ଧରି ବାଲକୋନୀରେ ବସିପଡିଲା ମାନୀ । ମନେ ପଡିଗଲା ସବୁ ପିଲାବେଳ କଥା । ସେଇ ଦୋଦୋପାଞ୍ଚ କଥା...

ନିମ୍ନ ମଧ୍ୟବିତ୍ତ ପରିବାର ଝିଅ ମାନୀ, ନିଜ ବ୍ୟାବହାରିକ ପରିସୀମା ତାକୁ ବେଶ୍ ଜଣା । ନିଜର ଖାଦ୍ୟପେୟ, ବେଶ ପୋଷାକ ପ୍ରତି ସବୁବେଳେ ସଜାଗ ରହେ । ହାଇସ୍କୁଲରେ ପଢୁଥିଲା ମାନୀ, ତା ସାଙ୍ଗ ସୁରୁଚି ଖାନଦାନୀ ଘର ଝିଅ ।ତା ଟିଫିନ୍ ବାକ୍ସରେ ଭଲ ସୁଆଦିଆ ଖାଦ୍ୟ ସବୁ ଆଣେ, ଆଉ

ମାନୀ ମାଆ ଦେଇଥିବା ଶୁଖିଲା ରୁଟି, ଭଜା କିମ୍ବା ଉପମା ନେଇକି ଯାଏ । ସୁରୁଚି ତା ଖାଦ୍ୟରୁ ମାନୀକୁ ଦିଏ, ମାନୀ ମନା କରି ପାରେନା, କିନ୍ତୁ ନିଜ ଟିଫିନରୁ କିଛି ସୁରୁଚିକୁ ଦେବାକୁ ତାକୁ ଲାଜ ଲାଗେ, ହେ... ସେ କ'ଣ ଭାବିବ ଯେ !

ଗୋଟିଏ ଦିନର କଥା ମାନୀର ପୁରା ମନେଅଛି, ସେଦିନ ଟିଫିନ୍ ପାଇଁ ମାଆ ଉପମା ତିଆରି କରୁଥିଲା, ଘରଟା ଉପମାର ବାସ୍ନାରେ ମହକି ଉଠୁଥିଲା । ମାନୀ ସ୍ଥିର କଲା ଆଜି ସେ ନିଶ୍ଚୟ ସୁରୁଚିକୁ ଉପମା ଟିକିଏ ଦେବ । ସ୍କୁଲକୁ ଗଲା ମାନୀ, ଖାଇବା ଛୁଟିରେ ସମସ୍ତେ ନିଜ ନିଜ ଟିଫିନ୍ ଖୋଲିଲେ। ମାନୀ ଟିଫିନ୍ ଖୋଲି ସୁରୁଚିକୁ ଚାହିଁଲା, ସୁରୁଚି ମହା ଆନନ୍ଦରେ ସାଙ୍ଗ ମାନଙ୍କ ସହ ଗପି ଗପି ଖାଇ ଚାଲିଛି । ମାନୀକୁ ଚାହିଁ ହସି ଡାକିଲା ସାଥିରେ ଖାଇବା ପାଇଁ । ମାନୀ ଯାଇ ତା ପାଖରେ ବସିଲା, ସୁରୁଚିକୁ ଉପମା ଦେବ ନା ନାହିଁ ଭାବି ଭାବି ଶେଷ ପର୍ଯ୍ୟନ୍ତ ନିଜ ଟିଫିନ୍ ଖୋଲି ପାରିନଥିଲା । ସେଇ ଦୋଦୋପାଞ୍ଚ ହୋଇ ମାନୀର ହାତ ପାଟି ସବୁ ବନ୍ଦ ରହିଗଲା । ସୁରୁଚି ପଚାରିଲାରୁ କହିଲା, ଆଜି ଭୋକ ନାହିଁ । ଉପମା ସେମିତି ଘରକୁ ଫେରିଲା ।

ଆଜି ଏତେ ବର୍ଷ ପରେ ମାନୀର ପୁଣି ସେଇ ଦୋଦୋପାଞ୍ଚ ଭାବ ଆସୁଛି, ସେଦିନ ତ ସାମାନ୍ୟ ଉପମାର କଥା ଥିଲା ଆଉ ମାନୀ ପଛଘୁଞ୍ଚା

ଦେଇଥିଲା । ହେଲେ ଆଜି ତ ସଞ୍ଜୀୟଙ୍କ ଚାକିରିରେ ପ୍ରମୋସନର କଥା, ବାପରେ, ପୁଣି ସାମନାରେ ଅଛି ପିଲାବେଳର ସେଇ ସାଙ୍ଗ ସୁରୁଚି । ଅର୍ଥାତ୍ ମାନୀ ଆଉ ସୁରୁଚି ଦୁହିଁଙ୍କ ସ୍ୱାମୀ ଗୋଟିଏ ଅଫିସରେ, ସୁରୁଚିର ସ୍ୱାମୀ ଜଗଦିଶ୍ ଏକା ସହରକୁ ବଦଳି ହୋଇ ଆସିଛନ୍ତି । ଅଫିସରେ ଏବେ ଜଗଦିଶ୍ ହେଉଛନ୍ତି ସଞ୍ଜୀୟଙ୍କ ଉପର ଅଫିସର ମାନେ ବସ୍ । ସଞ୍ଜୀୟଙ୍କ ପ୍ରମୋସନର ସମୟ ଏବେ ଯଦି ଜଗଦିଶ୍ ଚାହିଁବେ ତେବେ ପ୍ରମୋସନ୍ ଦେଇପାରିବେ । ନିଜ ପତ୍ନୀଙ୍କ ସାଙ୍ଗ ଯେତେବେଳେ ଅଫିସରଙ୍କ ପତ୍ନୀ, ତେବେ ସଞ୍ଜୀୟଙ୍କ ଲୋଭ ଅବଶ୍ୟ ଆସିଛି ନିଜ ସ୍ୱାର୍ଥ ମେଣ୍ଟାଇବା ପାଇଁ । ସେ ମାନୀକୁ ଅନୁରୋଧ କଲେ ସୁରୁଚିଙ୍କ ଘରକୁ ଯିବାକୁ ଆଉ ପ୍ରୋମୋସନ୍ ବିଷୟରେ କହିବାକୁ । ଏହା ମାନୀ ପାଇଁ ବିଷମ ପରିସ୍ଥିତି ଥିଲା, ଏତେ ଦିନ ପରେ ଜଣେ ବନ୍ଧୁ ପାଖକୁ ଏମିତି ଏକ ଅନୁରୋଧ ନେଇ ଯିବା କ'ଣ ଶୋଭନୀୟ ! ଏହା ମଣିଷର ଦୋଦୋପାଞ୍ଚ ଅବସ୍ଥା ନୁହଁ ! ଏଣେ ସଞ୍ଜୀୟଙ୍କ ଅଗ୍ରଗତିର ସ୍ୱପ୍ନ, କ'ଣ କରିବ ମାନୀ ! ଚା କପ୍ ଟି ସରିଲାଣି ପଛେ ମାନୀକୁ ବାଲକୋନୀରୁ ଉଠିବାକୁ ଇଛା ହେଉନି । ସକାଳୁ ବଜାର ଯାଇ ସଞ୍ଜୀୟ ସୁନ୍ଦର ଫୁଲତୋଡ଼ା ଆଉ ମିଠା ପାକେଟ ଟିଏ ଆଣି ରଖି ଦେଇଛନ୍ତି । ଯାହାହେଉ କିଛି ସମୟ ପରେ ମନକୁ ଶକ୍ତ କରି ମାନୀ ବାହାରିଗଲା ସୁରୁଚିକୁ ଦେଖା କରିବାକୁ । ସନ୍ଧ୍ୟାରେ ସଞ୍ଜୀୟ ଆସୁ ଆସୁ ପଚାରିଲେ," ଯାଇଥିଲ କି ସାଙ୍ଗ ଘରକୁ ?", ମାନୀ ହଁ କହି ରୋଷେଇ ଘରେ ପଶିଲା,

ଆଉ ଏଣୁତେଣୁ କଥା କହି କଥାର ଖିଅ ବଦଳାଇ ଦେଲା । ସଞ୍ଜୟ ନିଜେ ଗୁଣୁଗୁଣେଇଲେ, 'ଦେଖାଯାଉ କ'ଣ ହେଉଛି !' ତା ପରଦିନ ସନ୍ଧ୍ୟାରେ ସଞ୍ଜୟ ଘରକୁ ଫେରି ଖୁସିରେ ମାନୀକୁ କୁଣ୍ଢେଇ ପକେଇଲେ, ଯେମିତି ଗଡ ଜିଣି ଆସିଛନ୍ତି । ମାନୀକୁ ଧନ୍ୟବାଦରେ ପୋତି ପକାଇଲେ । ମାନୀ ଆଉ ନିଜକୁ ରୋକି ପାରିଲାନି, କହିଲା, "ତୁମେ ପ୍ରମୋସନ୍ ନିଜ ଯୋଗ୍ୟତାରେ ପାଇଛ, ମୁଁ କାହାରିକୁ କିଛି ସୁପାରିଶ କରିନି । ମୁଁ ସେଦିନ ସୁରୁଚିକୁ ଦେଖାକରି ଭଲମନ୍ଦ କଥା ହୋଇ ଫେରି ଆସିଥିଲି, ବହୁତ ଚେଷ୍ଟା ପରେ ମଧ୍ୟ ତୁମ କଥା କହିପାରି ନଥିଲି । ମୋର ସେଇ ଦୋଦୋପାଞ୍ଚ ଭାବ ମୋତେ ଅଟକାଇ ଦେଲା । ହେଲେ ତୁମ ପ୍ରମୋସନରେ ମୁଁ ବହୁତ ଖୁସି, ତୁମକୁ କାହାରି ସୁପାରିଶର ଆବଶ୍ୟକତା ନାହିଁ ।" ଏସବୁ ଶୁଣି ସଞ୍ଜୟ ମାନୀକୁ ବଲବଲ କରି ଚାହିଁ ରହିଥିଲେ । ମାନୀ ହସି ହସି କହିଲା, "ଏତେ ଭାବୁଛ କ'ଣ, ସୁରୁଚି ଆମକୁ ଆସନ୍ତା ରବିବାର ନିମନ୍ତ୍ରଣ କରିଛି, ତା ଘରେ ମଧ୍ୟାହ୍ନ ଭୋଜନ ପାଇଁ । ପ୍ରସ୍ତୁତ ରହିବ, ଆଉ ଗୋଟିଏ ଫୁଲତୋଡ଼ା ନେଇ ଆସିବ ।"

ସଞ୍ଜୟ ମନେମନେ ଭାବୁଥିଲେ, ଯା ହଉ ମଣିଷ ଆତ୍ମଗ୍ଲାନିରୁ ବଞ୍ଚିଗଲା...।

*****

ରାଉରକେଲା

# ରଫ୍ ଖାତା



ପଲ୍ଲବୀ ବାରିକ୍

ମୁଁ ପ୍ରତିଦିନ ଭାବେ ଆଜି ବୋଧେ ମୋ ରଫ୍ ଖାତାରୁ ପେଜ୍ ସରିଯାଇଥିବ, ନୂଆ ଗୋଟେ କିଣିବି । ହେଲେ କେଜାଣି କୋଉଠୁ ଧଳା ପେଜ୍ ଓଢଣା ଖୋଲି ମୁହଁ ଦେଖାଏ । ସରେନି ମୋ ରଫ୍ ଖାତାରୁ ପେଜ୍ ଆଉ ସରେନି ବି ଆମ ପ୍ରେମ । ପ୍ରେମ ଟା ବି ଠିକ୍ ସେଇ ରଫ୍ ଖାତା ଭଳି, ସବୁ ଗୋଳେଇ ହେଇକି ଥାଏ, କେହି ନିର୍ଦ୍ଦିଷ୍ଟ କରି ଖୋଜେନି । ହେଲେ ତା ବିନା ବି ଯେମିତି ଚଳି ଯାଇ ହୁଏନି । ସେ ନା ଅଶିଣ ସାରା ଦରକାର ହୁଏ ନା ମାଘ ସାରା, ହେଲେ ସବୁ ଋତୁ ପାଏ ଅଧପାଏ କରି ତାଠି ଲେସି ହେଇଥାନ୍ତି । ସେ ମୋ ଭାଇ, ବଡ କି ସାନ କେଜାଣି । ଆମ ଦି ଜଣକୁ ନେଇ ପାଟୀଗଣିତ ପ୍ରଶ୍ନ ବିଲକୁଲ ହେଇପାରିବନି - ଯେମିତିକି ମୋ ଠାରୁ ସେ ଏତିକି ବଡ କି ଏତିକି ସାନ, ଏତିକି ବର୍ଷ ପରେ ସେ ମୋ ବୟସର ଏତିକି ଗୁଣ ହେବ... ଏମିତି କିଛି ବି ନାହିଁ । ସେ ମୋଠୁ ୨୩ ଦିନର ସାନ, ହେଲେ ଅପା ବୋଲି ଡାକିଲେ ତା ବଡଭାଇ ପଣିଆଟା କୁଆଡେ କମ

ହେଇଯିବ ବୋଲି, ଦିନେ ଡାକେନି । ହେଲେ ଭଲ କିଛି ଖାଇବା ଜିନିଷ ଆସିଲେ ସେ ସାନ ହେଇଯାଏ, ଆଉ ଭାଗଟା ମାରିନିଏ । ଆମର ଯୌଥ ପରିବାର, ବଡବାପା, ବାପା ଦି ଭାଇ । ବଡବାପାଙ୍କର ଦି ପୁଅ, ବଡଭାଇ ଆଉ ସିତୁ । ବଡଭାଇ ଆମ ସମସ୍ତଙ୍କ ବଡଭାଇ, ଆଉ ଘରର ସବୁଠୁ ଗେଲ୍ହା । ତାପରେ ମୋ ଭାଇ ଆଉ ମୁଁ । ମୋର ତାର କିଛି ନଥିଲା, ଆମ ସମସ୍ତେ ଥିଲୁ ବଡମାର ପିଲା । ସେ ହିଁ ଆମର ଜନ୍ମର ପର ଦିନ ଠୁ ୪ ପିଲାର ମା ହେଇ ଯାଇଥିଲା । ସିତୁ ଆଉ ମୁଁ ଏକାବେଳେ ଜନ୍ମ ବୋଲି ଆମ ନା ବି ଏକାଭଳି ଦେଇଦେଇଥିଲା - ରିତୁ, ସିତୁ । ଭଲ ନା ବି ଗୋଟେ ଅମ୍ରିତ୍ ଆଉ ଅମ୍ରିତା । ଘରେ ଗୋଟେ ଝିଅ ବୋଲି ମୁଁ ଗେଲ୍ହୀ ହେଲେ ତାର ଭାରି ବାଦ ମୋ ସାଂଗରେ, ବଡମା ପାଖରେ ତ ପୂରେଇ ଦେବନି ମୋତେ, ହେଲେ ମନେଅଛି ୯/୧୦ ବର୍ଷର ହେଇଥାଉ । କ'ଣ ପାଇଁ କେଜାଣି ମା ମୋତେ ଚାପୁଡା ଟେ ଲଗେଇଦେଲା । ସ୍କୁଲ ଯିବୁ ବୋଲି ବଡମା ଭାତ ବାଢିଥାଏ, ଆଉ ସିତୁ ମୋତେ ଅନେଇ ବସିଥାଏ । ମୋ ଗାଲରେ ଚାପୁଡା ଆଉ ତା ଭାତ ଥାଳି ପାଖରୁ ଉଠିବା ଭିତରେ ସମୟ ଟା ବି ଚମକି କି ରହିଯାଇଥିଲା । ସିଧା ମୋ ପାଖକୁ ଆସି ଘୋଷଣା କଲାପରି କହିଗଲା - ଖାଇବିନି ମୁଁ ଆଜି, ଆଉ ତାକୁ ମାରିଲେ କୋଉଦିନ ବି ଖାଇବିନି । ସେଇଠୁ ମୋତେ ଟାଣିନେଇ ଯୋଉ ଚାଲିଗଲା ଦିନସାରା ଦିଜଣ ଅଖିଆ ଅପିଆ । ସେ କିନ୍ତୁ

ମୋତେ ମାରିବ, ମୋ ଚୁଟି ଟାଣିବ । ପରୀକ୍ଷାରେ ଦି ଜଣ ଆଗପଛ ହେଇ ସବୁଦିନ ବସୁ । ହେଲେ କେବେ କେହି କାହାକୁ କିଛି ଦେଖେଇବୁନି । ବହୁତ ଝଗଡା ଲାଗୁ, ହେଲେ ବୋଧେ ପରସ୍ପରକୁ ଆମେ ପରସ୍ପର ଠୁ ଅଧିକ ଜାଣିଛୁ । ଚାକିରୀ କଲା ଯାଏ ଗୋଟେ ଦିନ ବି ଅଲଗା ରହିନୁ, ଯଦି କେବେ ନିହାତି ଦରକାର ନ ହେଇଛି । ଆଉ ଗୋଟେ ଦିନ ବି ଏମିତି ଯାଇନି ଯୋଉଦିନ ଆମର ଝଗଡା ହେଇନି । ସେପାଇଁ କେହି ଆମ ମଝିରେ ପଶନ୍ତିନି, ବୁଝେଇବାକୁ ବି ଆସନ୍ତିନି । ଏଥର କିନ୍ତୁ ସେଇଟା ବେଶିଦିନ ହେଇଗଲା । ଆମ ଚାକିରି ଅଲଗା ସହରରେ ଥିଲା । ଆଉ ସିତୁ ଏକଲା ରହିପାରିବନି ବୋଲି ମା ତା ପାଖେ ରହୁଥିଲା । ( ବଡମା ନୁହଁ ମୋ ମା, ଆଗରୁ କହିଛି ଆମେ ସମସ୍ତଙ୍କ ଛୁଆ, ବଡମା ଘର ଛାଡି କୁଆଡେ ଯାଏନି ।) ମା'କୁ ହିଁ ଜଣା ପଡିଲା ଆଗ କି ଆମେ ମାସେ ହେଲା କଥା ହଉନୁ । ଝଗଡା କିଛି ବଡ ନଥିଲା ହେଲେ କେମିତି କେଜାଣି ବାଟ ଓଗାଳି ମଝିରେ ଠିଆ ହେଇଥିଲା ଅହଂ । ମା ସେଇଠୁ ବଡମାକୁ କହିଲା ଆଉ ବଡମା ମୋତେ ।" କିଲୋ କ'ଣ ଏମିତି ହେଲା ଯେ ତମେ କଥା ହଉନ " ମୋର ମାପଚୁପ ପଦେ " ତାର ଯଦି ଇଚ୍ଛା ନାହିଁ ତାହେଲେ ମୋର ବି ନାହିଁ ।" ଆଉ ଦି ଭାଇ ତ ଆମ ଭିତରେ କେବେ ପଶି ନାହାନ୍ତି, ଖାଲି ବଡଭାଇ ହେଇ ରହିଯାଇଛନ୍ତି । ତେଣୁ ଆମର ଏଇ ଦି ଜଣିଆ ଛୋଟ ଦୁନିଆଁଟା ଭାରି ଖାଁ ଖାଁ ହେଇଯାଇଥିଲା । ସତକହିବାକୁ ଗଲେ ପୂରା ଏକା ଏକା ଲାଗୁଥିଲା,

ଲାଗୁଥିଲା ସମସ୍ତେ ଅଛନ୍ତି ହେଲେ ସେ ହିଁ ନାହିଁ ଯାହାର ଥିବାଟା ନିହାତି ଦରକାର । ଆଜି ଦରମା ଆସିଲା, ହେଲେ ଈପ୍ସିତ ଖୁସି ଆସିଲାନି : ସିତୁ ଥିଲେ କ'ଣ କ'ଣ କରିଥାନ୍ତୁ ଖାଲି ସେଇ ଭାବନା ଆସିଲା । ସଂଜ ୬ ଟା ରେ ମେଲ୍ ଆସିଲା, ସିତୁ ପାଖରୁ, ପୂରା ୨ ପେଜର : ରିତୁ ଚୋରଣୀ ତୋର ବହୁତ ରାଗ ନାହିଁ । ଫେସ୍ ବୁକ୍, ୱାଟସ୍ଅପ ସବୁଠି ବ୍ଲକ କରି ରଖିଛୁ । ଏ ମେଲ କାହିଁକି ଛାଡିଲୁ । ଶେଷରେ ଗଧି ମେଲ କଲି ତୋତେ, ଆଖି ଥିଲେ ଖୋଲିକି ପଢିବୁ । କଲ କରି ପାରିବିନି ଯା, ତୋ ସହ କିଏ ବକ୍ ବକ୍ ହେବ । ରିତୁ, ଆଜି ମୋ ପ୍ରଥମ ଦରମା ଆସିଲା, ଆଉ ତା ସହ ଗୋଟେ କିଛି ପାଇବାର ଅନୁଭବ, ବଡ଼ ହେଇଯିବାର ଅନୁଭବ, ଏତେବଡ ଅନୁଭବକୁ ତୋ ବିନା ଏକା କେମିତି ଅନୁଭବ କରିପାରିବି । ସାନବେଲୁ ତୋ ସହ ହିଁ ସବୁ ସମୟକୁ ଦେଖିଛି । ଆଜି ଏତେବଡ ଖୁସିକୁ ଏକା ଅଲଗା ଦେଖି ହଉନି । ତୋର ବି ଆସିଥିବ ଆଉ ତୁ ବି ମୋତେ ମିସ୍ କରୁଥିବୁ ହେଲେ ମୁଁହ ଖୋଲି କହିବୁନି, କହିଲେ ତୋ ଅହଁ ଛୋଟ ହୋଇଯିବ, ଆହା ଘରର ଗୋଟେ ବୋଲି ଝିଅ । ହେଲେ ମନେରଖ ତୁ ବେଶି ମୋ ଭଉଣୀ, ଆଉ ଅନ୍ୟମାନଙ୍କର କମ୍ । ଆଉ ମୋ ବେଷ୍ଟ ଫ୍ରେଣ୍ଡ ବି, ଆଉ ମୋ ଝଗଡା କରିକି ମୁଣ୍ଡ ଥଣ୍ଡା କରିବାର ଉପାଦାନ । ତୋତେ ପୁଣି ଏମିତି ଛାଡିଦେବି...ରିତୁ ତୁ ଯେତେ ରାଗ ଅଭିମାନ କଲେ ବି ମୋ ପାଇଁ ତୁ ହିଁ ସବୁଠୁ ସ୍ପେଶଲ ତେଣୁ କାଲି ଆମେ ଘରକୁ ଯାଉଛୁ, ଜଲ୍ଦି ପେକିଂ କରିବୁ,

ଟିକେଟ୍ ବି ଆଟାଚ କରିଦେଇଛି । ମେଲ ପଢିକି ହସିବି କି କାନ୍ଦିବି କି ଫୋନ କରି ତା ସହ ଝଗଡା କରିବି ଜାଣି ପାରିଲିନି, ହେଲେ ଏତିକି ବୁଝିଲି କାଲି ଘରକୁ ଯିବି । ଘରେ ଯେତେବେଳେ ସାଂଗ ହେଇ ଶପିଙ୍ଗ୍ ବାହାରିଲି, ଭାଇ ପଚାରିଲା " ତମେ ଦି ଜଣ ପରା କଥା ହଉନ ?" ସିଆଡ୍ତୁ ବଡମା ହସି ହସି ଆସିଲା" ତୁ କାହୁଁ ବୁଝିବୁ ତାଙ୍କ ପ୍ରେମ " ରାସ୍ତାରେ ସିତୁକୁ ପଚାରିଲି " ତୁ ଏଇ ଡାଇଲୋଗ୍ ଗୁଡା କୋଉଠୁ ଆଣିକି ଚିପ୍କେଇଲୁ " " ଯୋଉଠୁ ଆଣେ, ନଆଣିଥିଲେ କ'ଣ ତୁ ମୋତେ ଟ୍ରିଟ୍ ଦେଇଥାନ୍ତୁ... ଟିକେ ତେଲ ମାରିଲେ ମିଳିବ ନାଁ " ହେଲେ ଦି ଜଣ ଜାଣିଥିଲୁ ଭାଇ ଭଉଣୀ ଭିତରେ ବି ଏମିତି ପ୍ରେମ ଥାଏ, ଯୋଉଟା ଠିକ୍ ସେଇ ରଫ୍ ଖାତା ଭଳି ।

*****

ଭୁବନେଶ୍ୱର

# ଅଭିଶପ୍ତ ପ୍ରେମିକା



ସତ୍ୟ ରଞ୍ଜନ ମିଶ୍ର

**ଗ**ତ କିଛି ଦିନ ହେଲା ଆଲୋକର ହାବ ଭାବ କିଛି ଠିକ୍ ଲାଗୁନି । ଶିଖା ଠୁ ସେ ଯେମିତି ଏଡେଇ ଏଡେଇ ରହିବାକୁ ଚେଷ୍ଟା କରୁଛି । ନା ଫୋନ ଉଠାଉଛି ନା ମେସେଜର ଠିକ୍ ଠାକ୍ ଉତ୍ତର ଦେଉଛି । ସେଇ ଚିନ୍ତାରେ ଶିଖାର ବି ଆଜିକାଲି ଘରର କୌଣସି କାମରେ ମନ ଲାଗୁନି । "କ'ଣ ହେଇଚି ଆଲୋକର ? ତା ଦେହ ଭଲ ଅଛି ତ ? ତା ଘରେ କିଛି ଅସୁବିଧା ହେଇନି ତ ? କିଛି ଟେନସନରେ ଅଛି କି ସେ ? ହେ ଭଗବାନ ତାର କିଛି ଅସୁବିଧା ନହେଇଥାଉ ।" ସବୁଦିନ ମନେମନେ ଭାବୁଥାଏ ଶିଖା । ପନ୍ଦର ଦିନ ଏମିତି ଏଡେଇ ହେଇ ରହିବା ପରେ ଶିଖା ଆଉ ସମ୍ଭାଳି ପାରିଲାନି ନିଜକୁ । ନିଷ୍ପତ୍ତି ନେଲା, " ଯାହା ବି ହେଇଯାଉ, ଆଜି ଆଲୋକ ସହ କଥା ହେବି । ଘଟଣା କ'ଣ ନିଶ୍ଚୟ ଜାଣିବି ।" ଏଇଆ ଭାବି ଆଲୋକ ନମ୍ବରକୁ ବାରମ୍ବାର ଫୋନ କଲା ଶିଖା । ଚାରିଥର ରିଙ୍ଗ ହେଇ କଟିସାରିବା

ପରେ ପଞ୍ଚମଥର ବେଳକୁ ଫୋନ ଉଠେଇଲା ଆଲୋକ ।
ଫୋନ ସେପଟୁ ଧୀର ଗମ୍ଭୀର ସ୍ୱରରେ ଆଲୋକ କହିଲା,
" ହ୍ୟାଲୋ..."
ଆଲୋକର ସ୍ୱର ଶୁଭିବା ମାତ୍ରେ ଶିଖା ବ୍ୟଗ୍ରତାର ସହ ଉତ୍ତର ଦେଲା," ହ୍ୟାଲୋ....ଆଲୋକ..କ'ଣ ହେଇଚି ତୁମର ? ସତ କୁହ, କ'ଣ ହେଇଛି ? ମୋ ସହ ଠିକ୍ ସେ କଥା ହଉନ କାହିଁକି ଯେ ? ମୁଁ କ'ଣ କିଛି ଭୁଲ କରିଦେଇଛି କି ? ଯଦି ମୋ ଦ୍ୱାରା କିଛି ଭୁଲ ହେଇଚି ତାହେଲେ ଦୟାକରି ମୋତେ କ୍ଷମା କରିଦିଅ । କିନ୍ତୁ ମୋଠୁ ଜମା ସେମିତି ଏଡେଇ ଏଡେଇ ରୁହନି । ମୋତେ ଭଲ ଲାଗୁନିରେ "
ଶିଖାର ବ୍ୟଗ୍ରତାକୁ ଭାଙ୍ଗିବାକୁ ଚେଷ୍ଟା କରି ଆଲୋକ ସାଧାରଣ ସ୍ୱରରେ କହିଲା " ଆରେ ନାଇଁ ଶିଖା, ସେମିତି କିଛି ନାହିଁ । ମୋର କିଛି ଅସୁବିଧା ହେଇନି ହେଲା । ତୁମେ ଚିନ୍ତା କରନି । ମୁଁ ଫୋନ ରଖୁଛି ହେଲା । ମୋର ଟିକେ କାମ ଅଛି । ଆମେ ପରେ କଥା ହେବା । ଓକେ ବାଏ.."
ଆଲୋକର ଏପରି ଉତ୍ତରରେ କିନ୍ତୁ ଶିଖା ବେଶି ବ୍ୟଗ୍ର ହେଇପଡିଲା ଆଉ ତରତର ହେଇ କହିଲା " ଆଲୋକ..ରୁହ.. ଫୋନ କାଟନି । ଶୁଣ ମୋ କଥା । ଆଉ ଜମା ମିଛ କୁହନି କହୁଛି । କିଛି ଦିନ ହେଲା ମୁଁ ବହୁତ ଦୁଃଖରେ ଅଛି ତୁମ ପାଇଁ । କ'ଣ ହେଇଚି ସିଧା ସିଧା କୁହ । ତୁମକୁ ମୋ ରାଣ । ତୁମକୁ

ଆମ ବନ୍ଧୁତାର ନିୟମ । କୁହ କ'ଣ ହେଇଛି ? ଆରେ ତୁମର ସବୁକଥା ନିଜ ପ୍ରିୟ ସାଙ୍ଗକୁ ନ କହି ଆଉ କାହାକୁ କହିବ ଯେ ? ପ୍ଲିଜ..ଆଲୋକ, କୁହ ମୋତେ.."

ଶିଖାର କଥା ଶୁଣି ଆଲୋକର ସ୍ୱର କ୍ଷୀଣ ଏବଂ କୋହ ପୂର୍ଣ୍ଣ ହେବାକୁ ଲାଗିଲା । କାନ୍ଦ କାନ୍ଦ ସ୍ୱରରେ ସେ କେବଳ କହିଲା, " ଶିଖା...."

ଆଲୋକର ଏପ୍ରକାର ସ୍ୱର ଶୁଣି ଶିଖା ଆହୁରି ଚିନ୍ତିତ ଓ ଭୟାତୁର ହେଇପଡିକହିଲା, " ଆଲୋକ.. ତୁମେ କାନ୍ଦୁଛ ଯେ ? ପ୍ଲିଜ, କାନ୍ଦନିରେ କ'ଣ ହେଇଚି କୁହ ମୋତେ । ମୁଁ ତୁମ ସାଙ୍ଗ ଟି । ମୁଁ ଅଛି ନାଁ ତୁମ ସହ । କ'ଣ ହେଇଚି କୁହ । ମୁଁ ତୁମକୁ ନିଶ୍ଚୟ ସାହାଯ୍ୟ କରିବି । ସବୁ ଠିକ୍ ହେଇଯିବ । ଆଗ କାନ୍ଦ ବନ୍ଦ କର ଆଉ ତାପରେ ଆରାମସେ କୁହ କ'ଣ ହେଇଚି.."

ସେଇ କାନ୍ଦ କାନ୍ଦ ସ୍ୱରରେ ଆଲୋକ କହିଲା, "କେମିତି କହିବି ଜାଣିପାରୁନିରେ ..."ଏଥର ଆଦେଶ ଦେବା ଭଙ୍ଗୀରେ ଶିଖା କହିଲା, " ଆରେ ତୁମେ କାନ୍ଦ ବନ୍ଦ କଲ ଆଗ । ଆଉ କିଛି ଚିନ୍ତା ନ କରି ନିଃସଙ୍କୋଚରେ କ'ଣ ହେଇଚି କୁହ ମୋତେ । ତୁମକୁ ମୋ ରାଣ । ସତ କୁହ " କାନ୍ଦ ବନ୍ଦ କରି ଜୋରରେ ନିଶ୍ୱାସ ଛାଡି ଅପେକ୍ଷାକୃତ ଭାରି କଣ୍ଠରେ କହିଲା ଆଲୋକ, " ହଉ ଠିକ୍ ଅଛି, କହୁଛି ଶୁଣ । ପ୍ରକୃତ କଥା ହେଲା, ଶିଖା, ମୁଁ ଗୋଟେ ଭୁଲ କରିଦେଇଛି । ଭୁଲ ନୁହଁ ତ ବରଂ ଗୋଟେ ମସ୍ତବଡ

ପାପ କରିଦେଇଛି .. ।"

ଚିଡିଯାଇ ଶିଖା କହିଲା, " ଭୁଲ ? ପାପ ? କ'ଣ ଇଆଡୁ ସିଆଡୁ କହୁଛ ? ମୋତେ ସଫା ସଫା କୁହ ଆଲୋକ କ'ଣ ହେଇଛି । "

ଏଥର ଛାତିକୁ ପଥର କରି ଦୃଢ଼ ଏବଂ କୋହପୂର୍ଣ୍ଣ ସ୍ୱରରେ ଆଲୋକ କହିଲା, " ମୋତେ କ୍ଷମା କରିଦିଅ, ଶିଖା । ମୁଁ ଜାଣିଛି ତୁମ ପାଇଁ ଆମ ଦିଜଣଙ୍କ ସମ୍ପର୍କ କେବଳ ବନ୍ଧୁତ୍ୱର ସମ୍ପର୍କ, ହେଲେ ମୁଁ ମୋ ଅଜାଣତରେ ସେ ସମ୍ପର୍କରୁ ଦୁଇପାଦ ଆଗକୁ ଚାଲିଗଲିଣି । ମୋ ପାଇଁ ତୁମେ ଆଉ କେବଳ ବନ୍ଧୁ ହେଇ ରହି ନାହଁ । ତୁମକୁ ନେଇ ମୁଁ ମୋ ଭବିଷ୍ୟତର ସ୍ୱପ୍ନ ଦେଖିବା ଆରମ୍ଭ କରିସାରିଲିଣି । ତୁମ ପ୍ରେମରେ ପଡିଗଲିଣି ସମ୍ପୂର୍ଣ୍ଣ ଭାବେ । ମୁଁ ତୁମକୁ ବହୁତ ଭଲ ପାଏରେ, ଶିଖା.... "

ବାସ, ଆଲୋକ ଠୁ ଏତିକି ଶୁଣିବା ମାତ୍ରେ, ସତେ ଯେମିତି, ଚଡକ ପଡିଲା ଶିଖା ମୁଣ୍ଡ ଉପରେ । ଫୋନକୁ ଧରିଥିବା ହାତ ଟି ହଠାତ୍ ଥରିବାକୁ ଲାଗିଲା । ଅଜାଣତରେ ଶିଖା ଆଖିରୁ ଦୁଇଟୋପା ଲୁହ, ଗାଲ ଦେଇ ଗଡି ଆସି, ଥୋଡ଼ି ପାଖରେ ଓହଳି ପଡିଲେ ।

ମୁହୂର୍ତ୍ତକ ଭିତରେ ଶିଖା ଆଖି ଆଗରେ ଭାସି ଆସିଲା ଢେର ସାରା ଭାବନା.......

× × × × × × × × × × × × × × × × × × × × × ×

ବାପା କେବେ ମୁହଁ ଖୋଲି ନକହିଲେ ବି ତାଙ୍କ ଆଖିରେ ଶିଖା ନିଜ ପ୍ରତି ଥିବା ବିଶ୍ୱାସକୁ ଦେଖିଚି ।

" ଝିଅ ମୋର କେବେ ମୋ ନାଁ ପକେଇବନି । ମୋ ରକ୍ତ ଆଉ ସଂସ୍କାର ଉପରେ ମୋର ପୁରା ବିଶ୍ୱାସ । ସେ କେବେ ଏମିତି କିଛି କରିବନି ଯୋଉଥିରେ ତା ବାପାର ସମ୍ମାନରେ ଆଞ୍ଚ ଆସିବ । ପ୍ରେମ କି ଭଲ ପାଇବା ଚକରରେ ନପଡ଼ି ସେ ସେଇଠି ବାହାହବ ଯୋଉଠି ତା ବାପା ରାଜି ହେବେ । " ଏକଥା ବାପା ସବୁବେଳେ କୁହନ୍ତି ।

ପରିବାର ଲୋକେ କହିବାର ଶିଖା ଶୁଣିଚି, " ଆମ ଗୁଗୁଲି (ଶିଖାର ଶ୍ରଦ୍ଧା ନାମ) ଟା ଭାରି ଫୁଲେଇ । ନାକ କାନ୍ଦୁରିଟା । ଏତେ ବଡ଼ ହେଲାଣି ତଥାପି ତାର ପିଲାଳିଆମୀ ଯାଇନି । ସେ ଯୋଉ ଆଜିକାଲିକା ପ୍ରେମ ଫେମ ଆ ଦେଇ ହବନି କି ଏ ବି ଜମା ବାହା ହେଇ ଘର ଛାଡିବାକୁ ରାଜି ହବନି । "

ସାଙ୍ଗ ମାନେ ଥଟା କରି କୁହନ୍ତି, " ଶିଖା ତୁ ଟିକେ ମେକଅପ ନଉନୁ ଲୋ । ଭଲ ହେୟାର ଷ୍ଟାଇଲ କରୁନୁ, ତୋ ଆଇ ବ୍ରୋ ସେଭ କରୁନୁ, ମୁହଁରେ ମୁଲତାନି ମାଟି ଲଗଉନୁ ଲୋ ଟିକେ । ଆମେ ଯେମିତି କହୁଚୁ ତୁ ଯଦି ସେମିତି କରିବୁ ତ ତୋ ପଛରେ ପୁଅ ମାନଙ୍କ ଧାଡି ଲାଗିବ । କଲେଜ ଜୀବନରେ ତୁ ଟିକେ ପ୍ରେମରେ ଗୋଡ଼ ଖସେଇବୁ ନା । ଏବେ ଏସବୁ କରିବୁନି ତ ଆଉ କ'ଣ ବାହା ହେଲା ପରେ କରିବୁ ? "

ଶିଖାର ସବୁଠୁ ଭଲ ସାଙ୍ଗ ରାଧା ତାକୁ କୁହେ, " ହେଇଲୋ ଫୁଲେଇ, କହିଦଉନୁ ମୋତେ ତୁ ଆଲୋକକୁ ଭଲ ପାଉ ବୋଲି । କଲେଜ ଜୀବନର ଦୁଇବର୍ଷ ତ ଏକାଠି କାଟିସାରିଲଣି । ଏବେ ତ ଗୋଟିଏ କଲେଜରେ ପଢୁଛ ଆଉ ଏକାଠି କୋଚିଂ ନଉଛ । ଦିନକୁ ଛଅରୁ ସାତ ଘଣ୍ଟା ଏକାଠି କଟୁଥିବ ତୁମର । ଏତେ ନିକଟତର ହେଇକି ବି କ'ଣ ତୁ କେବେ ତା ପ୍ରତି ପ୍ରେମ ଭାବନା ଆଣିନୁ ? ନିଶ୍ଚୟ ଆଣିଥିବୁ ନା । ଫୁଲେଇ ଲାଜରେ କହୁନୁ ତୁ ମୋତେ ମୁଁ ଜାଣିଚି । ଆଲୋ କହିଦେଲୋ ଟିକେ..."

ଶିଖାର ନିଜ ମନ କିନ୍ତୁ ତାକୁ କିଛି ଅଲଗା କଥା କହୁଥାଏ ।

" ଶିଖା ତୁ ଅଭିଶପ୍ତ । ତୋର ଏ ଜୀବନ ଅଭିଶପ୍ତ । ଅଭିଶପ୍ତ ଝିଅଟେ ତୁ । ଅଭିଶପ୍ତ ପ୍ରେମିକା ଟେ ତୁ । ଭଗବାନଙ୍କ ଠୁ ପ୍ରେମ ପାଇଁ ଅନୁମତି ପାଇସାରିଥିଲେ ବି, ପ୍ରେମ ପାଇଁ ସବୁ ଗୁଣ ଧାରଣ କରିଥିଲେ ବି, ପ୍ରେମ ଶବ୍ଦ ତୋ ଜୀବନ ପାଇଁ ଗୋଟେ ଭୁଲ । ଓଡ଼ିଆ ବକ୍ତୃତାରେ କଲେଜ ସ୍ତରରେ ସବୁବେଳେ ପ୍ରଥମ ହଉଥିଲେ ବି, ସବୁ ବିଷୟ ସବୁ ଶବ୍ଦକୁ ଭଲ ଭାବେ ବୁଝେଇ ପାରୁଥିବାର କ୍ଷମତା ରଖୁଥିଲେ ବି , ପ୍ରେମ ତୋ ପାଇଁ ଜିଭରେ ଧରି ହଉନଥିବା ଖରାପ ଶବ୍ଦଟିଏ । କାହା ଆଗରେ କିଛି କହିପାରିବୁନି ଏ ଶବ୍ଦ ବିଷୟରେ । କାହାକୁ ବୁଝେଇ ପାରିବୁନି ଏ ଶବ୍ଦ ବିଷୟରେ । ଏମିତିଆ ଅଭିଶପ୍ତ ଜୀବନ ତୋର ଶିଖା । ଆଉ ତାଠୁ ବଡ଼ ଅଭିଶାପ ତୋ ପାଇଁ ତୋ

ବଡ଼ ଜାତି । ବ୍ରାହ୍ମଣ ଘର ଝିଅ ତୁ । ତୋ ପାଇଁ ପ୍ରେମ ଠୁ ବଡ଼ ଆଗ ତୋ ଜାତି । କାହାକୁ ପ୍ରେମ କରିବା ପୂର୍ବରୁ ତୋତେ ଆଗ ଦେଖିବାକୁ ପଡିବ ସେ ତୋ ଜାତିର କି ନୁହେଁ । ନହେଲେ ତୋ ପରିବାର ଆଉ ଜାତିର ସମ୍ମାନ ହାନି ହବ ଯେ । ତୁ ଗୋଟେ କଳଙ୍କିନି ପାଲଟିଯିବୁ ତୋ ଜାତି ଆଉ ତୋ ପରିବାର ପାଇଁ । ତୁ ଗୋଟେ ସଂସ୍କାରି ଝିଅ । ହେଲେ ତୁ ଏକଥା ଭୁଲିନୁ ଯେ ତୋ ଦେହରେ ତୋ ବାପାଙ୍କ ସଂସ୍କାର ଆଉ ରକ୍ତ ବହିବା ସହ ନାରୀଙ୍କ ଦେହର ହରମୋନ ବି କ୍ଷରିତ ହଉଛି । ଝିଅଟେ ହିସାବରେ ପୁଅଙ୍କ ପ୍ରତି ଆକର୍ଷଣ ବି ଟିକେ ଅଛି । ପ୍ରେମ କରିବାର ପିପାସା ବି ଅଛି । କିନ୍ତୁ ଏକଥା ତୁ ବାପାଙ୍କୁ କି ପରିବାର ଲୋକଙ୍କୁ କହିପାରିବୁନି । କାହିଁକିନା ସେମାନେ ଏହାକୁ ଭାବିବେ ଏକ ମସ୍ତବଡ଼ ଭୁଲ । ପ୍ରକୃତିର କୃତି, ଭଗବାନଙ୍କ ପବିତ୍ର ବରଦାନକୁ ସେମାନେ ଭାବିବେ ପାପ । ମନର କଥା ସବୁକୁ ରକ୍ତ ସମ୍ପର୍କୀୟ ସବୁଠୁ ନିଜ ଲୋକଙ୍କୁ ହିଁ ପ୍ରଥମେ ତୁ ଲୁଚେଇବୁ, ଏଇଟା ବି ତୋ ପାଇଁ ଅଭିଶାପ । ନିଜକୁ ଆଇନାରେ ଦେଖେଲୋ ଶିଖା, ତୁ ସିନା କାହାକୁ ପ୍ରେମ କରିପାରୁ ହେଲେ ସାମ୍ନା ବାଲା ବି ତ ତୋତେ ପ୍ରେମ କରିବା ଦରକାର । ସେ କ'ଣ ତୋ ମନକୁ ବୁଝିବ ? ତୋ ଅନ୍ତରକୁ ପଢିବ ? ଆରେ ସେ ତ ଆଗ ଦେଖିବ ତୋ ଶରୀରକୁ । ଆଉ ତୁ କ'ଣ ପ୍ରେମ ପାଇବା ପାଇଁ ଆବଶ୍ୟକୀୟ ଆକର୍ଷଣୀୟ ଶରୀର ପାଇଛୁ ? ନାଇଁ ନା... ଶ୍ୟାମଳ ବର୍ଣ୍ଣ ଆଉ ଅନାବଶ୍ୟକ

ଓଜନ ବୃଦ୍ଧି ତୋ ଶରୀରକୁ ପ୍ରେମ ପାଇବା ପାଇଁ ଅନୁପଯୁକ୍ତ ଦର୍ଶାଉଛନ୍ତି । ଏଇଟା ବି ତୋ ପାଇଁ ବଡ଼ ଅଭିଶାପ । ମୁଁ ଜାଣିଚି ଲୋ ଶିଖା, ତୁ ବି ଆଲୋକକୁ ଭଲ ପାଉ । ତାକୁ ପ୍ରେମ କରୁ । କାହିଁକିନା ସେ ତୋତେ ବୁଝେ, ତୋ ଅନ୍ତରକୁ ପଢ଼ିପାରେ । ହେଲେ ମୁଁ ଏକଥା ବି ଜାଣିଚି ଯେ ତୁ ନିଜେ ତୋ ପ୍ରେମକୁ ଏଯାଏଁ ବୁଝିପାରିନୁ । କାହିଁକିନା ଏ ପ୍ରେମର ମିଠା ସ୍ୱାଦକୁ ବୁଝିବା ଆଗରୁ ତୋ ଆଖି ଆଗକୁ ଆସୁଛି ଭବିଷ୍ୟତର ତିକ୍ତ ପରିଣାମ । ଏ ପ୍ରେମ ଚକରରେ ତୋ ଭବିଷ୍ୟତ ନଷ୍ଟ ହେଇଜିବନି ତ ? ଆଲୋକ ଅନ୍ୟ ଜାତିର ହେଇଥିବାରୁ ସମାଜ ତୁମକୁ ବହିଷ୍କାର କରିବନି ତ ? ତୋର ଏ କାମ ପାଇଁ ତୋ ବାପା ଆଉ ମୁଣ୍ଡ ଟେକି ବାଟ ଚାଲିପାରିବେ ତ ? ସମସ୍ତେ ଦୁଃଖ ଆଉ କଷ୍ଟ ପାଇବେ ତୋର ଏଇ ଗୋଟିଏ ଭୁଲ ପାଇଁ । ନା.. ନା... ଥାଉ...ତୋର ଏ ପ୍ରେମ କରିବା କିଛି ଦରକାର ନାହିଁ । ତୁ ସବୁ ଜାଣିକି ବୁଝିକି ବି ତୋ ପ୍ରେମକୁ ଅସ୍ୱୀକାର କରିବାକୁ ତୁ ବାଧ୍ୟ । ଆଠୁ ବଡ଼ ଅଭିଶାପ ଆଉ କ'ଣ ହେଇପାରେ ତୋ ପାଇଁ । ଅଭିଶପ୍ତ ପ୍ରେମିକା ଟେ ଲୋ ତୁ ଶିଖା । ଅଭିଶପ୍ତ ପ୍ରେମିକା ହଉଛୁ ତୁ । "

× × × × × × × × × × × × × × × × × × × × × × ×

ଆଲୋକ କହିଚାଲିଥାଏ.........

" ମୁଁ ଜାଣିଚି, ଶିଖା ତୁମେ ଏବେ କ'ଣ ଭାବୁଛ । ତୁମର ସବୁଠୁ ଭଲ ସାଙ୍ଗ

ହିସାବରେ ତୁମ ମନ କଥା ମୋଠୁ ବେଶି ଆଉ କିଏ ଜାଣିବ ଯେ । ବ୍ୟସ୍ତ ହୁଅନି ତୁମେ । ସାଙ୍ଗ ହିସାବରେ ଆଜି ମୁଁ ମୋର ଶେଷ କର୍ତ୍ତବ୍ୟ କରିବାକୁ ଯାଉଛି । ତୁମକୁ ବେଶି କଷ୍ଟ ସହିବାକୁ ପଡ଼ିବନି ଆଉ । ତୁମ ଜୀବନରୁ ସବୁଦିନ ପାଇଁ ଦୂରେଇ ଯାଉଛି ମୁଁ । କାହିଁକି ନା ଏକା ତୁମେ ନୁହଁ, ମୁଁ ବି ଗୋଟେ ଅଭିଶପ୍ତ ପ୍ରେମିକ । ରହିଲି ଶିଖା, ଦୟାକରି ଆଉ କେବେ ମୋ ସହ କଥା ହବାକୁ ଚେଷ୍ଟା କରିବନି । ଭଗବାନ ତୁମକୁ ଖୁସିରେ ରଖନ୍ତୁ ।" ଫୋନଟି କଟିଗଲା ସେପଟୁ ଅଥଚ ଶିଖା ସେମିତି ଫୋନକୁ କାନରେ ଦେଇ ମୂକଙ୍କ ପରି ଠିଆ ହେଇଥାଏ । କାନରେ ଶୁଭୁଥାଏ, ଅଭିଶପ୍ତ ପ୍ରେମିକା ଟେ ଲୋ ତୁ, ଅଭିଶପ୍ତ ପ୍ରେମିକା ଟେ ହଉଛୁ ତୁ । ଥୋଡ଼ିରେ ଓହଳିଥିବା ଲୁହ ଏବେ ଯାଇ ଥପ ଥପ ହେଇ ଶିଖାର ପାଦରେ ପଡିଲା ।

*****

ବିରିଡି, ଜଗତସିଂହପୁର

ପ୍ରିୟ ପାଠକ/ପାଠିକା,

- ପ୍ରେରଣା ଇ-ପତ୍ରିକାର ଏହା ଜୁଲାଇ- ୨୦୨୦ ସଂସ୍କରଣ । ଏହି ସଂସ୍କରଣଟି ଆପଣଙ୍କୁ କିପରି ଲାଗିଲା ଆମକୁ ନିଶ୍ଚିନ୍ତ ଜଣାନ୍ତୁ ।
- ପ୍ରିୟ ଲେଖକ/ଲେଖିକା ମାନଙ୍କୁ ଉତ୍ସାହିତ କରିବା ପାଇଁ ତଥା ପତ୍ରିକାକୁ ଅଧିକ ସରସ ସୁନ୍ଦର କରିବାରେ ଆପଣଙ୍କ ସୁଚିନ୍ତିତ ମତାମତ ନିତ୍ୟାନ୍ତ ଆବଶ୍ୟକ ।
- ପ୍ରକାଶନରେ ହୋଇଥିବା କୌଣସି ତ୍ରୁଟି ଆମକୁ ଜଣାଇଲେ ପରବର୍ତ୍ତୀ ସଂସ୍କରଣରେ ତା'ର ମାର୍ଜନା ପ୍ରତି ଯତ୍ନବାନ ହେବୁ ।

ଆପଣଙ୍କ ମତାମତ ପ୍ରେରଣା ୱେବସାଇଟରେ www.preranaodia.com/feedback ପ୍ରଦାନ କରିବାକୁ ଅନୁରୋଧ ।

Prerana e-Store

*The Ultimate Bookshop*

https://store.preranaodia.com/